# ଖିଲାଫତର ମହତ୍ତ୍ୱପୂର୍ଣ୍ଣ ଭୂମିକା, ପଦମର୍ଯ୍ୟାଦା, ଏହାର ଉପକାରୀତା ସାଂପ୍ରତିକ ଖଲିଫାଙ୍କ ପ୍ରତି ପ୍ରେମ ଓ ଆଜ୍ଞାପାଳନ ଏବଂ ଆମମାନଙ୍କ କର୍ତ୍ତବ୍ୟ

ପ୍ରକାଶକ
ନଜାରତ୍ ନଶ୍ରୋ ଇଶାଅତ କାଦିୟାନ



# ଖିଲାଫତର ମହତ୍ତ୍ୱପୂର୍ଣ୍ଣ ଭୂମିକା, ପଦମର୍ଯ୍ୟାଦା, ଏହାର ଉପକାରୀତା

# ସାଂପ୍ରତିକ ଖଲିଫାଙ୍କ ପ୍ରତି ପ୍ରେମ ଓ ଆଜ୍ଞାପାଳନ ଏବଂ ଆମମାନଙ୍କ କର୍ତ୍ତବ୍ୟ

(ଖିଲାଫତ୍‌କା ଅଜିମୁଶ୍‌ଶାନ୍ ମକାମ୍ ଓ ମର୍‌ତବା, ଉସ୍‌କୀ ବରକାତ୍,
ଖଲିଫା ଏ ୱକ୍ତ୍ କୀ ମୋହବତ୍ ଓ ଇତାଅତ୍ ଔର୍ ହମାରୀ ଜିମ୍ମାଦାରିୟାଁ)

ପ୍ରକାଶକ
**ନଜାରତ୍ ନଶ୍‌ରୋ ଇଶାଅତ୍, କାଦିୟାନ**

# ଖିଲାଫତ୍‌ର ମହତ୍ତ୍ୱପୂର୍ଣ୍ଣ ଭୂମିକା ଓ ପଦମର୍ଯ୍ୟାଦା, ଏହାର ଉପକାରୀତା, ସାଂପ୍ରତିକ ଖଲିଫାଙ୍କ ପ୍ରତି ପ୍ରେମ ଓ ଆଜ୍ଞାପାଳନ ଏବଂ ଆମମାନଙ୍କ କର୍ତ୍ତବ୍ୟ


ମୂଳ ଉର୍ଦ୍ଦୁ : 'ଖିଲାଫତ୍‌କା ଅଜିମୁଶ୍‌ଶାନ୍ ମକାମ୍ ଓ ମର୍‌ତବା, ଉସ୍‌କୀ ବରକାତ୍, ଖଲିଫା ଏ ୱକ୍ତ୍ କୀ ମୋହବତ୍ ଓ ଇତାଅତ୍ ଔର୍ ହମାରୀ ଜିମ୍ମାଦାରିୟାଁ'

ସଂକଳକ : **ମୌ.ସୟଦ ଆଫତାବ୍ ଅହମଦ ନୟର ଏବଂ ମୌ. ମୁହମ୍ମଦ ଆରିଫ୍ ରବ୍‌ବାନୀ,** (ଏଚ୍.ଏ.) କାଦିୟାନ

ଅନୁବାଦକ : **ଅନଓ୍ୱର ଅହମଦ ଖାନ୍,** ଏମ.ଏ.(ଓଡ଼ିଆ) ଇନଚାର୍ଜ ଓଡ଼ିଆ ଡେ଼ସ୍କ କାଦିୟାନ

ପ୍ରକାଶକ : ନଜାରତ ନଶରୋ ଇଶାଅତ୍, ସଦର ଅଞ୍ଜୁମନ ଅହମଦିୟା କାଦିୟାନ,ଜିଲ୍ଲା: ଗୁରୁଦାସ୍‌ପୁର, ପଞ୍ଜାବ (ଭାରତ)-୧୪୩୫୧୬

ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ)

ପ୍ରକାଶନ ବର୍ଷ : ୨୦୧୯, ପ୍ରଥମ ଓଡ଼ିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା: ୧୦୦୦)


## KHILAFAT KA AZIMUSH SHAN MUQAM-O-MARTABA, IS KI BARKAT, KHALIFA-E-WAQT KI MUHABBAT-O-ITA'AT AUR HAMARI ZIMMEDARIAN


*Compiled by* : **Mlv. Sayed Aftab Ahmad Nayyar and Mlv. Muhammad Arif Rabbani** H.A

*Translated to Odia* : **Mlv. Anwar Ahmad Khan**, M.A. (Odia) In charge, Odia Desk, Qadian

*Published by* : NAZARAT NASHR-O-ISHA'AT, Qadian Dist.Gurdaspur, Punjab (India) - 143516

*Year of Publication* : 2019 First Edition in Odia (1000 copies)

*Printed at* : Fazle Umar Printing Press, Qadian (India)



*No part of this translation and commenrtary may be reprduced in any form without prior permission from the Publisher, except for the quotation of brief passages in criticism.*

# ମୁଖବନ୍ଧ

ଅହମଦିୟା ମୁସଲିମ ଜମାଅତ ଆଜି ଏହି ଗୌରବର ଅଧିକାରୀ ହୋଇଛି ଯେ ହଜରତ ମସିହ ମଉଦ[ଅସ]ଙ୍କ ଉତ୍ତାରେ ୧୦୮ ବର୍ଷ ହେଲା ଖିଲାଫତର ପବିତ୍ର ଐଶି ବ୍ୟବସ୍ଥା ପ୍ରଚଳିତ ହୋଇ ଆସୁଛି । ଏହା ଅହମଦିୟା ଜମାଅତ ପ୍ରତି ଅଲ୍ଲାଙ୍କର ମହାନ କରୁଣା । ଆଜି ସମଗ୍ର ବିଶ୍ୱ ଏହି ଐଶ୍ୱରିକ ପୁରସ୍କାରର ସୌଭାଗ୍ୟରୁ ବଞ୍ଚିତ ରହିଛି ଏବଂ ଏହାର ପ୍ରତିଷ୍ଠା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଛି । ମାତ୍ର ସଂସାରିକ କ୍ଷେତ୍ରରେ ଶତ ଚେଷ୍ଟା କଲେ ମଧ୍ୟ ଯେପର୍ଯ୍ୟନ୍ତ ସ୍ୱୟଂ ଈଶ୍ୱର ଏହାକୁ ଜାରି ନକରିଛନ୍ତି, ଏହି ବ୍ୟବସ୍ଥା କଦାପି ପ୍ରତିଷ୍ଠା ହୋଇପାରିବ ନାହିଁ ।

ଅଲ୍ଲାଃଙ୍କ ଅସୀମ କୃପାରୁ ଅହମଦିୟା ଜମାଅତ ହିଁ କେବଳ ସେହି ସୌଭାଗ୍ୟଶାଳୀ ଜମାଅତ, ଯାହା ମଧ୍ୟରେ ଅଲ୍ଲାଃତାଲା ଏହି ଆଶୀଷଦାୟକ ବ୍ୟବସ୍ଥା ପ୍ରଚଳନ କରିଛନ୍ତି । ଏହା ମାଧ୍ୟମରେ ବିଶ୍ୱବ୍ୟାପୀ ଜମାଅତର ଶିକ୍ଷାଦୀକ୍ଷା, ନୈତିକ ଓ ଚରିତ୍ରିକ ସଂସ୍କାର ବ୍ୟତୀତ ପ୍ରଚାର ଓ ପ୍ରସାର କାର୍ଯ୍ୟକୁ ଆଧୁନିକ ଗଣମାଧ୍ୟମ ଦ୍ୱାରା ତ୍ୱରିତ ବେଗରେ କରାଯାଇ ପାରୁଛି । (ଈଶ୍ୱର ହିଁ ପ୍ରଶଂସିତ)

ସୁତରାଂ ଖିଲାଫତର ମହତ୍ତ୍ୱ ଓ ଉପକାରକୁ ଦୃଷ୍ଟିରେ ରଖି ଏଥିପ୍ରତି ଜମାଅତର ଲୋକମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ଧ୍ୟାନ ଆକର୍ଷଣ କରିବା ପାଇଁ ନଜାରତ ନଶରୋ ଇଶାଅତ, କାଦିୟାନ ହଜରତ ଖଲିଫତୁଲ ମସିହ ପଞ୍ଚମ [ଅବ]ଙ୍କ ଦ୍ୱାରା ଗୃହୀତ ୨୦୧୫ ମସିହାରେ ଅନୁଷ୍ଠିତ ମଜଲିସ୍ ଶୁରାରେ ଆଗତ ହୋଇଥିବା ପ୍ରସ୍ତାବ ଅନୁଯାୟୀ ଏକ ପୁସ୍ତିକା 'ଖିଲାଫତ୍‌କା ଅଜିମୁଶ୍‌ଶାନ୍ ମକାମ୍ ଓ ମର୍‌ତବା, ଉସ୍‌କୀ ବରକାତ୍, ଖଲିଫା ଏ ୱକ୍ତ୍ କୀ ମୋହବତ୍ ଓ ଇତାଅତ୍ ଔର୍ ହମାରୀ ଜିମ୍ମାଦାରିୟାଁ' ଶୀର୍ଷକରେ ପ୍ରସ୍ତୁତ କରାଇଛନ୍ତି ।

ଏହାର ଓଡ଼ିଆ ଅନୁବାଦ କରିଛନ୍ତି ଶ୍ରୀମାନ ଅନ୍‌ୱର ଅହମଦ ଖାନ୍, ଏମ୍. ଏ ଇନ୍‌ଚାର୍ଯ୍ୟ ଓଡ଼ିଆ ଡ଼େସ୍କ, କାଦିୟାନ ଏବଂ ଏହାର ସମୀକ୍ଷା କାର୍ଯ୍ୟ ରିଭ୍ୟୁ କମିଟି ଓଡ଼ିଶାଙ୍କ ଦ୍ୱାରା ସଂପନ୍ନ କରାଯାଇଛି । ଏହି ଅନୁବାଦିତ ପୁସ୍ତିକାର ନାମ: 'ଖିଲାଫତ୍‌ର ମହତ୍ତ୍ୱପୂର୍ଣ୍ଣ ଭୂମିକା ଓ ପଦମର୍ଯ୍ୟାଦା, ଏହାର ଉପକାରୀତା, ସଂପ୍ରତିକ ଖଲିଫାଙ୍କ ପ୍ରତି ପ୍ରେମ ଓ ଆଜ୍ଞାପାଳନ ଏବଂ ଆମମାନଙ୍କ କର୍ତ୍ତବ୍ୟ' ରଖାଯାଇଛି । ଜମାଅତର ଭାଇଭଉଣୀମାନଙ୍କ ସକାଶେ ଅଲ୍ଲାଃତାଲା ଏହି ପୁସ୍ତିକାକୁ ପ୍ରତ୍ୟେକ ଦୃଷ୍ଟିକୋଣରୁ ସମୃଦ୍ଧଶାଳୀ ଓ ଲାଭପ୍ରଦ କରାନ୍ତୁ । ଆମିନ୍ ।

**ନାଜର୍ ନଶ୍‌ରୋ ଇଶାଅତ୍, କାଦିୟାନ**

# ମର୍ଯ୍ୟାଦାସୂଚକ ଉକ୍ତି

**ସଅ** – (ସ୍ୱଲ୍ଲଲ୍ଲାହୁ ଅଲୈହେ ଓ୍ୱସଲ୍ଲମ୍) ଅର୍ଥାତ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମୁହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

**ଅସ** – (ଆଲୈହିସ୍ ସଲାତୁ ଓ୍ୱସ୍‌ସଲାମ୍) ଅର୍ଥାତ 'ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ' । ଏହା ସମସ୍ତ ଅବତାର, ନବୀ, ବାର୍ତ୍ତାବହ ବା ପୟଗମ୍ବରଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

**ରଅ** – (ରଜିଅଲ୍ଲାଃ ତା'ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧିକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ପ୍ରଭୁପ୍ରିୟ ବ୍ୟକ୍ତିତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

**ରଉ** – (ରହମହୁଲ୍ଲାହୁତା'ଲା) ଅର୍ଥାତ 'ଈଶ୍ୱରଙ୍କ କରୁଣା ତାଙ୍କ ପ୍ରତି ସଦୈବ ଉନ୍ନୀତ ହେଉ ।' ଏହା ମଧ୍ୟ ମୁସଲିମ ଆଧ୍ୟାତ୍ମିକବାଦୀ ସନ୍ଥ ତଥା ଖଲିଫାଙ୍କ ନାମ ସହିତ ଉଚ୍ଚାରଣ କରିବାକୁ ହୁଏ ।

**ଅବ** – (ଅୟଦହୁଲ୍ଲାହୁ ତା'ଲା ବେନସରିହିଲ୍ ଅଜୀଜ୍) ଅର୍ଥାତ 'ଈଶ୍ୱର ତାଙ୍କର ସାହାଯ୍ୟକାରୀ ହୁଅନ୍ତୁ ।' ଏହା ଏକ ଆଶୀର୍ବାଦ ସୂଚକ ଉକ୍ତି, ଯାହା କେବଳ ବର୍ତ୍ତମାନ ଜୀବିତ ଥିବା ଖଲିଫା ଓ ସର୍ବୋଚ୍ଚ ଧର୍ମଗୁରୁ ବା ଧର୍ମାତ୍ମାଙ୍କ ନାମ ସହିତ ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦାସୂଚକ ସଂକେତ ସଂପୃକ୍ତ ମହାପୁରୁଷମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

# ପରିଚୟ

ଅଲ୍ଲାଃତାଲା ମାନବ ଜନ୍ମର ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ଅବତାରମାନଙ୍କୁ ଧରାପୃଷ୍ଠରେ ଅବତୀର୍ଣ୍ଣ କରିବାର ଏକ ପ୍ରକ୍ରିୟା ଜାରି କରିଛନ୍ତି । ସେମାନେ ଅଲ୍ଲାଃଙ୍କ ପ୍ରତିନିଧି ବା ଖଲିଫା ବୋଲାଇଥାନ୍ତି । ସେମାନେ ମନୁଷ୍ୟକୁ ସତ୍‌ପଥରେ ପରିଚାଳିତ କରିବା ପାଇଁ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରି ଦେଇଥାନ୍ତି । ପୁଣି ଏକ ଦୀର୍ଘ ପ୍ରଚେଷ୍ଟା ପରେ ଅଲ୍ଲାଃଙ୍କ ଏହି ଶାନ୍ତିଦୂତଗଣ ଏକ ଐଶ୍ୱରିକ ସମ୍ପ୍ରଦାୟର ଭିତ୍ତି ସ୍ଥାପନ କରିବା ପରେ ଅନ୍ୟ ମନୁଷ୍ୟଙ୍କ ପରି ସ୍ୱାଭାବିକ ଭାବେ ଏହି ଧରାପୃଷ୍ଠରୁ ଚିରଦିନ ପାଇଁ ବିଦାୟ ନେଇଥାନ୍ତି । 'ଇନ୍ନା ଲିଲ୍ଲାଃ ଓ୍ୱଇନ୍ନା ଇଲୈହି ରାଜେଉନ୍ ।'

ଅବତାରଙ୍କ ଦେହାବସାନ ହେବା ପରେ ସେମାନଙ୍କ ଅନୁଗାମୀମାନଙ୍କ ଅବସ୍ଥା ବଞ୍ଚିଥାଇ ବି ମୃତବତ୍ ହୋଇ ଯାଇଥାଏ । ଏପରିକି ସେମାନେ ବିଚଳିତ ଓ ଅସ୍ତବ୍ୟସ୍ତ ହୋଇଯାଆନ୍ତି । ଶତ୍ରୁମାନେ ସେମାନଙ୍କ ଏପରି ଅବସ୍ଥା ଦେଖି ଆନନ୍ଦରେ ବିବାହ ମହୁରୀ ବଜାଇଥାନ୍ତି । କିନ୍ତୁ ଏପରି ଅବସ୍ଥାରେ ଅଲ୍ଲାଃତାଲା ସେହି ଅନୁଗାମୀମାନଙ୍କୁ ଅନାଥ ପରି ଛାଡ଼ି ଦେଇ ନଥାନ୍ତି । ବରଂ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତିକୁ ଅବତାରଙ୍କ ଉତ୍ତରାଧିକାରୀ ରୂପେ ଛିଡ଼ା କରି ସେହି ଗୋଷ୍ଠୀକୁ ଧର୍ମସଙ୍କଟରୁ ଉଦ୍ଧାର କରିଥାନ୍ତି । ପୁଣି ଧିରେ ଧିରେ ସେହି ଗୋଷ୍ଠୀ ନିଜ କାର୍ଯ୍ୟ ଓ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥାଏ । ଅଲ୍ଲାଃଙ୍କର ଏହି ଚିରାଚରିତ ପ୍ରଥା ତାଙ୍କର ପ୍ରିୟ ନବୀ ହଜରତ ମୁହମ୍ମଦ[ସଅ]ଙ୍କ ପାଇଁ ମଧ୍ୟ ପ୍ରଚଳିତ ହୋଇଥିଲା । ହଜୁର[ସଅ]ଙ୍କ ଦେହାନ୍ତ ହେବା ପରେ ଅଲ୍ଲାଃତାଲା ହଜରତ ଅବୁବକର[ରଅ]ଙ୍କୁ ପ୍ରଥମ ଖଲିଫା ଭାବରେ ଅବସ୍ଥାପିତ କରାଇ 'ଖିଲାଫତେ ରାଶଦାଃ' ଅର୍ଥାତ ସତ୍ୟ ଉପରେ ପରିଚାଳିତ ଖିଲାଫତ୍ ବ୍ୟବସ୍ଥାର ଶୁଭାରମ୍ଭ କଲେ ଏବଂ ସେହି ଖିଲାଫତ୍ ଦୀର୍ଘ ତିରିଶ ବର୍ଷ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା । ପୁଣି ହଜରତ ମୁହମ୍ମଦ[ସଅ]ଙ୍କ ଭବିଷ୍ୟବାଣୀ ଅନୁଯାୟୀ ତାହାର କ୍ରମାଗତ ଧାରା ଅନ୍ତିମ ଯୁଗ ପର୍ଯ୍ୟନ୍ତ ବିଚ୍ଛିନ୍ନ ହୋଇଗଲା । ଅଲ୍ଲାଃ ଓ ରସୁଲ[ସଅ]ଙ୍କ ପ୍ରତିଶ୍ରୁତିମୂଳକ ଦୈବୀ ସୂଚନା ପୁଣି ଥରେ କାର୍ଯ୍ୟକାରୀ ହୋଇ ଏହି ଖିଲାଫତେ ରାଶଦାଃର ପରମ୍ପରା ଅନ୍ତିମ ଯୁଗରେ ଅବତାରତ୍ୱ ଶୈଳୀରେ ଖିଲାଫତ ବ୍ୟବସ୍ଥା ମସିହ ମଉଦ[ଅସ]ଙ୍କ ଜମାଅତରେ ପୁନଃପ୍ରଚଳନ ହେଲା, ଯାହା ଆଗରୁ ବିଧିନିର୍ଦ୍ଦିଷ୍ଟ ଥିଲା । ଏହାର ବିସ୍ତୃତ ବର୍ଣ୍ଣନା ସ୍ୱଷ୍ଟ ରୂପେ ସୁରଃ ଜୁମାର ନିମ୍ନୋକ୍ତ ପଙ୍କ୍ତିରୁ ଜଣାଯାଉଛି । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନରେ କହିଛନ୍ତି :

هُوَ الَّذِيْ بَعَثَ فِي الْأُمِّيّٖنَ رَسُوْلًا مِّنْهُمْ يَتْلُوْا عَلَيْهِمْ اٰيٰتِهٖ
وَ يُزَكِّيْهِمْ وَ يُعَلِّمُهُمُ الْكِتٰبَ وَالْحِكْمَةَ ۗ وَاِنْ كَانُوْا مِنْ
قَبْلُ لَفِيْ ضَلٰلٍ مُّبِيْنٍ ۙ وَّاٰخَرِيْنَ مِنْهُمْ لَمَّا يَلْحَقُوْا بِهِمْ

**ହୁଅଲ୍‌ଲଜି ବାଆସା ଫିଲ୍‌ଉମ୍ମିୟୀନା ରସୁଲମ୍ ମିନହୁମ୍ ୟତ୍‌ଲୁଆଲୈହିମ୍ ଆୟାତିହୀ ଓ୍ୱୟୁଜକ୍‌କୀହିମ୍ ଓ୍ୱୟୁଅଲ୍ଲିହିମୁଲ୍ କିତାବା ଓ୍ୱଲ୍ ହିକ୍‌ମତା, ଓ୍ୱଇନ୍‌କାନୁ ମିନ୍‌କବ୍‌ଲୁ ଲଫି ଜଲାଲିମ୍ ମୁବୀନ୍ । ଓ୍ୱଆଖରୀନା ମିନ୍‌ହୁମ୍ ଲମ୍ମା ୟଲ୍‌ହକୁ ବିହିମ୍ ।** *(ଅଲ୍ ଜୁମା 62:3,4)*

ଅର୍ଥାତ 'ସେ (ଅଲ୍ଲାଃ) ଅବତାର ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ରସୁଲ ଭାବରେ ପ୍ରେରଣ କଲେ । ସେ ସେମାନଙ୍କୁ ପବିତ୍ର କରାଉଛନ୍ତି ଓ ସେମାନଙ୍କୁ (ଧର୍ମ)ଗ୍ରନ୍ଥ ଓ ତତ୍ତ୍ୱ ଶିକ୍ଷା ପ୍ରଦାନ କରୁଛନ୍ତି । ଅଥଚ ସେମାନେ ଏହା ପୂର୍ବରୁ ସ୍ପଷ୍ଟ ବିଭ୍ରାନ୍ତ ମଧ୍ୟରେ ଥିଲେ ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ୍ୟ ସେ ତାହାକୁ ପ୍ରେରଣ କରିବେ । ସେ ଆମ ରସୁଲ ହଜରତ ମୁହମ୍ମଦ[ସଅ]ଙ୍କ ଛାୟା ସଦୃଶ ଲୋକମାନଙ୍କୁ ସତ୍‌ଶିକ୍ଷା ଓ ପ୍ରେରଣା ଦେବେ, ଯେଉଁ ସମ୍ପ୍ରଦାୟ ଅନୁଚରମାନଙ୍କ ସହିତ ଅଦ୍ୟାବଧି ଯୋଗଦାନ କରିନାହାନ୍ତି । କିନ୍ତୁ ଭବିଷ୍ୟତରେ ନିଶ୍ଚିତ ରୂପେ ସେମାନେ ଅବଶ୍ୟ ମିଳିତ ହେବେ ।'

ଅନୁଚରମାନେ ହଜରତ ମୁହମ୍ମଦ[ସଅ]ଙ୍କୁ ଯେତେବେଳେ ପ୍ରଶ୍ନ କଲେ ଯେ 'ହଜୁର ! ସେମାନେ କିଏ ଯେଉଁମାନଙ୍କ ମଧ୍ୟରେ ଆପଣଙ୍କର ପୁନଃ ଆବିର୍ଭାବ ହେବ ?' ସେତେବେଳେ ପାରସ୍ୟ ଦେଶର ନିବାସୀ ହଜରତ ସୁଲେମାନ[ରଅ] ତାଙ୍କ ନିକଟରେ ବସିଥିଲେ । ହଜୁର[ସଅ] ତାଙ୍କ କାନ୍ଧରେ ହାତ ରଖି କହିଲେ : لَوْ كَانَ الْإِيْمَانُ عِنْدَ الثُّرَيَّا لَنَالَهُ رَجُلٌ مِنْ هٰؤُلَاءِ

**ଲୌକାନଲ୍‌ଇମାନୁ ଇନ୍‌ଦସ୍‌ସୁରୈୟା ଲନାଲହୁ ରଜୁଲୁନ୍ ମିନ୍‌ହାଉଲାଇ ।**

*(ବୁଖାରୀ, କିତାବୁଲ୍ ତଫସିର୍)*

ଅର୍ଥାତ 'ଯଦି କୌଣସି ସମୟରେ ଧର୍ମବିଶ୍ୱାସ ସଂସାରରୁ ଉଠିଯାଇ ସପ୍ତର୍ଷିମଣ୍ଡଳ ପର୍ଯ୍ୟନ୍ତ ପହଞ୍ଚି ଯାଇଥିବ, ତେବେ ପାରସୀୟମାନଙ୍କ ମଧ୍ୟରୁ

ଜଣେ ବ୍ୟକ୍ତି ତାହାକୁ ଭୂପୃଷ୍ଠକୁ ଫେରାଇ ଆଣିବ ।' ଅନ୍ୟ ଏକ ଅବସରରେ ମହାଭାଗ କହିଛନ୍ତି:

**ସଲମାନୁ ମିନ୍ନା ଅହଲଲ୍ ବୟତେ** سَلْمَانُ مِنَّا أَهْلَ الْبَيْتِ

*(ତିବ୍ରାନୀ କବିର ଓ ମୁସତଦରକ ହାକିମ୍)*

ଅର୍ଥାତ 'ସଲମାନ ପାରସୀ ମୋ ଘରର ଜଣେ ସଦସ୍ୟ ।' ସେହି ହଦିସରେ ଏହି ସଙ୍କେତ ଦିଆଯାଇଛି ଯେ ପ୍ରତିଶ୍ରୁତ ମସିହ ଓ ମେହେଦି ପାରସୀୟମାନଙ୍କ ମଧ୍ୟରୁ ଆସିବେ । ଦ୍ୱିତୀୟ ଭବିଷ୍ୟବାଣୀର ତାତ୍ପର୍ଯ୍ୟ ଏହିପରି ମଧ୍ୟ ପୂରଣ ହୋଇଛି ଯେ ହଜରତ ମସିହ ମଉଦ ପ୍ରତିଶ୍ରୁତ ଅବତାର ରୂପେ ହଜରତ ମୁହମ୍ମଦ[ସଅ]ଙ୍କ ବଂଶଧର ମଧ୍ୟରୁ ଜାତ ହେବେ ।

ଏପରି ହଜରତ ମୁହମ୍ମଦ[ସଅ]ଙ୍କର ଶେଷ ଯୁଗରେ ଆବିର୍ଭାବ ହେବା ନିଜର ଏକ ଛାୟା ରୂପରେ ଥିଲା, ଯାହାକୁ ସେ ତାଙ୍କର ଅନୁରୂପ ଭାବରେ ପାରସୀ ବଂଶଜ ହେବାର ଭବିଷ୍ୟବାଣୀ କରିଥିଲେ । ତେବେ ହଜରତ ଅବୁହୁରେରାଃ[ରଅ] ଏହି ପରିପ୍ରେକ୍ଷୀରେ ଅନ୍ୟ କେତେକ ହଦିସ ବର୍ଣ୍ଣନା କରି କହିଛନ୍ତି:

كَيْفَ أَنْتُمْ إِذَا نَزَلَ ابْنُ مَرْيَمَ فِيكُمْ وَإِمَامُكُمْ مِنْكُمْ

**କୈଫା ଅନତୁମ୍ ଇଜା ନଜଲବ୍ନୁ ମର୍‌ୟମା ଫୀକୁମ୍ ୱଇମାମୁକୁମ୍ ମିନ୍‌କୁମ୍** *(ସହି ବୁଖାରୀ କିତାବୁ ଆହାଦିସ୍)*

ଅର୍ଥାତ 'ସେହି ସମୟରେ ତୁମର ଅବସ୍ଥା କ'ଣ ହେବ, ଯେତେବେଳେ ମରିୟମ ନନ୍ଦନ ତୁମମାନଙ୍କ ମଧ୍ୟରେ ଅବତୀର୍ଣ୍ଣ ହେବେ । କ'ଣ ତୁମେ ଜାଣ ଯେ ସେହି ମରିୟମ୍‌ଙ୍କ ପୁତ୍ର କିଏ ? ସେ ତୁମର ଇମାମ ହେବେ ଓ ତୁମମାନଙ୍କ ମଧ୍ୟରେ ଜନ୍ମ ଗ୍ରହଣ କରିବେ ।' ଅନ୍ୟ ଏକ ହଦିସ୍‌ରେ ଏହାକୁ ସ୍ପଷ୍ଟ କରି ମହାଭାଗ କହିଛନ୍ତି ଯେ ସେହି ପ୍ରତିଶ୍ରୁତ ମସିହ ଓ ମେହେଦି ଏକ ଏବଂ ସେ କୌଣସି ଭିନ୍ନ ସତ୍ତା ନୁହନ୍ତି । ଯେପରିକି ହଜରତ ମୁହମ୍ମଦ[ସଅ] କହିଛନ୍ତି وَلَا الْمَهْدِيُّ إِلَّا عِيسَى ابْنُ مَرْيَمَ

**ୱଲଲ୍ ମହଦିୟୁ ଇଲ୍ଲା ଇସବ୍‌ନା ମର୍‌ୟମା ।**

*(ଇବନେ ମାଜା, ପୃଷ୍ଠା ୨୫୭/ କଞ୍ଜୁଲ ଉମ୍ମାଲ, ଭାଗ ୭, ପୃଷ୍ଠା ୧୫୬ )*

ଅର୍ଥାତ 'ମରିୟମ୍ ପୁତ୍ର ଇସାଙ୍କ ବ୍ୟତୀତ ଅନ୍ୟ କେହି ମେହଦି ନୁହନ୍ତି ।' ମସିହ ଓ ମେହଦି ଗୋଟିଏ ବ୍ୟକ୍ତିର ଦୁଇଟି ନାମ ହେବା ହଜରତ ମୁହମ୍ମଦ[ସଅ] ସେହି

ଆଗମନକାରୀ ଇମାମ ମେହଦିଙ୍କର ଅବତରଣ କାଳ ସମ୍ବନ୍ଧରେ ସୂଚନା ଦେଇ କହିଛନ୍ତି:

**اِذَا مَضَتْ اَلْفٌ وَّ مِأَتَانِ وَاَرْبَعُوْنَ سَنَةً يَبْعَثُ اللهُ الْمَهْدِىَّ**

**ଇଜାମଜତ୍ ଅଲଫୁଉଁ ଓ୍ୱମିଆତାନେ ଓ୍ୱଅର୍‌ବଉନା ସନତନ୍ ୟବ୍‌ଅସୁଲ୍ଲାହୁଲ୍ ମହଦୀୟା ।** *(ନଜମୁସ୍ ସାକିବ୍, ଭାଗ ୨, ପୃଷ୍ଠା ୨୦୯)*

ଅର୍ଥାତ 'ଆଜିର ଦିନଠାରୁ ୧ ୨ ୪ ୦ ବର୍ଷ ଅତିବାହିତ ହେବା ପରେ ଅଲ୍ଲାଃତାଲା ସେହି ମେହଦିଙ୍କୁ ଆବିର୍ଭୁତ କରାଇବେ ।'

ସେହି ମସିହ ଓ ମେହଦିଙ୍କ ଆଧ୍ୟାତ୍ମିକ ସ୍ତର ସମ୍ବନ୍ଧରେ ବର୍ଣ୍ଣନା କରି ହଜୁର[ସଅ] କହିଛନ୍ତି:

**لَيْسَ بَيْنِىْ وَبَيْنَهٗ نَبِىٌّ يَعْنِىْ عِيْسٰى وَاِنَّهٗ نَازِلٌ فَاِذَا رَأَيْتُمُوْهُ فَاعْرِفُوْهُ**

**ଲୈସାବୈନି ଓ୍ୱବୈନହୁ ନବୀୟୁନ୍ ୟାନୀ ଇସା ଓ୍ୱଇନ୍‌ନହୁ ନାଜିଲୁନ୍ ଫଇଜା ରାଆଏ ତୁମୁହୁ ଫା'ରିଫୁହ୍**

*(ଅବୁଦାଉଦ, କିତାବୁଲ୍ ମୁଲାହିମ୍)*

ଅର୍ଥାତ 'ହଜରତ ମସିହ ଓ ମୋ ମଧ୍ୟରେ ଅନ୍ୟ କୌଣସି ବ୍ୟକ୍ତି ନବୀ ହେବାର ସୌଭାଗ୍ୟ ଲାଭ କରିପାରିବେ ନାହିଁ । ମସିହ ନିଶ୍ଚିତ ରୂପେ ତୁମମାନଙ୍କ ମଧ୍ୟରେ ଆବିର୍ଭୁତ ହେବେ ।' ସୁତରାଂ ଯେତେବେଳେ ତାଙ୍କର ଆବିର୍ଭାବ ହେବ, ତାଙ୍କର ସଠିକ୍ ପରିଚୟ ପାଇବା ମାତ୍ରେ ତାଙ୍କୁ ଚିହ୍ନି ଗ୍ରହଣ କରିବ ।

ହଦିସ ପୁସ୍ତକ 'ସହି ମୁସଲିମ୍'ରେ ହଜରତ ମୁହମ୍ମଦ[ସଅ] କେବଳ ଗୋଟିଏ ବାକ୍ୟରେ ହଜରତ ମସିହଙ୍କୁ ନବୀର ମାନ୍ୟତା ଦେଇ କହିଛନ୍ତି :

**وَ يُحْصَرُ نَبِىُّ اللهِ عِيْسٰى وَاَصْحَابُهٗ ...فَيَرْغَبُ نَبِىُّ اللهِ عِيْسٰى وَاَصْحَابُهٗ ...ثُمَّ يَهْبِطُ نَبِىُّ اللهِ عِيْسٰى وَ اَصْحَابُهٗ ...فَيَرْغَبُ نَبِىُّ اللهِ عِيْسٰى وَاَصْحَابُهٗ اِلَى اللهِ** ا لخ

**ୱ୍ୟୁହସରୁ ନବୀୟୁଲ୍ଲାହି ଇସା ୱଅସ୍‌ହାବୁହୂ .. ଫୟର୍‌ଗବୁ ନବୀୟୁଲ୍ଲାହି ଇସା ୱଅସ୍‌ହାବୁହୂ ... ସୁମ୍ମା ୟହ୍‌ବିତୁ ନବୀୟୁଲ୍ଲାହି ଇସା ୱଅସ୍‌ହାବୁହୂ... ଫୟର୍‌ଗବୁ ନବୀୟୁଲ୍ଲାହି ଇସା ୱଅସ୍‌ହାବୁହୂ ଇଲଲ୍ଲାହ୍ .....**

*(ମୁସଲିମ୍, ବାବ୍ ଜିକରୁଦ୍ ଦଜ୍ଜାଲ୍)*

ଅର୍ଥାତ 'ଯଦି ମସିହ ମଉଦ ୟାଜୁଜ୍ ଓ ମାଜୁଜ (ଇସଲାମ ବିରୁଦ୍ଧରେ ଛିଡ଼ା ହୋଇଥିବା ଦୁଇଗୋଟି କପଟାଚାରୀ ମହାଶକ୍ତି ଗୋଷ୍ଠୀର ସାଙ୍କେତିକ ନାମ)ଙ୍କ ସମୟରେ ଆଗମନ କରନ୍ତି, ତେବେ ଅଲ୍ଲାଃଙ୍କ ନବୀ ହଜରତ ମସିହ ଓ ତାଙ୍କ ଅନୁଗାମୀମାନେ ଶତ୍ରୁମାନଙ୍କ ଦ୍ୱାରା ବନ୍ଦୀ ହୋଇଯିବେ... ସେତେବେଳେ ସେମାନେ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରିବେ... ଏବଂ ସେହି ପ୍ରାର୍ଥନା ଫଳରେ ମସିହ ଓ ତାଙ୍କ ଅନୁଚରମାନେ ସେହି ଅତ୍ୟନ୍ତ ସଙ୍କଟାପନ୍ନ ଚକ୍ରବ୍ୟୂହରୁ ମୁକ୍ତି ଲାଭ କରି ଶତ୍ରୁମାନଙ୍କ ଶିବିରରେ ପ୍ରବେଶ କରିବେ । କିନ୍ତୁ ସେଠାରେ ସେମାନେ ପୁଣି ଏକ ନୂତନ ସମସ୍ୟାର ସମ୍ମୁଖୀନ ହେବେ । ସେତେବେଳେ ପୁନର୍ବାର ଅଲ୍ଲାଃଙ୍କ ନବୀ ହଜରତ ମସିହ ଓ ତାଙ୍କ ଅନୁଚରମାନେ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରିବେ ଏବଂ ଅଲ୍ଲାଃ ସେମାନଙ୍କର ସମସ୍ୟା ଦୂର କରିଦେବେ ।'

ଏହି ହଦିସରେ ହଜରତ ମୁହମ୍ମଦ[ସଅ] ଗୋଟିଏ ବାକ୍ୟରେ ହଜରତ ମସିହ ମଉଦ[ଅସ]ଙ୍କୁ ଚାରିଥର ଅଲ୍ଲାଃଙ୍କ ନବୀ (ନବୀଉଲ୍ଲାଃ) ଶବ୍ଦ ବ୍ୟବହାର କରିଛନ୍ତି । ଉପରୋକ୍ତ ଭବିଷ୍ୟବାଣୀରୁ ସ୍ପଷ୍ଟ ଜଣାଯାଉଛି ଯେ ତ୍ରୟୋଦଶ ଶତାବ୍ଦୀର ଶେଷ ଭାଗରେ ହଜରତ ମସିହ ଓ ମେହଦିଙ୍କର ଆବିର୍ଭାବ ହେବ । ସେ ହଜରତ ମୁହମ୍ମଦ[ସଅ]ଙ୍କ ଅନୁରୂପରେ ପ୍ରତିବିମ୍ବ ସ୍ୱରୂପ ହେବେ ଏବଂ ଅଲ୍ଲାଃତାଲା ତାଙ୍କୁ ଅବତାରତ୍ୱ (ନବୁଓ୍ୱତ) ପ୍ରଦାନ କରିବେ । ସେହି ଭବିଷ୍ୟବାଣୀ ଅନୁଯାୟୀ ହଜରତ ମିର୍ଜା ଗୁଲାମ ଅହମଦ କାଦିୟାନୀ[ଅସ] ଠିକ୍ ତେର ଶତାବ୍ଦୀ ହିଜ୍ରିର ଶେଷ ଭାଗରେ ମସିହ ମଉଦ ହେବାର ଘୋଷଣା କଲେ । ଅଲ୍ଲାଃତାଲା ତାଙ୍କୁ ଦିବ୍ୟବାଣୀ ପ୍ରଦାନ କରି କହିଲେ:

جَعَلْنَاكَ الْمَسِيْحَ ابْنَ مَرْيَمَ

**ଜାଅଲ୍ ନାକଲ୍ ମସିହବ୍‌ନା ମର୍‌ୟମା**

ଅର୍ଥାତ 'ଆମ୍ଭେ ତୁମକୁ ମରିୟମଙ୍କ ପୁତ୍ର ମସିହ କରିଦେଇଛୁ ।'

*(ଇଜାଲାଃ ଅୱ୍‌ହାମ, ପୃଷ୍ଠା ୬୩୨)*

ଏହିପରି ଅଲ୍ଲାଃତାଲା ହଜୁର[ଅସ]ଙ୍କୁ ହଜରତ ମୁହମ୍ମଦ[ସଅ]ଙ୍କର ସଂପୂର୍ଣ୍ଣ ଆଜ୍ଞାବହ ହେବାର ପରିଣାମ ସ୍ୱରୂପ ନିଜ ଭବିଷ୍ୟବାଣୀ ଅନୁଯାୟୀ ଉମ୍ମତି ନବୀର (ମୁସଲିମ ସମ୍ପ୍ରଦାୟଭୁକ୍ତ-ଅନୁବାଦକ) ମାନ୍ୟତା ପ୍ରଦାନ କଲେ । ଏଥି ସମ୍ବନ୍ଧରେ ସେ କହିଛନ୍ତି:

'ନବୁଓ୍ୱତର ଉପାଧି (ଅବତାର ପଦବୀ) ଆମ ନବୀ ହଜରତ ମୁହମ୍ମଦ[ସଅ]ଙ୍କ ଠାରେ ଶେଷ ହୋଇଯାଇଛି । ପବିତ୍ର କୁରଆନ ବ୍ୟତୀତ ଆମର ଅନ୍ୟ କୌଣସି ଧର୍ମପୁସ୍ତକ ନାହିଁ, ଯାହାକି ପୂର୍ବବର୍ତ୍ତୀ ସମସ୍ତ ଧାର୍ମିକ ପୁସ୍ତକ ମଧ୍ୟରେ ଶ୍ରେଷ୍ଠ । ସେହିପରି ହଜରତ ମୁହମ୍ମଦ[ସଅ] ଆଣିଥିବା ଶରିୟତ (ଶାସ୍ତ୍ରୀୟ ବିଧାନ) ବ୍ୟତୀତ ଆମର ଅନ୍ୟ କୌଣସି ଶରିୟତ ନାହିଁ । ନିଃସନ୍ଦେହରେ ମହାଭାଗ ମୋତେ ନବୁଓ୍ୱତର ଆଖ୍ୟା ଦେଇଛନ୍ତି ସତ, କିନ୍ତୁ ଏହା ତାଙ୍କର ସଂପୂର୍ଣ୍ଣ ଆଜ୍ଞାବହ ହେବାର ପରିଣାମ । ତେଣୁ ମୋତେ ଏକ ଅନୁରୂପ ନବୀର ଉପାଧି ଦିଆଯାଇଛି । ଏଥିରେ ମୁଁ ନିଜର କୌଣସି ଦକ୍ଷତା କିମ୍ବା ପାରଦର୍ଶୀତା ଲକ୍ଷ୍ୟ କରୁନାହିଁ । ମୁଁ ଯାହା କିଛି ପାଇଛି ହଜରତ ମୁହମ୍ମଦ[ସଅ]ଙ୍କ ପବିତ୍ର ବ୍ୟକ୍ତିତ୍ୱ ଯୋଗୁଁ ପ୍ରାପ୍ତ କରିଛି । ଅଲ୍ଲାଃତାଲା ଏହି ଅଧମକୁ ଅବତାରତ୍ୱ ପ୍ରଦାନ କରିବାର ଉଦ୍ଦେଶ୍ୟ ତାଙ୍କ ସହିତ ବାର୍ତ୍ତାଳାପ କରିବା । ଏଥିରୁ ଅଧିକ ଘୋଷଣା କରୁଥିବା ବ୍ୟକ୍ତି କିମ୍ବା ନିଜର ବଡ଼ପଣି ଦେଖାଉଥିବା ବ୍ୟକ୍ତି ହଜରତ ମୁହମ୍ମଦ[ସଅ]ଙ୍କ ଆଶୀର୍ବାଦରୁ ବଞ୍ଚିତ ହୋଇ ରହିଥାଏ । ସେହି ପ୍ରାର୍ଥନାକୁ ବହିଷ୍କାର କରୁଥିବା ବ୍ୟକ୍ତି ଉପରେ ଅଲ୍ଲାଃଙ୍କ କୋପ ଅବତୀର୍ଣ୍ଣ ହେଉ । କାରଣ ହଜରତ ମୁହମ୍ମଦ[ସଅ] ହେଉଛନ୍ତି 'ଖାତମୁନ୍ ନବୀୟିନ୍' ଅର୍ଥାତ ସର୍ବଶ୍ରେଷ୍ଠ ନବୀ ତଥା ବାର୍ତ୍ତାବହ । କାହା ପାଇଁ ଏହା ପ୍ରଯୁଜ୍ୟ ନୁହେଁ ଯେ ସେ ସ୍ଥାୟୀ ନବୁଓ୍ୱତର ଉପାଧି ପ୍ରାପ୍ତ କରିଥିବାର ଘୋଷଣା କରିପାରିବ, ଯେହେତୁ ଅବତାରଙ୍କ ଚିର ଆଗମନର ପରମ୍ପରା ଶେଷ ହୋଇଯାଇଛି । ବର୍ତ୍ତମାନ କେବଳ ବ୍ୟାପକ ରୂପେ ଅଲ୍ଲାଃଙ୍କ ସହିତ ବାର୍ତ୍ତାଳାପର କ୍ରମଧାରା ହିଁ ସମ୍ଭବ । ଏଥିପାଇଁ ମଧ୍ୟ ହଜୁର[ସଅ]ଙ୍କ ଆଜ୍ଞାବହ ହେବାର ସର୍ତ୍ତ ରହିଛି । ଏତତ୍ ବ୍ୟତୀତ ତାହା କଦାପି ସମ୍ଭବ ନୁହେଁ । ମୁଁ ଅଲ୍ଲାଃଙ୍କ ନାମରେ ଶପଥ କରି କହୁଅଛି ଯେ ମୋତେ ଏହି ମାନ୍ୟତା ଓ ଉଚ୍ଚ ପ୍ରତିଷ୍ଠା କେବଳ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରକାଶ୍ୟ ଜ୍ୟୋତିର ଅନୁକରଣ କରିବା ଫଳରେ ହିଁ ପ୍ରାପ୍ତ ହୋଇଛି । ଅଲ୍ଲାଃ ଅଲୌକିକ ଶକ୍ତିର ଆଧାରରେ ମୋର ନାମ ନବୀ ରଖିଛନ୍ତି, ନା କି ବାସ୍ତବରେ । ସୁତରାଂ ଏପରି ସ୍ଥଳେ ଅଲ୍ଲାଃ କିମ୍ବା ରସୁଲଙ୍କ କୌଣସି କଥନର ଖଣ୍ଡନ

ହୋଇନାହିଁ । କାରଣ ମୋର ଚାରିତ୍ରିକ ଗୁଣାବଳୀ ହଜରତ ମୁହମ୍ମଦ[ସଅ]ଙ୍କ ଆଜ୍ଞାନୁବର୍ତ୍ତୀତା ହେବାରେ ସମ୍ପୂର୍ଣ୍ଣ ହୋଇଯାଇଛି । ମୋର ପ୍ରତ୍ୟେକ କାର୍ଯ୍ୟ ଓ ନିଷ୍ପତ୍ତି ମହାଭାଗଙ୍କ ଆଦେଶର ପାଳନ ଯୋଗୁଁ ସମ୍ଭବ ହୋଇଛି । ମୁଁ କୌଣସି ତଥ୍ୟ ନିଜ ତରଫରୁ ପ୍ରକାଶ କରୁନାହିଁ, ବରଂ ଯାହା ଅଲ୍ଲାଃ ମୋତେ ଦିବ୍ୟବାଣୀ ପ୍ରଦାନ କରୁଛନ୍ତି ତାହା ହିଁ କହୁଛି । ଏହାପରେ ମୁଁ ସକଳ ଜୀବଜଗତର ଧମକକୁ ଭୟ କରେନାହିଁ ।’ *(ରୁହାନି ଖଜାୟିନ୍, ଭାଗ ୨୨, ପୃ ୬୮୮, ୬୮୯)*

ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନୀ ୧୮୮୯ ମସିହାରେ ଏକ ପବିତ୍ର ଜମାଅତର ସ୍ଥାପନ କରି ତାହାର ନାମ ‘ଜମାଅତ ଅହମଦିୟା ମୁସଲେମା’ ରଖିଲେ ଏବଂ ନିଜର ସମ୍ପୂର୍ଣ୍ଣ ଜୀବନକୁ ଇସଲାମର ପ୍ରଚାର ପ୍ରସାର ଓ ତାହାର ବିଜୟ ନିମନ୍ତେ ଉତ୍ସର୍ଗ କରିଦେଲେ । ସେ ନିଜ ଜୀବନକାଳ ମଧ୍ୟରେ ୮୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରି ଏହାର ସ୍ପଷ୍ଟ ପ୍ରମାଣ ଦେଇଛନ୍ତି । ଏତଦ୍‌ବ୍ୟତୀତ ଆପଣା ଓ ପର ସବୁରିଙ୍କର ସାକ୍ଷ୍ୟ ପ୍ରଦାନ ଦିବାଲୋକ ପରି ଏହା ସ୍ପଷ୍ଟ ପ୍ରମାଣ ଦେଉଛି ଯେ ତାଙ୍କର ସମ୍ପୂର୍ଣ୍ଣ ଜୀବନ ଇସଲାମର ସତ୍ୟତା ଓ ବିଜୟକୁ ପ୍ରତିପାଦନ କରିବା ପାଇଁ ସେ ନିଜର ସର୍ବସ୍ୱ ତ୍ୟାଗ କରି ଦେଇଥିଲେ ।

ଅଲ୍ଲାଃତାଲାଙ୍କ ଅଭିଳାଷ ପୂରଣ କରି ସେ ନିଜର କର୍ତ୍ତବ୍ୟ ବେଶ୍ ସୂଚାରୁ ରୂପେ ନିର୍ବାହ କରିଛନ୍ତି । ଜୀବନର ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ଅଲ୍ଲାଃଙ୍କ ପ୍ରଦତ୍ତ ବିଜୟର ଲକ୍ଷ୍ୟ ହାସଲ କରିବାରେ ସେ ଅହରହ ଲାଗି ରହିଥିଲେ । ଯେପରିକି ମୁଁ କହି ଆସିଛି, ହଜରତ ଅହମଦ[ଅସ] ଏକ ସ୍ୱର୍ଗୀୟ ଜମାଅତର ଭିତ୍ତି ସ୍ଥାପନ କଲେ । ତାଙ୍କ ଦେହାନ୍ତ ପରେ ଶତ୍ରୁମାନେ ଭାବିଲେ ଯେ ବର୍ତ୍ତମାନ ସେ ନେଇ ଆସିଥିବା ଲକ୍ଷ୍ୟ ଓ ଜମାଅତ ସଂସାର ମଧ୍ୟରୁ ବିଲୀନ ହୋଇଯିବ । କିନ୍ତୁ ଅଲ୍ଲାଃତାଲା ନିଜ ଅଙ୍ଗୀକାର ରକ୍ଷା କରି ଖିଲାଫତ୍ ବ୍ୟବସ୍ଥାର ଶୁଭାରମ୍ଭ କଲେ । ଯେପରିକି ପବିତ୍ର କୁରଆନରେ ଅଲ୍ଲାଃତାଲାଙ୍କର ପ୍ରତିଶ୍ରୁତି ରହିଛି:

وَعَدَ اللّٰهُ الَّذِيْنَ اٰمَنُوْا مِنْكُمْ وَعَمِلُوا الصّٰلِحٰتِ لَيَسْتَخْلِفَنَّهُمْ
فِي الْاَرْضِ كَمَا اسْتَخْلَفَ الَّذِيْنَ مِنْ قَبْلِهِمْ وَلَيُمَكِّنَنَّ لَهُمْ
دِيْنَهُمُ الَّذِي ارْتَضٰى لَهُمْ وَلَيُبَدِّلَنَّهُمْ مِّنْۢ بَعْدِ خَوْفِهِمْ اَمْنًا
يَعْبُدُوْنَنِيْ لَا يُشْرِكُوْنَ بِيْ شَيْـًٔا وَمَنْ كَفَرَ بَعْدَ ذٰلِكَ فَاُولٰٓئِكَ
هُمُ الْفٰسِقُوْنَ۝

**ୱ୍ଆଦଲ୍‌ଲାହୁଲ୍ ଲଜିନା ଆମନୁ ମିନ୍‌କୁମ୍ ୱ୍ଅମେଲୁସ୍ ସ୍ୱାଲିହାତେ ଲୟସ୍‌ତଖ୍ ଲିଫନ୍‌ନହୁମ୍ ଫିଲ୍‌ଅର୍‌ଜେ କମସ୍ ତଖ୍‌ଲଫଲ ଲଜିନା ମିନ୍ କବ୍‌ଲେହିମ୍ ୱ୍ଲୟୁମକ୍ କିନନ୍ନନା ଲହୁମ୍ ଦୀନହୁମୁଲ୍ ଲଜିର୍‌ତଜା ଲହୁମ୍ ୱ୍ଲୟୁବଦ୍ ଦିଲନ୍ନହୁମ୍ ମିନ୍‌ବାଦେ ଖୌଫିହିମ୍ ଅମ୍‌ନା ୟାବୁଦୂନନୀ ଲାୟୁସ୍‌ରିକୁନା ବିଶୈଅନ୍ ୱ୍ମନ୍‌କଫରା ବାଦାଜାଲିକା ଫଉଲାଇକା ହୁମୁଲ ଫାସିକୁନ୍ ।** *(ଅଲ୍ ନୁର 24:56)*

ଅର୍ଥାତ 'ତୁମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ ଆଣିଛନ୍ତି ଓ ଉତ୍ତମ କର୍ମ କରୁଛନ୍ତି, ସେମାନଙ୍କ ସହିତ ଅଲ୍ଲାଃ ଅଙ୍ଗୀକାର କରିଛନ୍ତି ଯେ ସେ ସେମାନଙ୍କୁ ଭୂପୃଷ୍ଠରେ ଖଲିଫା କରିଦେବେ, ଯେପରି ସେ ସେମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ । ଏବଂ ଯେଉଁ ଧର୍ମକୁ ସେ ସେମାନଙ୍କ ପାଇଁ ପସନ୍ଦ କରିଛନ୍ତି, ନିଶ୍ଚୟ ସେମାନଙ୍କ ପାଇଁ ତାହାକୁ ଦୃଢ ଭାବରେ ସ୍ଥାପନ କରିଦେବେ । ଏବଂ ସେମାନଙ୍କ ଶୋକାକୂଳ ଅବସ୍ଥା ଓ ଭୟର ସଂକଟମୟ ସ୍ଥିତି ପରେ ତାହାକୁ ତାଙ୍କ ପାଇଁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ କରିଦେବେ । ସେମାନେ ଆମ୍ଭର ଉପାସନା କରିବେ ଓ କୌଣସି ବସ୍ତୁକୁ ଆମ୍ଭ ସହିତ ସମକକ୍ଷ କରିବେ ନାହିଁ । ଯେଉଁମାନେ ଏହାପରେ ମଧ୍ୟ ଅମାନ୍ୟ କରିବେ, ସେମାନେ ଅବଜ୍ଞାକାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବେ ।'

ହଜରତ ଅବଦୁର ରହେମାନ ପିତା ସୋହେଲ[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜରତ ମୁହମ୍ମଦ[ସଅ] ଏହିପରି କହିଛନ୍ତି: 'ପ୍ରତ୍ୟେକ ନବୀଙ୍କ ଦେହାବସାନ ପରେ ଅବତାରତ୍ୱ ଉତ୍ତାରେ ଖିଲାଫତ୍ ଅର୍ଥାତ ଉତ୍ତରାଧିକାରୀ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥାଏ ।'

*(କନଜୁଲ୍ ଉମାଲ୍, କିତାବୁଲ୍ ଫିତନ, ଭାଗ ୧୧, ପୃ ୧୧୫)*

ହଜରତ ହୁଜେଫା[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜରତ ମୁହମ୍ମଦ[ସଅ] ଏହିପରି କହିଛନ୍ତି: 'ତୁମ୍ଭମାନଙ୍କ ମଧ୍ୟରେ ନବୁଓ୍ୱତର ବ୍ୟବସ୍ଥା ପ୍ରତିଷ୍ଠିତ ରହିବ, ତତ୍ପରେ ନବୁଓ୍ୱତ୍ ମାର୍ଗରେ ଖିଲାଫତ୍‌ର ବ୍ୟବସ୍ଥା ପ୍ରଚଳିତ ହେବ । ତା'ପରେ ପ୍ରତାପଶାଳୀ ରାଜା ମହାରାଜା କ୍ଷମତାର ଅଧିକାରୀ ହେବେ । ସେଥିଅନ୍ତେ ସ୍ୱେଚ୍ଛାଚାରୀ ଓ ଏକଛତ୍ରବାଦୀ ଶାସକ ଆସି ରାଜତ୍ୱ କରିବେ । ସର୍ବଶେଷରେ ନବୁଓ୍ୱତ୍ ମାର୍ଗରେ ଖିଲାଫତ୍‌ର ବ୍ୟବସ୍ଥା ପ୍ରଚଳିତ ହେବ । ଏହାପରେ ହଜୁର[ସଅ] ନୀରବ ହୋଇଗଲେ ।' *(ମସନଦ୍ ଅହମଦ, ହଦିସ୍ ୧୭୬୮୦)*

ହଜରତ ମୁହମ୍ମଦ[ସଅ]ଙ୍କ ଏହି ଭବିଷ୍ୟବାଣୀ ଅନୁଯାୟୀ ହଜରତ ମିର୍ଜା ଗୁଲାମ ଅହମଦ କାଦିୟାନୀ (ପ୍ରତିଶ୍ରୁତ ମସିହ ଓ ମେହଦି[ଅସ])ଙ୍କ ଦେହାନ୍ତ ପରେ ଖିଲାଫତ୍‌ର ସ୍ୱର୍ଗୀୟ ବ୍ୟବସ୍ଥା ଆରମ୍ଭ ହେଲା, ଯାହାକୁ ସେ 'କୁଦରତେ ସାନିୟା'(ଅଲ୍ଲାଃଙ୍କ ଦ୍ୱିତୀୟ ନିଦର୍ଶନ) ଦର୍ଶାଇଛନ୍ତି । ଏହି ସୁସମାଚାର ପ୍ରଦାନ କରି ହଜୁର[ଅସ] କହିଛନ୍ତି:

'ଏହା ଅଲ୍ଲାଃତାଲାଙ୍କ ସୁନ୍ନତ (ଦୈବୀ ପରମ୍ପରା) ଏବଂ ସୃଷ୍ଟିର ଆରମ୍ଭରୁ ଅଲ୍ଲାଃତାଲା ଏହି ପରମ୍ପରାକୁ ସର୍ବଦା ପ୍ରକଟିତ କରି ଆସିଛନ୍ତି । ସେ ନିଜ ପ୍ରିୟ ରସୁଲ ଓ ନବୀମାନଙ୍କ ସହାୟତା କରିବା ସହିତ ସେମାନଙ୍କୁ ବିଜୟ ମଣ୍ଡିତ କରିଥାନ୍ତି । ଯେପରିକି ସେ କହିଛନ୍ତି:

كَتَبَ اللّٰهُ لَاَغۡلِبَنَّ اَنَا وَرُسُلِیۡ

**କତବଲ୍ଲାହୁ ଲାଅଗ୍‌ଲିବନ୍ନା ଅନା ଓ୍ୱରୁସୁଲୀ**

*(ଅଲ ମୁଜାଦିଲା **58:22**)*

ଅର୍ଥାତ 'ଅଲ୍ଲାଃତାଲାଙ୍କର ଏହା ଅଟଳ ନିଷ୍ପତ୍ତି ଯେ ସେ ଓ ତାଙ୍କ ରସୁଲ୍ ହିଁ ବିଜୟୀ ହେବେ ।' ବିଜୟର ତାତ୍ପର୍ଯ୍ୟ ଯେପରିକି ନବୀ ଓ ରସୁଲଙ୍କର ଉଦ୍ଦେଶ୍ୟ ସମଗ୍ର ଭୂପୃଷ୍ଠରେ ସର୍ବଶକ୍ତିମାନ ଈଶ୍ୱରଙ୍କ ବିଜୟ କେତନ ଉଡ଼ାଇବା । କିନ୍ତୁ ସେହି ଉଦ୍ଦେଶ୍ୟକୁ ନବୀଙ୍କ ହାତରେ ସେ ପୂର୍ଣ୍ଣତାପ୍ରାପ୍ତିର ଶୀର୍ଷରେ ପହଞ୍ଚାଇ ନଥାନ୍ତି । ବରଂ ସେ ଏପରି ଏକ ଜଟିଳ ପରିସ୍ଥିତିରେ ସେମାନଙ୍କ ଜୀବନଦୀପକୁ ନିର୍ବାପିତ କରାଇଥାନ୍ତି, ଯାହାକି ପ୍ରକାଶ୍ୟରେ ଏକ ବ୍ୟର୍ଥ, ହତାଶ ଓ ବିଫଳ ହେବାର ଭୟ ସୃଷ୍ଟି କରାଇଥାଏ । ଶତ୍ରୁମାନଙ୍କୁ ଯେପରି ଥଟ୍ଟା ପରିହାସ ଓ ନିନ୍ଦା କରିବାର ଅବସର ମିଳିଯିବ, ସେ ସେହିପରି ଅବସର ଦିଅନ୍ତି । ଯେତେବେଳେ ସେମାନେ ତାଚ୍ଛଲ୍ୟ ଓ ବ୍ୟଙ୍ଗବିଦ୍ରୁପ କରି ସାରିଥାନ୍ତି, ତା'ପରେ ଅଲ୍ଲାଃ ସ୍ୱୟଂ ନିଜର ତେଜସ୍ୱୀ ପରାକ୍ରମର ନିଦର୍ଶନ ଦେଖାଇ ଏପରି ଏକ ସୁବ୍ୟବସ୍ଥା ଓ ସାଧନ ଉପୁଜାଇ ଥାନ୍ତି, ଯଦ୍ୱାରା ଉକ୍ତ ଅସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଫଳପ୍ରଦ ସାଧିତ ହୋଇଯାଏ । ବସ୍ତୁତଃ ସେ ଦୁଇପ୍ରକାର ଶକ୍ତି ପ୍ରଦର୍ଶନ କରିଥାନ୍ତି । ପ୍ରଥମତଃ ନବୀଙ୍କ ଦ୍ୱାରା ଶକ୍ତି ପ୍ରଦର୍ଶନ କରି ସ୍ୱୟଂ ନିଜ ଅସ୍ତିତ୍ୱର ପ୍ରମାଣ ଦେଇଥାନ୍ତି ଓ ଦ୍ୱିତୀୟରେ ନବୀଙ୍କ ଦେହାବସାନ ପରେ ଏପରି ଜଟିଳ ଓ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୁଏ, ଯେତେବେଳେ କି ଶତ୍ରୁ ବଳବାନ ହୋଇଉଠେ ଓ ଆକ୍ରମଣ କରିବା ଆରମ୍ଭ କରିଦିଏ । ଏପରିକି ସେମାନେ ଏହା ଭାବନ୍ତି ଯେ ଏବେ ତାଙ୍କ ଜମାଅତ ଲୋପ ପାଇଯିବ ଓ ସବୁ ଯୋଜନା ଫସର ଫାଟିଯିବ ।

ସେହି ଜମାଅତର ଅନୁଗାମୀମାନେ ମଧ୍ୟ ମାନସିକ ଦ୍ୱନ୍ଦ୍ୱରେ ପଡ଼ିଯାଇଥାନ୍ତି ତଥା ହତାଶ ହୋଇ ସେମାନଙ୍କ ମଧ୍ୟରୁ ଦୁର୍ବଳ ଓ ହତଭାଗାମାନେ ସ୍ୱଧର୍ମ ତ୍ୟାଗ କରିବା ପଥକୁ ଆଦରି ନିଅନ୍ତି । ସେତେବେଳେ ଅଲ୍ଲାଃତାଲା ନିଜର ନିଦର୍ଶନ ଦେଖାଇ ଜମାଅତକୁ ସମ୍ଭାଳି ନେଇଥାନ୍ତି । ସୁତରାଂ ଯେଉଁ ବ୍ୟକ୍ତି ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ରକ୍ଷା କରିବ, ସେ ହିଁ ଅଲ୍ଲାଃଙ୍କର ଏହି ଅଲୌକିକ ନିଦର୍ଶନକୁ ଦେଖିପାରିବ । ଯେପରିକି ଇସଲାମ ବିରୋଧିମାନେ ହଜରତ ମୁହମ୍ମଦ[ସଅ]ଙ୍କ ଦେହାନ୍ତ ହେବା ଘଟଣାକୁ ଏକ ଅକାଳ ମୃତ୍ୟୁ ବିବେଚନା କଲେ, ସେତେବେଳେ ଅନେକ ଅଶିକ୍ଷିତ ଓ ମଫସଲି ବନବାସୀମାନେ ସ୍ୱଧର୍ମ ଇସଲାମ ତ୍ୟାଗ କରି ଚାଲିଗଲେ । ମହାପୁରୁଷ ମୁହମ୍ମଦ[ସଅ]ଙ୍କ ଅନୁଚରମାନେ ମଧ୍ୟ ଦୁଃଖରେ ମ୍ରିୟମାଣ ହୋଇ ପାଗଳ ପରି ଆଚରଣ କଲେ । ଏହାର ପରିଣାମ ସ୍ୱରୂପ ଅଲ୍ଲାଃତାଲା ହଜରତ ଅବୁବକର[ରଅ]ଙ୍କୁ ପ୍ରଥମ ଖଲିଫା ରୂପେ ଛିଡ଼ା କରି ପୁନର୍ବାର ନିଜ ଶକ୍ତି ପ୍ରଦର୍ଶନ କଲେ ଏବଂ ସଙ୍କଟାପନ୍ନ ଅବସ୍ଥାରେ ଥିବା ଇସଲାମ ଧର୍ମକୁ ସୁରକ୍ଷା ପ୍ରଦାନ କରି ନିଜ ପ୍ରତିଶ୍ରୁତି ପୂରଣ କଲେ:

وَلَيُمَكِّنَنَّ لَهُمْ دِينَهُمُ الَّذِي ارْتَضَىٰ لَهُمْ وَلَيُبَدِّلَنَّهُمْ
مِّن بَعْدِ خَوْفِهِمْ أَمْنًا

**ୱ୍ଲୟୁମକ୍ କିନନ୍ନନା ଲହୁମ୍ ଦୀନହୁମୁଲ୍ ଲଜିର୍‌ତଜା ଲହୁମ୍**
**ୱ୍ଲୟୁବଦ୍ ଦିଲନ୍ନହୁମ୍ ମିନ୍‌ବାଦେ ଖୌଫିହିମ୍ ଅମ୍‌ନା...**

*( ଅଲ ନୂର 24:56)*

ତେଣୁ ହେ ପ୍ରିୟଜନମାନେ ! ପ୍ରାଚୀନ କାଳରୁ ଅଲ୍ଲାଃତାଲାଙ୍କର ଏହି ପରମ୍ପରା ଚାଲି ଆସିଛି । ଅର୍ଥାତ ସେ ଦୁଇଗୋଟି ପରାକ୍ରମ ପ୍ରଦର୍ଶନ କରନ୍ତି, ଯାହା ଫଳରେ ବିରୋଧିମାନଙ୍କର ଦୁଇଗୋଟି ତଥାକଥିତ ଉଲ୍ଲାସକୁ ପଦଦଳିତ କରିଦିଅନ୍ତି । ଏଣୁ ବର୍ତ୍ତମାନ ଏହା ସମ୍ଭବ ନୁହେଁ ଯେ ଅଲ୍ଲାଃ ନିଜର ଚିରାଚରିତ ଆଚରଣକୁ ପରିତ୍ୟାଗ କରିଦେବେ । ସୁତରାଂ ତୁମେ ମୋର ଏହି ସମ୍ବାଦରେ ଅର୍ଥାତ ମୋ ମୃତ୍ୟୁ ଖବର ଶୁଣି ଦୁଃଖରେ ଭାଙ୍ଗିପଡ଼ ନାହିଁ । କାରଣ ତୁମେମାନେ ଅଲ୍ଲାଃଙ୍କ ଦ୍ୱିତୀୟ ପରାକ୍ରମକୁ ମଧ୍ୟ ଦେଖିବା ଅନିବାର୍ଯ୍ୟ । ତାହାର ଆଗମନ ତୁମମାନଙ୍କ ପାଇଁ ଉତ୍ତମ । କାରଣ ତାହା ଚିରସ୍ଥାୟୀ, ଯାହାର କ୍ରମାନ୍ୱୟ ଧାରା ମହାପ୍ରଳୟ ପର୍ଯ୍ୟନ୍ତ ବିଛିନ୍ନ ହେବନାହିଁ । ପୁନଶ୍ଚ

ମୋର ପ୍ରସ୍ଥାନ ନହେବା ପର୍ଯ୍ୟନ୍ତ ସେହି ଦ୍ୱିତୀୟ ଶକ୍ତିର ଆଗମନ ସମ୍ଭବ ନୁହେଁ । ମାତ୍ର ମୁଁ ଅଲ୍ଲାହ୍‌ଙ୍କ ଏକ ପ୍ରକାଶ୍ୟ ନିଦର୍ଶନ ଏବଂ ମୋ ପରେ ଅନ୍ୟ କେତେକ ବ୍ୟକ୍ତିବିଶେଷ ଦ୍ୱିତୀୟ ଶକ୍ତିର ଦୃଷ୍ଟାନ୍ତ ହେବେ । ତେଣୁ ତୁମେ ସେହି ଦିବ୍ୟଶକ୍ତିକୁ ଦେଖିବା ପାଇଁ ସମବେତ ହୋଇ ପ୍ରାର୍ଥନା କରୁଥାଅ ଏବଂ ଧର୍ମପ୍ରାଣ ଗୋଷ୍ଠୀ ପ୍ରତ୍ୟେକ ଦେଶରେ ଏକତ୍ରିତ ହୋଇ ପ୍ରାର୍ଥନା କରିବାରେ ଲାଗିପଡ଼ନ୍ତୁ । ଯଦ୍ୱାରା ଆକାଶ ମାର୍ଗରୁ ସେହି ଦ୍ୱିତୀୟ ନିଦର୍ଶନ ଅବତରିତ ହୋଇ ତୁମମାନଙ୍କୁ ଦେଖାଇଦେବ ଯେ ତୁମ ଅଲ୍ଲାହ୍‌ ଏପରି ସର୍ବଶକ୍ତିମାନ ।

*(ଅଲ ୱ୍‌ସିୟତ୍‌, ରୁହାନି ଖଜାଇନ୍‌, ଭାଗ ୨୦, ପୃ ୩୦୪,୩୦୬)*

ଏହି ପରିପ୍ରେକ୍ଷୀରେ ହଜରତ ମୁସଲେହ ମଉଦ[ରଅ] କହିଛନ୍ତି: ହଜରତ ମସିହ ମଉଦ[ଅସ]ଙ୍କ ରଚନାରୁ ପ୍ରମାଣିତ ହେଉଛି ଯେ ତାହାଙ୍କ ଉତ୍ତାରେ ଖ୍ୱିଲାଫତ୍‌ର ସ୍ୱର୍ଗୀୟ ଅନୁଷ୍ଠାନ ଏପରି ପ୍ରଚଳିତ ହେବ, ଯେପରିକି ହଜରତ ମୁହମ୍ମଦ[ସଅ]ଙ୍କ ପରେ ଏହି ବ୍ୟବସ୍ଥା ପ୍ରଚଳିତ ହୋଇଥିଲା । ସମ୍ପ୍ରଦାୟର ପ୍ରକୃତ ଓ ନିଷ୍ପାପର ପ୍ରତିନିଧି ରୂପେ ସେହିମାନେ ବିବେଚିତ ହେବେ, ଯେଉଁମାନେ ଖ୍ୱିଲାଫତ୍‌ର ଆଜ୍ଞାବହ ହେବେ ।

*(ଖ୍ୱିଲାଫତ୍‌ ଆଲା ମିନହାଜେ ନବୁୱ୍‌ତ୍‌, ଭାଗ ୩, ପୃ ୬୦୧)*

ତଦନୁଯାୟୀ ୧୯୦୮ ମସିହା ମଇ ମାସ ୨୭ ତାରିଖରେ ହଜରତ ମସିହ ମଉଦ[ଅସ]ଙ୍କ ଦେହାନ୍ତ ହେବା ପରେ ହଜରତ ହାଫିଜ୍‌ ହକିମ୍‌ ନୁରୁଦ୍ଦିନ୍‌ ସାହେବ ଅହମଦିୟା ସମ୍ପ୍ରଦାୟର ପ୍ରଥମ ଖଲିଫା ରୂପେ ନିର୍ବାଚିତ ହେଲେ । ପୁନଶ୍ଚ ୧୯୧୪ ମସିହାରେ ପ୍ରଥମ ଖଲିଫାଙ୍କ ଦେହାବସାନ ପରେ ହଜରତ ମିର୍ଜା ବଶିରୁଦ୍ଦିନ୍‌ ମହମୁଦ୍‌ ଅହମଦ ସାହେବ ଦ୍ୱିତୀୟ ଖଲିଫା ଭାବରେ ନିର୍ବାଚିତ ହେଲେ । ତାଙ୍କ ମୃତ୍ୟୁ ପରେ ତାଙ୍କ ସୁପୁତ୍ର ହଜରତ ମିର୍ଜା ନାସିର ଅହମଦ ୧୯୬୫ ମସିହାରେ ତୃତୀୟ ଖଲିଫା ଭାବେ ଅଭିଷିକ୍ତ ହେଲେ । ୧୯୮୨ ମସିହାରେ ତୃତୀୟ ଖଲିଫାଙ୍କ ଦେହାବସାନ ପରେ ହଜରତ ମିର୍ଜା ତାହିର ଅହମଦ ଚତୁର୍ଥ ଖଲିଫା ରୂପେ ଆସନରେ ବସିଲେ । ପୁନଶ୍ଚ ୨୦୦୩ ମସିହାରେ ଚତୁର୍ଥ ଖଲିଫାଙ୍କ ବିୟୋଗ ଘଟିବା ପରେ ହଜରତ ମିର୍ଜା ମସରୁର ଅହମଦ[ଅବ] ହଜରତ ମସିହ ମଉଦ[ଅସ]ଙ୍କର ପଞ୍ଚମ ଖଲିଫା ଭାବରେ ନିର୍ବାଚିତ ହୋଇ ଖ୍ୱିଲାଫତ୍‌ ଆସନ ଅଲଙ୍କୃତ କରିଛନ୍ତି । ତାଙ୍କ ବଳିଷ୍ଠ ନେତୃତ୍ୱ ଓ ମାର୍ଗଦର୍ଶନ ଯୋଗୁଁ ଜମାଅତ ଅହମଦିୟା ଉନ୍ନତି ପଥରେ ଦ୍ରୁତ ଗତିରେ ଅଗ୍ରସର ହୋଇ ଚାଲିଛି ।

ଅଲ୍ଲାଃତାଲା ଆମର ପ୍ରିୟ ଇମାମ ହଜରତ ମିର୍ଜା ମସରୁର ଅହମଦ[ଅବ]ଙ୍କୁ ସୁସ୍ଥ, କର୍ମଠ, ସୁରକ୍ଷିତ ଓ ଦୀର୍ଘାୟୁ ଜୀବନ ପ୍ରଦାନ କରନ୍ତୁ । ଆମମାନଙ୍କ ଗହଣରେ ସେ ଦୀର୍ଘଦିନ ଧରି ରହିଥାନ୍ତୁ ଓ ତାଙ୍କ ପବିତ୍ର ଜୀବନ କାଳରେ ଇସଲାମ ଅହମଦିୟତ୍‌ର ବିଜୟ ପତାକା ସମଗ୍ର ବିଶ୍ୱରେ ଫରଫର ହୋଇ ଉଡୁଥାଉ । (ଆମିନ୍)

ଅଲ୍ଲାଃ କରନ୍ତୁ ଏହି ବ୍ୟବସ୍ଥା ଦ୍ରୁତ ପ୍ରଗତି କରି ଚାଲିଥାଉ ଏବଂ ଅଲ୍ଲାଃତାଲାଙ୍କ ଇଚ୍ଛା ଅନୁଯାୟୀ ଏହି ଦ୍ୱିତୀୟ ଶକ୍ତି ସର୍ବଦା ସୁଦୃଢ ହୋଇ ଚାଲିବ । କାରଣ ଅଲ୍ଲାଃଙ୍କ ଦ୍ୱିତୀୟ ଶକ୍ତିର ଅଭ୍ୟୁଦୟ ହୋଇଛି ଓ ତାଙ୍କ ନିକଟରେ ତୃତୀୟ, ଚତୁର୍ଥ, ପଞ୍ଚମ ଇତ୍ୟାଦି ଶକ୍ତିର ନିଦର୍ଶନ ରହିଛି । ଏହି ପରିପ୍ରେକ୍ଷୀରେ ଏକ ସ୍ଥାନରେ ହଜରତ ମୁସଲେହ ମଉଦ[ରଅ] କହିଛନ୍ତି: 'ହଜରତ ମସିହ ମଉଦ[ଅସ] ଏହି ସୂଚନା ଦେଇଛନ୍ତି– ବର୍ତ୍ତମାନ ମୁଁ ତୁମମାନଙ୍କ ଗହଣରୁ ବିଦାୟ ନେଉଛି । କିନ୍ତୁ ଅଲ୍ଲାଃତାଲା ତୁମମାନଙ୍କ ପାଇଁ ଦ୍ୱିତୀୟ ଶକ୍ତି ପ୍ରଦର୍ଶନ କରିବେ । କିନ୍ତୁ ତାଙ୍କ ନିକଟରେ କେବଳ ଦ୍ୱିତୀୟ ଶକ୍ତି ହିଁ ନାହିଁ, ବରଂ ତାହା ପରେ ତୃତୀୟ, ଚତୁର୍ଥ ନିଦର୍ଶନମାନ ମଧ୍ୟ ରହିଛି । ପ୍ରଥମ ଶକ୍ତିର ପ୍ରତୀକ ଅର୍ଥାତ ଖଲିଫାଙ୍କ ଅନ୍ତେ ଦ୍ୱିତୀୟ ଶକ୍ତିର ଆଗମନ ହେବ । ଦ୍ୱିତୀୟ ପରେ ତୃତୀୟ ଓ ତା'ପରେ ଚତୁର୍ଥ ଶକ୍ତି ପ୍ରଦର୍ଶିତ ହେବ । ପୁଣି ଚତୁର୍ଥ ପରେ ପଞ୍ଚମ ଓ ପଞ୍ଚମ ପରେ ଷଷ୍ଠ ଶକ୍ତି ମଧ୍ୟ ଆସିବ । ଲୋକମାନଙ୍କ ହସ୍ତରେ ଅଲ୍ଲାଃତାଲା ଏହିପରି ନିଜର ଅଲୌକିକ ନିଦର୍ଶନ ଦେଖାଇ ଚାଲିବେ ଏବଂ ସଂସାରର କୌଣସି ବଡରୁ ବଡ ଶକ୍ତି ଏବଂ ପ୍ରବଳରୁ ପ୍ରବଳ ମହାପ୍ରତାପୀ ସମ୍ରାଟ ମଧ୍ୟ ଏହି ଐଶି ଯୋଜନା ଓ ଲକ୍ଷ୍ୟର ମାର୍ଗକୁ ପ୍ରତିରୋଧ କରିପାରିବେ ନାହିଁ କିମ୍ବା ଏହା ବିରୁଦ୍ଧରେ ତିଷ୍ଠି ରହିପାରିବ ନାହିଁ । ଯେଉଁ ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ସେହି ସର୍ବଶକ୍ତିମାନ ଈଶ୍ୱର ହଜରତ ମସିହ ମଉଦ[ଅସ]ଙ୍କ ରୂପରେ ପ୍ରଥମ ଆଧାରଶୀଳା ସ୍ଥାପନ କଲେ ଏବଂ ମୋତେ ଦ୍ୱିତୀୟ ଆଧାରଶୀଳା ରୂପେ ଛିଡ଼ା କଲେ । ଯେପରି କି ହଜରତ ମୁହମ୍ମଦ[ସଅ] କହିଥିଲେ ଯେତେବେଳେ ଇସଲାମ ଧର୍ମସଙ୍କଟରେ ପଡ଼ି ସବୁଆଡୁ ଘେରିଯିବ, ସେହି ପରମେଶ୍ୱର ତାହାର ସୁରକ୍ଷା ନିମନ୍ତେ ପାରସ୍ୟମାନଙ୍କ ମଧ୍ୟରୁ କେତେକ ଲୋକଙ୍କୁ ଛିଡ଼ା କରିବେ । ସୁତରାଂ ହଜରତ ମସିହ ମଉଦ[ଅସ] ସେହି ପାରସ୍ୟମାନଙ୍କ ବଂଶଧର ମଧ୍ୟରୁ ଜଣେ ଥିଲେ । ଅନ୍ୟ ଜଣକ ସ୍ୱୟଂ ମୁଁ । କିନ୍ତୁ 'ରିଜାଲ୍' ଶବ୍ଦ ଦର୍ଶାଉଛି ଯେ ସମ୍ଭବତଃ ପାରସ୍ୟମାନଙ୍କ ମଧ୍ୟରୁ ଅନ୍ୟ କେତେକ ବ୍ୟକ୍ତିବିଶେଷ ମଧ୍ୟ

ଇସଲାମର ଗାରିମା ପ୍ରତିପାଦନ କରିବା ଓ ତାହାକୁ ସୁଦୃଢ଼ କରିବା ପାଇଁ ଆବିର୍ଭୁତ ହୋଇ ପାରନ୍ତି । *(ଅଲ ଫଜଲ୍, ଡ଼ିସେମ୍ବର ୨୨, ୧୯୫୦ ମସିହା, ପୃ ୬,୭)*

ଜମାଅତର ଇତିହାସ ଏହାର ଜ୍ୱଳନ୍ତ ପ୍ରମାଣ ବହନ କରୁଛି ଯେ 'କୁଦରତେ ସାନିୟା' ଅର୍ଥାତ ଅଲ୍ଲାଃଙ୍କ ଦ୍ୱିତୀୟ ମହାଶକ୍ତିର ବଳିଷ୍ଠ ନେତୃତ୍ୱରେ ଦ୍ରୁତ ପ୍ରଗତି ପଥରେ ଅଗ୍ରସର ହୋଇ ଆଜି ଜମାଅତ ସଂସାରରେ ନିଜର ଅନନ୍ୟ ପରିଚୟ ସୃଷ୍ଟି କରିଛି । ମାନବସେବା, ଇସଲାମର ପ୍ରଚାର, ଶିକ୍ଷାଦୀକ୍ଷା ଓ ଚାରିତ୍ରିକ ସଂସ୍କାର ଆଦି ପ୍ରତ୍ୟେକ କ୍ଷେତ୍ରରେ ଜମାଅତ ଆଗେଇ ଚାଲିଛି । ପୁଣି ୨୪ ଘଣ୍ଟା ଦୂରଦର୍ଶନ ତଥା ରେଡ଼ିଓରେ ପ୍ରସାରଣ, ପ୍ରେସ ମିଡ଼ିଆ, ପ୍ରଚାରପତ୍ର ବଣ୍ଟନ କରାଯିବା ଦ୍ୱାରା ଇସଲାମର ବାସ୍ତବିକ ସନ୍ଦେଶ ସଂସାରର କୋଣ ଅନୁକୋଣରେ ପହଞ୍ଚି ପାରିଛି । ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରିବା ସହିତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଅଭାବି ଓ ଗରିବ ଲୋକମାନଙ୍କୁ ଶକ୍ତି ପ୍ରଦାନ ନିମନ୍ତେ ମଧ୍ୟ ପ୍ରୟାସ ଚାଲିଛି । ସେହିପରି ପ୍ରେମ, ଶାନ୍ତି, ଭାତୃଭାବ ତଥା ରାଷ୍ଟ୍ରୀୟ ନିୟମାବଳୀର ପାଳନରେ ଜମାଅତ ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଛି । ଇସଲାମର ବାସ୍ତବ ଶିକ୍ଷା ସଂସାରରେ ପ୍ରଚାର ପ୍ରସାର କରିବା ହେତୁ ଆଜି ଅଣ ମୁସଲମାନମାନେ ଜମାଅତ ସହିତ ଭଲ ଭାବେ ପରିଚିତ ହେଉଛନ୍ତି । ପବିତ୍ର କୁରଆନ ଓ ଇସଲାମୀୟ ପତ୍ରପତ୍ରିକା ପ୍ରକାଶ କରିବାରେ ସମଗ୍ର ବିଶ୍ୱରେ ଜମାଅତ ଅହମଦିୟା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହାର ଫଳ ସ୍ୱରୂପ ଆଜି ୨୧୩ରୁ ଅଧିକ ଦେଶରେ ଜମାଅତ ସୁଦୃଢ଼ ଭାବରେ ସ୍ଥାପିତ ହୋଇଅଛି ।

ଖିଲାଫତ୍‌ର ଅମୂଲ୍ୟ ପୁରସ୍କାର ଆମ ମଧ୍ୟରେ ପାରସ୍ପରିକ ଏକତା, ଅଖଣ୍ଡତା ତଥା ଦୃଢ଼ ବିଶ୍ୱାସ ଓ ପୁଣ୍ୟକର୍ମର ଅଜସ୍ର ସମ୍ପଦ ପ୍ରଦାନ ପୂର୍ବକ ଏକ ମଜଭୁତ ପାଚେରୀ ତିଆରି କରିଛି ଏବଂ ସମୃଦ୍ଧି ଓ କଲ୍ୟାଣର ପ୍ରତିଶ୍ରୁତିବଦ୍ଧତା ବଜାୟ ରଖିଛି । ଖଲିଫାଙ୍କ ସୁଦକ୍ଷ ଅନୁଶାସନ ମୂଳକ ନେତୃତ୍ୱରେ ଅହମଦିୟତ ଅର୍ଥାତ ବାସ୍ତବ ଇସଲାମର ଉଦଘୋଷଣା ଆଜି ଚତୁର୍ଦିଗରେ ବ୍ୟାପକ ରୂପ ଧାରଣ କରିଛି । ଦଳ ଦଳ ହୋଇ ସତ୍ୟର ଅନ୍ୱେଷଣକାରୀ ଇସଲାମରେ ପ୍ରବେଶ କରି ଚାଲିଛନ୍ତି । ପ୍ରତି ମୁହୂର୍ତ୍ତରେ ଅଲ୍ଲାଃତାଲାଙ୍କ ସହଯୋଗ ଓ ଅନୁକମ୍ପାର ହାତ ଆକାଶ ମାର୍ଗରୁ ଅବତୀର୍ଣ୍ଣ ହେବାର ଦୃଷ୍ଟିଗୋଚର ହେଉଛି ।

ତେବେ ଏସବୁ କେବଳ ଖିଲାଫତ୍ ଯୋଗୁଁ ଆଜି ସମ୍ଭବ ହୋଇଛି, ଯଦ୍ୱାରା ଅଲ୍ଲାଃତାଲା ଜମାଅତ ଅହମଦିୟା ଉପରେ ଅଜସ୍ର ଭାବେ ନିରନ୍ତର

କୃପା ବର୍ଷା କରୁଛନ୍ତି ଏବଂ ଅଲ୍ଲାଃଙ୍କ ଦିବ୍ୟ ପ୍ରକାଶ ଦ୍ୱାରା ଆମେ ଉପକୃତ ହେଉଛୁ । ଅପର ପକ୍ଷେ ଖଲିଫାଙ୍କ ଅମାନ୍ୟକାରୀ ଦିନକୁ ଦିନ ନିମ୍ନଗାମୀ, ବିଭାଜିତ ଓ ତିରସ୍କାରର ଶରବ୍ୟ ହେଉଛନ୍ତି ।

ଖିଲାଫତ୍ ରୂପକ ଐଶି ପୁରସ୍କାରକୁ ଭୋଗବିଳାସ ରୂପକ ସାଂସାରିକ ପୁରସ୍କାର ସହିତ ତୁଳନା କରିବା ଘୋର ନିର୍ବୋଧତା । ଅଲ୍ଲାଃତାଲାଙ୍କ ଏହି ରଜ୍ଜୁ ଅଲ୍ଲାଃଙ୍କ ସହିତ ବିଶ୍ୱାସକାରୀ ତଥା ପୁଣ୍ୟବନ୍ତମାନଙ୍କୁ ସଂଯୁକ୍ତ କରିବାର ଏକ ମାଧ୍ୟମ । ଜମାଅତ ଅହମଦିୟାର ଇତିହାସ ଏହାର ସାକ୍ଷୀ ଯେ ଏହି ଆଧ୍ୟାତ୍ମିକ ବ୍ୟବସ୍ଥା ଯାହା ସର୍ତ୍ତ ପୂରଣ କରି ବିଶ୍ୱାସକାରୀ ଓ ଧର୍ମପରାୟଣଙ୍କ ଆଶା ଭରସା ହୋଇଛି । ସେମାନଙ୍କୁ ପ୍ରଗତି ପଥରେ ଆଗୁସାର କରାଇ ପବିତ୍ର ଜୀବନ ପ୍ରଦାନ କରିବାରେ ମାର୍ଗଦର୍ଶନ କରୁଛି । ଯେପରି ସ୍ଥଳେ ଧର୍ମକୁ ଦୃଢ ସ୍ଥିରତା ମିଳିଥାଏ, ସେହିପରି ସର୍ବଦା ବିଶ୍ୱାସକାରୀମାନଙ୍କ ସଙ୍କଟାପନ୍ନ ସ୍ଥିତିକୁ ଏକବାରେ ସଂପୂର୍ଣ୍ଣ ଆତ୍ମଶାନ୍ତି ଓ ସୁରକ୍ଷିତ ଅବସ୍ଥାରେ ରୂପାନ୍ତରିତ କରିଦେଇଥାଏ । ଏକେଶ୍ୱରବାଦର ଧ୍ୱଜା ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱତର ହେବାର ପ୍ରତୀୟମାନ ହେଉଥିବା ବେଳେ ପ୍ରତୀମାମାନେ ଭୂମିରେ ପତିତ ହୋଇ ଧୂଳିସାତ ହେବାର ଦେଖିବାକୁ ମିଳୁଛି ।

ଏହି ପୁରସ୍କାର ପ୍ରାପ୍ତିରେ ଆମେମାନେ ଅଲ୍ଲାଃତାଲାଙ୍କର ଯେତେ ମାତ୍ରାରେ କୃତଜ୍ଞ ହେଲେ ମଧ୍ୟ ତାହା କମ୍ ହେବ । ସୁତରାଂ ଆମର ସର୍ବପ୍ରଥମ କର୍ତ୍ତବ୍ୟ ଅଲ୍ଲାଃତାଲାଙ୍କ ପୁରସ୍କାରର ଗୁରୁତ୍ୱକୁ ସଠିକ୍ ରୂପେ ବୁଝିବାକୁ ଚେଷ୍ଟା କରିବା ଏବଂ ଅନ୍ତରାତ୍ମାରୁ ଏହାକୁ ହାର୍ଦ୍ଦିକ ସମ୍ମାନ ପ୍ରଦାନ କରି ଖିଲାଫତ୍‌ର ଆଜ୍ଞାନୁବର୍ତ୍ତୀ ହେବାକୁ ଶୀରୋଧାର୍ଯ୍ୟ କରିନେବା ଆବଶ୍ୟକ ।

ଖିଲାଫତ୍ ଅହମଦିୟାର ଅନୁଗ୍ରହ ଅନବରତ ଲାଗି ରହିଛି । କିନ୍ତୁ ଏହାର ଆବଶ୍ୟକତା ରହିଛି ଯେ ଆମେ ଏଥିରୁ ଲାଭବାନ ହେବା ପାଇଁ ସର୍ବପ୍ରଥମେ ଏହି ଐଶ୍ୱରିକ ବ୍ୟବସ୍ଥାକୁ ବୁଝିବା । ଏହି ପଦବୀର ମହତ୍ତ୍ୱ ଓ ସ୍ତରକୁ ଚିହ୍ନିବା ଏବଂ ଏଥି ସହିତ ପ୍ରେମ ଓ ବିଶ୍ୱସ୍ତତା ତଥା ଖିଲାଫତ ସହିତ କରିଥିବା ନିଜ ପ୍ରତିଜ୍ଞା ଏପରି ପାଳନ କରିବା, ଯାହାକି ନିଜ ସାଂସାରିକ ସମ୍ପର୍କ ଥିବା କୌଣସି କ୍ଷେତ୍ରରେ ବି ଦେଖିବାକୁ ମିଳୁ ନଥିବ । ଏଥି ସମ୍ବନ୍ଧୀୟ ସର୍ତ୍ତଗୁଡ଼ିକର ଯଦି ପାଳନ କରାଯାଏ, ତେବେ କେବଳ ଆମେ ଯେ ଏଥିରୁ ଉପକୃତ ହେବା ତା'ନୁହେଁ, ବରଂ ଆମର ଆଗାମୀ ବଂଶାନୁକ୍ରମିକ ପିଢୀ ମଧ୍ୟ ଏଥିରୁ ଉପକୃତ ହୋଇ ଚାଲିଥିବେ ।

# ଖିଲାଫତ୍‌ର ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଓ ପଦମର୍ଯ୍ୟାଦା

ଖିଲାଫତ୍ ଅହମଦିୟା ଅପାର ମହିମାର ଅଧିକାରୀ ହୋଇଥାଏ ଓ ଏହା ଆଧ୍ୟାତ୍ମିକ ଜଗତରେ ମାତ୍ରାଧିକ ଗୁରୁତ୍ୱ ବହନ କରିଥାଏ । ଏହାର ଗୁରୁତ୍ୱ ଏହି ବିଷୟରୁ ଭଲ ରୂପେ ଜଣାଯାଏ ଯେ ଏହି ସ୍ୱର୍ଗୀୟ ନେତୃତ୍ତ୍ୱ ଅବତାରଙ୍କ ଦେହାବସାନ ପରେ ତାଙ୍କ ମିଶନର ଆଭିମୁଖ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ତାଙ୍କର ଉତ୍ତରାଧିକାରୀ ସୂତ୍ରେ ଏକ କ୍ରମାଗତ ବ୍ୟବସ୍ଥା ସ୍ଥାପିତ ହୋଇଛି । ଏହି ବ୍ୟବସ୍ଥା ପ୍ରତି ସର୍ବଦା ସାହାଯ୍ୟ, ସହଯୋଗ କରିବା ପାଇଁ ଅଲ୍ଲାଃତାଲା ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ସୁତରାଂ ପ୍ରତ୍ୟେକ ମୁହୂର୍ତ୍ତରେ ତାହା ଅଲ୍ଲାଃଙ୍କ ସମର୍ଥନ ଲାଭ କରିଥାଏ, ଯାହାକୁ ଦେଖି ଲୋକମାନେ ଆଚମ୍ବିତ ହୋଇ ରହିଯାଆନ୍ତି ଯେ କେଉଁ ଅଦୃଶ୍ୟ ଶକ୍ତି ଏମାନଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସହଯୋଗ କରୁଛି । ସୁତରାଂ ଖିଲାଫତ୍‌ର ଆସନରେ ବିରାଜମାନ ହୋଇଥିବା ବ୍ୟକ୍ତି ଅବତାରତ୍ୱ ଆଲୋକର ପ୍ରତିବିମ୍ବ ହୋଇଥାନ୍ତି । ସେହି ବ୍ୟକ୍ତି ନବୁଓ୍ୱତ୍‌ର ସ୍ୱଭାବ ଓ ସୁଗୁଣ ଧାରଣ କରି ନବୀଙ୍କ କଲ୍ୟାଣର ବିଭୂତିରୁ ଭାଗ ନେଇଥାନ୍ତି । ଯଦିଓ ପବିତ୍ର ଲୋକମାନଙ୍କ ସର୍ବସମ୍ମତି କ୍ରମେ ଏହି ଚୟନ କରା ଯାଇଥାଏ, କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ସ୍ୱୟଂ ଅଲ୍ଲାଃ ହିଁ ଖଲିଫାଙ୍କୁ ମନୋନୀତ କରିଥାନ୍ତି । ଏହାହିଁ ଅଲ୍ଲାଃତାଲାଙ୍କ ବରଦାନ, ଯେଉଁଥିରୁ ଜଣେ ଖଲିଫା କଦାପି ବଞ୍ଚିତ ହୋଇ ନଥାଏ । କାରଣ ସେ ନବୁଓ୍ୱତ୍‌ର ପ୍ରତିନିଧିତ୍ୱ କରିଥାଏ । ସ୍ୱୟଂ ଅଲ୍ଲାଃ ତାଙ୍କର ଶିକ୍ଷକ ସାଜି ତାଙ୍କୁ ଦିବ୍ୟଜ୍ଞାନ ପ୍ରଦାନ କରିଥାନ୍ତି । ଏକପକ୍ଷେ ବିଶ୍ୱାସକାରୀମାନଙ୍କ ହୃଦୟରେ ତାଙ୍କ ପ୍ରତି ସ୍ନେହ ଓ ପ୍ରେମ ଭରି ଦେଇଥାନ୍ତି ତ ଅପରପକ୍ଷେ ସେହି ପ୍ରତିନିଧିଙ୍କ ହୃଦୟରେ ମଧ୍ୟ ସେମାନଙ୍କ ପ୍ରତି ମୋହ ଓ ଦୟା ଭାବନା ଉତ୍ପନ୍ନ କରି ଦେଇଥାନ୍ତି । ଏହା ଦ୍ୱାରା ପୁଣ୍ୟବନ୍ତ ବ୍ୟକ୍ତିମାନେ ଅସୁବିଧା ଓ କ୍ଳେଶର ସମ୍ମୁଖୀନ ହେଲେ, ସେହି ଧର୍ମାତ୍ମାଗଣ ଯନ୍ତ୍ରଣାରେ ଛଟପଟ ହୋଇ ସେମାନଙ୍କ ପାଇଁ ଅଲ୍ଲାଙ୍କ ନିକଟରେ ଅଶ୍ରୁ ଗଡ଼ାଇ ଆକୁଳ ପ୍ରାର୍ଥନା କରିଥାନ୍ତି । ସେମାନଙ୍କୁ ପ୍ରାର୍ଥନା ଗୃହୀତ ହେବାର ନିଦର୍ଶନ ପ୍ରାପ୍ତ ହୋଇଥାଏ ଓ ଏକ ଅସାଧାରଣ ତେଜସ୍ୱୀନି ଶକ୍ତି ହାସଲ ହୋଇଥାଏ । ସେହି ବ୍ୟକ୍ତି ସଂସାରରେ ବସବାସ କରୁଥିବା ଲୋକମାନଙ୍କ ମୁଖ୍ୟ ପୃଷ୍ଠପୋଷକ ହୋଇଥାଏ । ଯାହାର ଆଜ୍ଞାବହ ହେବା ଓ ତାଙ୍କ ପଥକୁ ଅନୁସରଣ କରିବା ସେମାନଙ୍କ ମୌଳିକ କର୍ତ୍ତବ୍ୟ ହୋଇଥାଏ । ତାଙ୍କ ଆଦେଶ ଅମାନ୍ୟ କରିବା ଅବସ୍ଥାରେ ମୃତ୍ୟୁବରଣ କଲେ ତାହା ଏକ ଅଜ୍ଞତା ଓ ଅନ୍ଧକାରମୟ ମୃତ୍ୟୁ

ବୋଲାଇଥାଏ । କିନ୍ତୁ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ହେଉଛି ଅଲ୍ଲାଃ ଓ ରସୁଲଙ୍କ ସହିତ ସମ୍ପର୍କ ଯୋଡ଼ିବା । କାରଣ ସେ ସେହି ସମୟରେ ଭୂପୃଷ୍ଠରେ ଅଲ୍ଲାଃତାଲାଙ୍କର ଅତି ପ୍ରିୟତମ ପୁରୁଷ ଓ ପ୍ରତିନିଧି ହୋଇଥାଏ । ହଜରତ ମସିହ ମଉଦ[ଅସ] ଖିଲାଫତ୍‌ର ସତ୍ୟତାକୁ ଦର୍ଶାଇ ଏହିପରି କହିଛନ୍ତି:

'ଖଲିଫା ଅସଲରେ ରସୁଲଙ୍କ ପ୍ରତିରୂପ । ଯେହେତୁ କୌଣସି ମାନବ ପକ୍ଷେ ଚିରକାଳ ଜୀବିତ ରହିବା ସମ୍ଭବ ନୁହେଁ, ତେଣୁ ଅଲ୍ଲାଃ ଇଚ୍ଛା ପ୍ରକାଶ କଲେ ଯେ ଜଣେ ବାର୍ତ୍ତାବହ ଯେ କି ସଂସାରର ସମସ୍ତ ସୃଷ୍ଟି ମଧ୍ୟରେ ଶ୍ରେଷ୍ଠ ଓ ମର୍ଯ୍ୟାଦା ପୁରୁଷୋତ୍ତମ ହୋଇଥାନ୍ତି । ତେଣୁ ତାଙ୍କ ପ୍ରତିନିଧିତ୍ୱକୁ ସେ ଅନ୍ତିମ ଦିବସ ପର୍ଯ୍ୟନ୍ତ ଜୀବିତ ରଖିବେ । ସେଥିପାଇଁ ଅଲ୍ଲାଃ ଖିଲାଫତ୍‌ର ବ୍ୟବସ୍ଥା ପ୍ରଚଳନ କଲେ । ଯଦ୍ୱାରା ପୃଥିବୀବାସୀ କଦାପି ଓ କୌଣସି ସମୟରେ ଅବତାରଙ୍କ ଆଶୀଷରୁ ବଞ୍ଚିତ ହୋଇ ରହିବେ ନାହିଁ ।'

*(ଶାହାଦତୁଲ୍ କୁରଆନ, ପୃ ୫୭)*

ହଜରତ ମୁସଲେହ ମଉଦ[ରଅ] କହିଛନ୍ତି: 'ମନେରଖ ! ଖଲିଫାଙ୍କୁ ଈଶ୍ୱର ଚୟନ କରିଥାନ୍ତି । କିନ୍ତୁ ଯେଉଁ ବ୍ୟକ୍ତି କୁହେ ଯେ ଖଲିଫା ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି, ସେ ମିଥ୍ୟାବାଦୀ । ବାସ୍ତବରେ କୁରଆନକୁ ଗଭୀର ଅନୁଧ୍ୟାନ କଲେ ଜଣାଯାଏ ଯେ କୌଣସି ଗୋଟିଏ ସ୍ଥାନରେ ମଧ୍ୟ ଖିଲାଫତ୍‌ର ବ୍ୟବସ୍ଥା ଲୋକମାନଙ୍କ ଦ୍ୱାରା କରାଯିବାର କୌଣସି ସଂକେତ ନାହିଁ । ବରଂ ସମସ୍ତ ପ୍ରକାର ଖଲିଫା ସୃଷ୍ଟି କରିବା ସମ୍ବନ୍ଧରେ ଅଲ୍ଲାଃତାଲା କହିଛନ୍ତି ଯେ ଖଲିଫା ଆମ୍ଭେ ହିଁ ଚୟନ କରିଥାଉ ।'

*(ଅନୱାରୁଲ୍ ଉ୍ଲୁମ୍, ଭାଗ ୨, ପୃ ୧୧)*

'ନବୁଓ୍ୱତ୍ ଉତ୍ତାରେ ନେତୃତ୍ୱର ସବୁଠାରୁ ବଡ଼ ଉପାଧି ହେଉଛି ଖିଲାଫତ୍ । ଜଣେ ମୋତେ କହିଲେ ଆମେ ଚେଷ୍ଟା କରୁଛୁ ଯେ ସରକାର ଆପଣଙ୍କୁ କୌଣସି ଉପାଧି ପ୍ରଦାନ କରିବେ । ମୁଁ ତାଙ୍କୁ ଉତ୍ତର ଦେଲି ଏହା ସାମାନ୍ୟ ସ୍ତରର ପଦବୀ । ମୁଁ ତ ସମଗ୍ର ଜଗତର ସମ୍ରାଟର ସିଂହାସନକୁ ମଧ୍ୟ ଖିଲାଫତ୍‌ର ଉଚ୍ଚାସନ ତୁଳନାରେ ଅତି ତୁଚ୍ଛ ମନେ କରୁଛି । ତେଣୁ ମୁଁ ଆପଣମାନଙ୍କୁ ଉପଦେଶ ପୂର୍ବକ କହୁଅଛି ଯେ ନିଜ ବ୍ୟାବହାରିକ ଜୀବନରେ ଈଶ୍ୱରଭୟ ଓ ଶିଷ୍ଟାଚାରକୁ ଆପଣାଇ ନିଅନ୍ତୁ । ମୁଁ କଦାପି ପସନ୍ଦ କରିବି ନାହିଁ ଯେ ଆମ ଉପରେ ଅଭିଯୋଗ ଉଠାଉଥିବା ବ୍ୟକ୍ତି ଧ୍ୱଂସ ପାଆନ୍ତୁ । କାରଣ ଖିଲାଫତ୍‌ର ଏହି ଆସନରେ ବିରାଜମାନ ହେବା ପରେ ବୟସ୍କ ଲୋକମାନେ

ମଧ୍ୟ ମୋତେ କୁନି କୁନି ପିଲାଙ୍କ ପରି ମନେ ହେଉଛନ୍ତି ଓ କୌଣସି ପିତା ଆଦୌ ଚାହେ ନାହିଁ ଯେ ତାହାର ପୁତ୍ର ନଷ୍ଟ ହୋଇଯାଉ ।'

*(ଅନୱାରୁଲ୍ ଓ୍ଵଲୁମ୍, ଭାଗ ୯, ପୃ ୪୨୫,୪୨୬)*

'ନିଃସନ୍ଦେହରେ ଲୋକମାନେ ହିଁ ଖଲିଫାଙ୍କୁ ନିର୍ବାଚିତ କରିଥାନ୍ତି । କିନ୍ତୁ ସେହି ନିର୍ବାଚନକୁ ଅଲ୍ଲାଃ ନିଜର ବୋଲି କହିଛନ୍ତି । ଏଭଳି ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ନବୀ ଓ ଖଲିଫାଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଯାଇଥାଏ । ଯଦି ସ୍ୱୟଂ ଅଲ୍ଲାଃ ସିଧାସଳଖ ଭାବରେ କାହାରିକୁ ଖଲିଫା କରି ନଥାନ୍ତି, ତେବେ ସେହି ଖଲିଫା ଓ ନବୀ ମଧ୍ୟରେ କୌଣସି ଅନ୍ତର ନଥାଏ । ସୁତରାଂ ନବୀର ଚୟନ ଅଲ୍ଲାଃତାଲା ପ୍ରତ୍ୟକ୍ଷ ଭାବରେ ନିଜ ହାତରେ ରଖିଛନ୍ତି ଏବଂ ଖଲିଫାଙ୍କ ଚୟନ ନିଜ ଭକ୍ତମାନଙ୍କ ମାଧ୍ୟମରେ ହୋଇଥାଏ ସତ, କିନ୍ତୁ ତାହା ମଧ୍ୟ ଅଲ୍ଲାଙ୍କ ଇଚ୍ଛାଶକ୍ତି ପ୍ରଦର୍ଶନ ବଳରେ ସମ୍ପର୍ଣ୍ଣ ହୋଇଥାଏ । ପୁଣି ଖଲିଫାଙ୍କୁ ସ୍ୱୟଂ ସାହାଯ୍ୟ ଓ ସମର୍ଥନ କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଥାନ୍ତି ।'

*(ଖିଲାଫତ୍ ଆଲା ମିନହାଜେ ନବୁଓ୍ଵତ୍, ଭାଗ ୩, ପୃ ୫୯୩)*

'ଖିଲାଫତ୍ ଏକ ଐଶ୍ୱରିକ ପୁରସ୍କାର । ଏହାର ଗନ୍ତବ୍ୟ ପଥରେ କେହିହେଲେ ପ୍ରତିବନ୍ଧକ ସୃଷ୍ଟି କରିପାରିବେ ନାହିଁ । କାରଣ ତାହା ଅଲ୍ଲାଃଙ୍କ ଜ୍ୟୋତିକୁ ଭୂପୃଷ୍ଠରେ ପ୍ରତିଷ୍ଠା କରିବାର ଏକ ମାଧ୍ୟମ । ଯେଉଁ ବ୍ୟକ୍ତି ତାହାଙ୍କୁ ହାନୀ ପହଞ୍ଚାଇବାର ଦୁଃସାହାସ କରେ, ସେ ନିଜେ ହିଁ ଅଲ୍ଲାଃଙ୍କ ପ୍ରକାଶକୁ ନଷ୍ଟ କରିବାକୁ ଉଦ୍ୟମ କରିଥାଏ । ତାହା ଏକ ପ୍ରତିଶ୍ରୁତି, ଯାହାକି ନିଶ୍ଚିତ ରୂପେ ପୂରଣ କରାଯାଇଥାଏ । କିନ୍ତୁ ତାହାର ସମୟକାଳ ବିଶ୍ୱାସକାରୀଙ୍କ ନିଷ୍ଠାପରତା ସହିତ ଜଡ଼ିତ ହୋଇ ରହିଥାଏ ।....'

*(ଖିଲାଫତ୍ ଆଲା ମିନହାଜେ ନବୁଓ୍ଵତ୍, ଭାଗ ୩, ପୃ ୪୨୦,୪୨୧)*

'ସେହି ଖଲିଫା ଯେ କି ନବୀଙ୍କ ଉତ୍ତରାଧିକାରୀ ହୋଇଥାନ୍ତି । ସେମାନଙ୍କୁ ଅସ୍ୱୀକାର କରିବା ଓ ଉପହାସ କରିବା କୌଣସି ସାମାନ୍ୟ କଥା ନୁହେଁ । କାରଣ ଏପରି କର୍ମ ଜଣେ ବିଶ୍ୱାସକାରୀକୁ ମଧ୍ୟ ଅଧର୍ମୀ କରି ଦେଇଥାଏ । ସୁତରାଂ ଏପରି ମନେକର ନାହିଁ ଯେ ତୁମର ତାଚ୍ଛଲ୍ୟ ଭରା କଥା ଓ ବିରୁଦ୍ଧାତ୍ମକ ଲେଖାକୁ ନିୟନ୍ତ୍ରଣରେ ନରଖିବା ତୁମ ପାଇଁ କୌଣସି ଉତ୍ତମ ପରିଣାମ ଆଣିଦେବ । ଅଲ୍ଲାଃତାଲା କହିଛନ୍ତି ଯେ ମୁଁ ଏଭଳି ଲୋକମାନଙ୍କୁ ନିଜ ଜମାଅତରୁ ପୃଥକ କରିଦେବି । ଫାସିକ୍‌ର ଅର୍ଥ ଯାହାର ଅଲ୍ଲାଃଙ୍କ ସହିତ କୌଣସି ସମ୍ପର୍କ ନଥାଏ । ଭଲଭାବେ ମନେରଖ ! ଅଲ୍ଲାଃଙ୍କ

ଦ୍ୱାରା ଯେଉଁ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥାଏ, ତାକୁ ସମ୍ମାନ ନକରିବା କିମ୍ବା ସେଥିରେ ଅଯଥା ଅଭିଯୋଗ ଆଣିବା ଏବଂ ନିଜ କଟୁଶବ୍ଦର ପ୍ରୟୋଗ ପ୍ରତି ଦୃଷ୍ଟି ନରଖିବା ଯୋଗୁଁ ସେ ବିଶ୍ୱାସକାରୀ ହୋଇଥାଉ ପଛକେ ଶେଷରେ ସେ ଅମାନ୍ୟକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ମୃତ୍ୟୁବରଣ କରିଥାଏ ।'

*(ଖିଲାଫତ୍ ଆଲା ମିନ୍‌ହାଜେ ନବୁଓ୍ୱତ୍, ଭାଗ ୩, ପୃ ୮,୯)*

ଜମାଅତ ଅହମଦିୟାର ତୃତୀୟ ଖଲିଫା[ରଅ] କହିଛନ୍ତି: 'ଖଲିଫା ସମଗ୍ର ସଂସାରର ଶିକ୍ଷକ । ଯଦି ଏହା ସତ ହୋଇଥାଏ ଓ ନିଶ୍ଚିତ ଭାବରେ ଏହି କଥା ହିଁ ସତ୍ୟ, ତେବେ ସମଗ୍ର ପୃଥିବୀର ବିଦ୍ୱାନ ଓ ଦାର୍ଶନିକ ତାହାଙ୍କ ନିକଟକୁ ଶିଷ୍ୟତ୍ୱ ଗ୍ରହଣ କରିବାକୁ ଆସିବେ । ଏହା ନୁହେଁ ଯେ ଶିକ୍ଷକ ହୋଇ ଆସିବେ ।' *(ଅଲ ଫଜଲ୍ ୨୧, ଡ଼ିସେମ୍ବର ୧୯୬୬)*

ହଜରତ ଖଲିଫତୁଲ୍ ମସିହ ପଞ୍ଚମ[ଅବ] ହଜରତ ମୁସଲେହ ମଉଦ[ରଅ]ଙ୍କ ତଥ୍ୟ ମାଧ୍ୟମରେ କହିଛନ୍ତି: 'ଏହା ସମ୍ଭବ ଯେ ବ୍ୟକ୍ତିଗତ ଭାବରେ ଖଲିଫାଙ୍କ ଦ୍ୱାରା ତ୍ରୁଟି ହୋଇପାରେ । କିନ୍ତୁ ଯେଉଁ ବିଷୟରେ ଜମାଅତର ଆଧ୍ୟାତ୍ମିକ ଓ ଭୌତିକ ଉନ୍ନତି ନିର୍ଭରଶୀଳ, ଯଦି ସେଥିରେ କିଛି ଭୁଲ କିମ୍ବା ଦୋଷ ରହିଯାଏ, ତେବେ ଅଲ୍ଲାଃତାଲା ସ୍ୱୟଂ ନିଜ ଜମାଅତର ରକ୍ଷା କରିଥାନ୍ତି ଏବଂ କୌଣସିମତେ ସେ ବିଷୟରେ ଖଲିଫାଙ୍କୁ ଅବଗତ କରାଇ ଦିଅନ୍ତି । ସୁଫିମାନଙ୍କ ମତରେ ତାହାକୁ ଇସ୍‌ମତେ ସୁଗ୍ରା (କ୍ଷୁଦ୍ର ଶିଷ୍ଟାଚାର) କୁହାଯାଏ । ଅର୍ଥାତ୍ ନବୀଙ୍କୁ 'ଇସମତେ କୁବରା' (ବୃହତ ଶିଷ୍ଟାଚାର) ହାସଲ ହୋଇଥିବା ସ୍ଥଳେ ଖଲିଫାଙ୍କୁ 'ଇସମତେ ସୁଗରା' ହାସଲ ହୋଇଥାଏ । ଅଲ୍ଲାଃତାଲା ସେମାନଙ୍କ ଦ୍ୱାରା ଏପରି କୌଣସି ବଡ଼ ଧରଣର ତ୍ରୁଟି କରାଇ ନଥାନ୍ତି, ଯାହା ପାଇଁ ଜମାଅତ ଧ୍ୱଂସ ହେବାର କାରଣ ହେବ । ବରଂ ସେମାନଙ୍କ ନିଷ୍ପତ୍ତିରେ ଅତି ସାମାନ୍ୟ ତ୍ରୁଟି ଅଥବା ନିମ୍ନମାନର ଭୁଲ ହୋଇପାରେ । କିନ୍ତୁ ଶେଷରେ ଇସଲାମ ହିଁ ଜୟଯୁକ୍ତ ହେବ ଓ ତାହାର ବିରୋଧିମାନେ ପରାଜୟ ବରଣ କରିବେ । ଏପରି ଅଲ୍ଲାଃ ନିଜ ପ୍ରିୟଜନମାନଙ୍କୁ ଇସମତେ ସୁଗରା ପ୍ରଦାନ କରିଥାନ୍ତି । ଅଲ୍ଲାଃଙ୍କ ଇଚ୍ଛା ହିଁ ସେମାନଙ୍କ ମହତ୍ୱାକାଙ୍କ୍ଷା ଓ ଅହରହ ପ୍ରଚେଷ୍ଟା ହୋଇଥାଏ । ଏହା ନିଃସନ୍ଦେହ ଯେ ଅଭିଯୋଗକାରୀ ତ ନିଶ୍ଚୟ ଅଭିଯୋଗ କରିବେ ଓ ସେମାନଙ୍କ ଜିହ୍ୱା ହରକତ୍ କରିବ । ସେମାନେ ନିଜ ହସ୍ତ ଓ ବୁଦ୍ଧି ପ୍ରୟୋଗ କରିବେ ସତ, କିନ୍ତୁ ଏସବୁ ପଛରେ ଅଲ୍ଲାଃଙ୍କ ଯୋଜନା ଅବଶ୍ୟ କାର୍ଯ୍ୟ କରୁଥିବ । ଖଲିଫାଙ୍କ ସାମାନ୍ୟ ତ୍ରୁଟି ଓ କଦାଚିତ ତାଙ୍କର ପରାମର୍ଶଦାତା

ମଧ୍ୟ ତାଙ୍କୁ ଭୁଲ ପରାମର୍ଶ ଦେଇଥାନ୍ତି । କିନ୍ତୁ ଏହା ସତ୍ତ୍ୱେ ସେସମସ୍ତ ପ୍ରତିବନ୍ଧକ ଅତିକ୍ରମ କରିବା ଶେଷରେ ସେମାନଙ୍କୁ ହିଁ ସଫଳତା ହାସଲ ହୋଇଥାଏ । ଯେପରି ସମସ୍ତ କଡ଼ି ଏକତ୍ରିତ ହେବା ଫଳରେ ଏକ ଶିକୁଳି ପ୍ରସ୍ତୁତ ହୋଇଥାଏ, ଯାହାକି ଏପରି ସୁଦୃଢ ଓ ସଶକ୍ତ ହୋଇଥାଏ ଯେ କୌଣସି ଶକ୍ତି ତାହାକୁ ବିଭାଜିତ କରିପାରି ନଥାଏ ।'

*(ଖୁତବାତେ ମସରୁର୍, ଭାଗ ୧, ପୃ ୩୪୧, ୩୪୩)*

ଏଥିରୁ ଜଣାପଡ଼ିଲା ଯେ ବିଶ୍ୱାସକାରୀମାନେ ଗଭୀର ଆନ୍ତରିକତା ଓ ଦାୟିତ୍ୱ ସହକାରେ ଖିଲାଫତ୍ ସହିତ ସମ୍ପର୍କ ସ୍ଥାପନ କରିବା ଓ ଏହାର ପୂର୍ଣ୍ଣ ଆଜ୍ଞାବହ ହେବା ସେମାନଙ୍କର ମୌଳିକ କର୍ତ୍ତବ୍ୟ । ଯେତେବେଳେ ଏହା ହିଁ ସତ୍ୟସିଦ୍ଧ ଓ ସୁନିଶ୍ଚିତ ଯେ ଖଲିଫାଙ୍କୁ ଅଲ୍ଲାଃତାଲା ସ୍ୱୟଂ ସୃଷ୍ଟି କରିଥାନ୍ତି, ସେହି ଖଲିଫା ହିଁ ସମଗ୍ର ସଂସାରରେ ଅଲ୍ଲାଃଙ୍କର ପ୍ରତିନିଧି ଓ ତାଙ୍କର ଅତି ପ୍ରିୟ ଭକ୍ତ ହୋଇଥାନ୍ତି । ତା'ପରେ ଏହା ଅନିବାର୍ଯ୍ୟ ହୋଇ ପଡ଼େ ଯେ ଏଭଳି ଅଲୌକିକ ଶକ୍ତିସମ୍ପନ୍ନ ବ୍ୟକ୍ତିତ୍ୱକୁ ନିଜ ପ୍ରାଣଠାରୁ ବଳି ଅଧିକ ଭଲ ପାଇବା ଓ ନିଜକୁ ସମ୍ପୂର୍ଣ୍ଣ ରୂପେ ତାଙ୍କ ପାଦତଳେ ସମର୍ପଣ କରିଦେବା ଉଚିତ । ଏହା ପବିତ୍ର ଧର୍ମଗ୍ରନ୍ଥର ସୁରଃ ନୁର (ଇସତେଖଲାଫ୍) ପଙ୍କ୍ତି ପାଠ କରିବା ଦ୍ୱାରା ସ୍ପଷ୍ଟ ହେଉଛି । ଯେଉଁଠାରେ ଅଲ୍ଲାଃ ଖିଲାଫତ୍ର ବିଷୟ ଆରମ୍ଭ କରିବା ପୂର୍ବରୁ ରସୁଲଙ୍କ ଆଜ୍ଞାବହ ହେବାର ଆଦେଶ ଦେଇଛନ୍ତି । ପୁନଶ୍ଚ ଖିଲାଫତ୍ ବିଷୟ ବର୍ଣ୍ଣନା କରିବା ପରେ ରସୁଲଙ୍କ ଆଜ୍ଞାବହ ହେବାର ଆଦେଶ ରହିଛି । ଏହା କୌଣସି ସଂଯୋଗର ବିଷୟ ନୁହେଁ, ବରଂ ଏଥିରେ ଗୂଢଭେଦ ଲୁଚି ରହିଛି । ତାହା ହେଉଛି ଖଲିଫାଙ୍କ ଆଜ୍ଞାବହ ହେବା ଅର୍ଥ ପ୍ରକୃତରେ ରସୁଲଙ୍କ ଆଜ୍ଞାବହ ହେବା । ପୁଣି ରସୁଲଙ୍କର ଆଜ୍ଞାବହ ହେବା ପାଇଁ ଖଲିଫାଙ୍କ ଆଜ୍ଞାବହତା ସ୍ୱୀକାର କରିବା ମଧ୍ୟ ସେହିପରି ନିଷ୍ଠା ସଂପୂର୍ଣ୍ଣ ମନପ୍ରାଣରୁ ହେବା ଆବଶ୍ୟକ, ଯେମିତିକି ରସୁଲଙ୍କ ପ୍ରତି କରିବାର ଆଦେଶ ରହିଛି ।

ଖଲିଫାଙ୍କ ସହିତ ଗଭୀର ଆନ୍ତରିକତା ଦେଖାଇବା ତଥା ଏହାର ଗୁରୁତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ହଜରତ ମୁହମ୍ମଦ[ସଅ]ଙ୍କ ତାଗିଦପୂର୍ଣ୍ଣ ହଦିସ ବାଣୀକୁ ସର୍ବଦା ମନେ ରଖିବା ଉଚିତ । ଯେଉଁଥିରେ ମହାଭାଗ କହିଛନ୍ତି:

فَإِنْ رَأَيْتَ يَوْمَئِذٍ خَلِيْفَةَ اللهِ فِي الْأَرْضِ فَالْزِمْهُ وَإِنْ
نُهِكَ جِسْمُكَ وَأُخِذَ مَالُكَ

**ଫଇନ୍‌ରାଐତା ୟୋମଇଯିନ୍‌ଖଲିଫତଲ୍‌ଲାହେ ଫିଲ୍‌ଅର୍‌ଜେ ଫଲ୍‌ଜିମ୍‌ହୋ ୱଇନ୍‌ନୁହିକା ଜିସ୍‌ମୁକା ୱଉଖିଜା ମାଲୁକା ।**

ଅର୍ଥାତ 'ଯଦି ତୁମେ ଭୂପୃଷ୍ଠରେ ଅଲ୍ଲାଃଙ୍କ ଖଲିଫାଙ୍କୁ ଦେଖ, ତେବେ ତାଙ୍କ ସହିତ ସଂଯୁକ୍ତ ହୋଇଯାଅ । ଯଦିଚ ଏଥିନିମନ୍ତେ ତୁମ ଶରୀରକୁ ଟିକିଟିକି କରି ଛିନ୍ନଭିନ୍ନ କରି ଦିଆଯାଏ ଓ ତୁମର ସମସ୍ତ ଧନସମ୍ପତ୍ତିକୁ ଲୁଟି ନିଆଯାଏ ।' *(ମସନଦ ଅହମଦ ବିନ୍ ହମ୍ବଲ, ହଦିସ ନଂ ୨୨୩୩୩)*

ଏହି ହଦିସରୁ ସ୍ପଷ୍ଟ ହେଉଛି ଯେ ଖିଲାଫତ୍ ହିଁ ପ୍ରକୃତରେ ସଂସାରରେ ସବୁଠାରୁ ବଡ଼ ଓ ମୂଲ୍ୟବାନ ସମ୍ପତ୍ତି । ଏହା ମନୁଷ୍ୟର ଜୀବନ ଓ ଧନସମ୍ପତ୍ତି ଠାରୁ ମଧ ଅଧିକ ମୂଲ୍ୟବାନ । ସୁତରାଂ ଯେତେବେଳେ ଏହି ମୂଲ୍ୟବାନ ରତ୍ନ କୌଣସି ସମ୍ପ୍ରଦାୟକୁ ଅଲ୍ଲାଃଙ୍କ ନିକଟରୁ ପ୍ରଦାନ କରାଯାଏ, ତେବେ ତାହା ସହିତ ସଂଯୁକ୍ତ ହେବା ଓ ପ୍ରତ୍ୟେକ ପରିସ୍ଥିତିରେ ତାହା ସହିତ ଜଡ଼ିତ ରହିବାରେ ହିଁ ଆଧ୍ୟାତ୍ମିକ ଜୀବନ ଓ ମୁକ୍ତି ପାଇବାର ପ୍ରତିଶ୍ରୁତିବଦ୍ଧତା ରହିଛି ।

## ଖିଲାଫତ୍‌ର ଉପକାରୀତା

- ☐ ଧର୍ମ ସଂସ୍ଥାପନ
- ☐ ଶାନ୍ତି ପ୍ରତିଷ୍ଠା
- ☐ ପ୍ରକୃତ ଈଶ୍ୱର ଉପାସନା
- ☐ ବିଶୁଦ୍ଧ ଏକେଶ୍ୱରବାଦର ପ୍ରତିଷ୍ଠା
- ☐ ମାନବସେବା
- ☐ ସକଳ ପ୍ରକାର ପ୍ରଗତି ଓ କଲ୍ୟାଣ ସାଧନ
- ☐ ଏକତା ଓ ଅଖଣ୍ଡତାର ପ୍ରତିଷ୍ଠା
- ☐ ଐଶ୍ୱରିକ ସାହାଯ୍ୟ ଓ ସହଯୋଗ
- ☐ ଜମାଅତର ଅନୁଗାମୀଙ୍କୁ ଏକ ଉଦାରପୂର୍ଣ୍ଣ ଓ ପ୍ରାର୍ଥନାକାରୀ ବ୍ୟକ୍ତିତ୍ୱ ପ୍ରାପ୍ତି
- ☐ ଆଧ୍ୟାତ୍ମିକ ଜୀବନର ସୁରକ୍ଷା

ଖିଲାଫତ୍‌ର ଯେଉଁ ସମସ୍ତ କଲ୍ୟାଣ ଓ ଉପକାର ରହିଛି, ତାହା ପବିତ୍ର ଧର୍ମଗ୍ରନ୍ଥ କୁରଆନର ଅନେକ ସ୍ଥାନରେ ଉଲ୍ଲେଖ କରାଯାଇଛି । ସାଧାରଣତଃ ସୁରଃ ନୁର, ପଙ୍‌କ୍ତି ୫୬ରେ ଅତ୍ୟନ୍ତ ସଂକ୍ଷିପ୍ତ ରୂପେ ବର୍ଣ୍ଣନା

କରାଯାଇଛି ଯେ ଖିଲାଫତ୍‌ର ବିଶିଷ୍ଟ ଉପକାରିତାଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଧର୍ମର ପୁନରୁଦ୍ଧାର । ଏତତ୍‌ଦ୍ୱାରା ବିଶ୍ୱାସକାରୀମାନଙ୍କ ଭୟାତୁର ଅବସ୍ଥାକୁ ଶାନ୍ତିପ୍ରଦ ଓ ଆଶ୍ୱସ୍ତିରେ ରୂପାନ୍ତରିତ କରିବା । ପ୍ରକୃତ ଈଶ୍ୱରଙ୍କର ଉପାସନା ଓ ବିଶୁଦ୍ଧ ଏକେଶ୍ୱରବାଦ ସୁଦୃଢ ହେବା ସହିତ ତାହାକୁ ସଠିକ୍ ରୂପେ ପୁନଃସ୍ଥାପନ କରାଯାଇଥାଏ । ଧର୍ମ ସହିତ ଜଡ଼ିତ ପ୍ରତ୍ୟେକ ବିଭାଗରେ ଏକ ନୂତନ ଜୀବନ ସଂଚାରିତ ହୋଇଥାଏ । ପ୍ରଗତିର ନିତ୍ୟ ନୂତନ ମାର୍ଗ ଉନ୍ମୁକ୍ତ ହୋଇଥାଏ । ଯେଉଁ ପଥରେ ଏହି ଐଶ୍ୱରିକ ପ୍ରତିନିଧି ବିଶ୍ୱାସକାରୀମାନଙ୍କୁ ପରିଚାଳିତ କରି ଜୀବନର ପ୍ରକୃତ ଉଦ୍ଦେଶ୍ୟ ହାସଲ କରିବାର ପ୍ରୟାସ କରାଇଥାନ୍ତି । ଜୀବନର ଚଲା ପଥରେ ଆସିଥିବା ସମସ୍ତ ପ୍ରତିବନ୍ଧକକୁ ଦୂର କରିବାର ଉପାୟ ବତାଇଥାନ୍ତି ତଥା ସମସ୍ତ ପ୍ରକାରର ଦୁଃଖ ଓ କଷ୍ଟକୁ ନିବାରଣ କରିଥାନ୍ତି । ସବୁଠାରୁ ବଳି ଗୋଷ୍ଠୀଗତ ଏକତା ଓ ଏହାର ସୌନ୍ଦର୍ଯ୍ୟକୁ ବଜାୟ ରଖିବା ନିମନ୍ତେ ସଦୈବ ଚେଷ୍ଟିତ ରହିଥାନ୍ତି । ଅଲ୍ଲାଃତାଲାଙ୍କ ଉପାସନା ଓ ତାଙ୍କ ଗୁଣଗୁଡ଼ିକୁ ନିଜ ଭିତରେ ସୃଷ୍ଟି କରି ଉଚ୍ଚ ଆଦର୍ଶ ଦେଖାଇବା ବିଶ୍ୱାସକାରୀଙ୍କ ମୂଳ ଲକ୍ଷ୍ୟ ହୋଇଥାଏ । ଯାହାର ମାର୍ଗଦର୍ଶନ ଓ ସଂକେତ ପାଇ ବିଶ୍ୱାସକାରୀମାନେ ଆଗେଇ ଚାଲିବାକୁ ପ୍ରୟାସ କରିଥାନ୍ତି । ଏହି ଐଶ୍ୱରିକ ନେତୃତ୍ୱ ବିଶ୍ୱାସକାରୀମାନଙ୍କୁ ଉତ୍ତମ କର୍ମ ଓ ନିଜ ପୁଣ୍ୟ ଅର୍ଜନର ସ୍ତର ବୃଦ୍ଧି କରିବାର ପ୍ରକୃଷ୍ଟ ସମୟକୁ ଦର୍ଶାଇଥାଏ । ଏହା ଦ୍ୱାରା ଧର୍ମପରାୟଣତା, ଧୈର୍ଯ୍ୟ ଓ ସଦାଚାରର ସବୁଜ କ୍ଷେତ ପଲ୍ଲବିତ ହୋଇଉଠେ । ଅଲ୍ଲାଃଙ୍କ ଉଦ୍ଦେଶ୍ୟକୁ ବୁଝି ତାଙ୍କ ଡ଼ାକରାରେ ଉପସ୍ଥିତ ହେବା ନିମନ୍ତେ ସେହି ଖଲିଫା ବିଶ୍ୱାସକାରୀମାନଙ୍କୁ ପ୍ରସ୍ତୁତ କରାଇଥାନ୍ତି ।

ଏହି ଐଶ୍ୱରିକ ବ୍ୟବସ୍ଥା ସୃଷ୍ଟିର ବିକାଶ ଓ ଉପକାର ସାଧନ କରିବା ନିମନ୍ତେ ବିଶ୍ୱାସକାରୀମାନଙ୍କର କେବଳ ଯେ ଧ୍ୟାନ ଆକର୍ଷଣ କରାଇଥାଏ ତା'ନୁହେଁ, ବରଂ ତାହାର ବ୍ୟବସ୍ଥାକୁ ପ୍ରଚଳନ କରିବା ପାଇଁ ଅନୁଷ୍ଠାନମାନ ସ୍ଥାପନ କରିଥାଏ । ଯାହାକି ମାନବଜାତିର ସେବା କରି ସୃଷ୍ଟିଜଗତ ପ୍ରତି ନିଜ କର୍ତ୍ତବ୍ୟ ନିର୍ବାହ କରିପାରିବ ।

ଏହି ଐଶ୍ୱରିକ ବ୍ୟବସ୍ଥା ଅତି ଆଶ୍ଚର୍ଯ୍ୟଜନକ । ଏହାର ସୌନ୍ଦର୍ଯ୍ୟ, ସୁନାମ, ଉପକାର ଓ ଆଶୀଷକୁ ଗଣନା କରିବା କେବେ ସମ୍ଭବପର ନୁହେଁ । ତେଣୁ ଜଣେ ଖଲିଫାଙ୍କ ହୃଦୟ ମାନବଜାତି ପ୍ରତି ପ୍ରେମ, ଶ୍ରଦ୍ଧା ଓ ସ୍ନେହରେ ପରିପୂର୍ଣ୍ଣ ରହିଥାଏ । ତାଙ୍କର ନିଜ ଅନୁଗାମୀଙ୍କ ସହିତ ସ୍ନେହ ଓ ପ୍ରେମର

ନିବିଡ଼ତାର ସମ୍ପର୍କକୁ କୌଣସି ସାଂସାରିକ ସମ୍ପର୍କ ସହିତ ତୁଳନା କରିବା ଏକ ନିର୍ବୋଧତା । ଖଲିଫା ତ ମମତାମୟୀ ମା'ଠାରୁ ବଳି ନିଜ ଅନୁଗାମୀମାନଙ୍କୁ ଭଲ ପାଆନ୍ତି । ଦୁଃଖକଷ୍ଟ ପହଞ୍ଚିଲେ ତାଙ୍କ ହୃଦୟ ବ୍ୟଥା ଓ ବେଦନାରେ ଛଟପଟ ହୋଇଥାଏ । ଲୋକମାନେ ଗଭୀର ନିଦ୍ରାରେ ଶୋଇଥିବା ବେଳେ ସେ ତାଙ୍କ ପାଇଁ କାନ୍ଦିକାନ୍ଦି ପ୍ରାର୍ଥନା କରିଥାନ୍ତି ଏବଂ ତାଙ୍କ କଲ୍ୟାଣ ଓ ପ୍ରଗତି ପାଇଁ ନାନାବିଧ ଯୋଜନା ପ୍ରସ୍ତୁତ କରିଥାନ୍ତି । ସେହି ଯୋଜନାର ସଫଳ ରୂପାୟନ ପାଇଁ ପ୍ରାର୍ଥନା ମଧ୍ୟ କରିଥାନ୍ତି । କେବଳ ସେହି ପ୍ରାର୍ଥନା ହିଁ ନିଷ୍ପାପର ଭକ୍ତମାନଙ୍କର ଦୁଃଖ ଓ ସମସ୍ୟା ଦୂର କରିଥାଏ । ସାମାନ୍ୟ ଦୟା ମଧ୍ୟ ଏହା ଆବଶ୍ୟକ କରିଥାଏ ଯେ ପ୍ରତ୍ୟେକ ଦିନ ଖଲିଫା ସମଗ୍ର ସଂସାରବାସୀଙ୍କୁ ନିଜ ଅନ୍ତର୍ଦୃଷ୍ଟିରେ ଦେଖିଥାନ୍ତି ଓ ତାଙ୍କ ହୃଦୟ ଜମାଅତର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ବ୍ୟତିବ୍ୟସ୍ତ ହୋଇଉଠେ । ସେ ପ୍ରତ୍ୟେକ ବ୍ୟକ୍ତି ସତ୍‌ପଥଗାମୀ ହେବା ଓ ପ୍ରତ୍ୟେକ କ୍ଷେତ୍ରରେ କୃତକାର୍ଯ୍ୟ ହେବା ପାଇଁ ଶୁଭକାମନା କରିଥାନ୍ତି । ସୁତରାଂ ତାହାଙ୍କ ଅସ୍ତିତ୍ୱ ସହିତ ଅପରିମେୟ କଲ୍ୟାଣ ବହନ କରିଥାଏ । ସେହି କଲ୍ୟାଣକାରୀ ବ୍ୟକ୍ତିଙ୍କ ନିକଟରୁ ଅସଂଖ୍ୟ ଲୋକ ଉପକୃତ ହୋଇଥାନ୍ତି । ସେହି ଐଶ୍ୱରିକ ବରଦାନ ହେଉଛି ନବୀଙ୍କ କୃପାଶିଷର ପ୍ରତିବିମ୍ବ । ନିମ୍ନରେ ହଜରତ ମସିହ ମଉଦ[ଅସ] ଓ ତାଙ୍କ ଖଲିଫାଙ୍କ ସମ୍ବନ୍ଧରେ ସଂକ୍ଷିପ୍ତ ବର୍ଣ୍ଣନା ମାଧ୍ୟମରେ ଖିଲାଫତ୍‌ର ଉପକାରୀତାର ଏକ ଝଲକ ଦିଆଯାଉଛି:

ହଜରତ ମସିହ ମଉଦ[ଅସ] କହିଛନ୍ତି: 'ହଜରତ ମୁହମ୍ମଦ[ସଅ]ଙ୍କ ଦେହାନ୍ତ ପରେ ମୁସଲିମ ଜଗତରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା । ଆରବ ଦେଶର ଅନେକ ଗୋଷ୍ଠୀ ଇସଲାମ ପରିତ୍ୟାଗ କରି ଭିନ୍ନ ପଥର ପଥିକ ହୋଇଗଲେ । ଅନ୍ୟ କେତେକ ଜକାତ୍(ସ୍ୱେଚ୍ଛାକୃତ ଦାନ ଯାହା ଇସଲାମର ଏକ ମୌଳିକ ସ୍ତମ୍ଭ -ଅନୁବାଦକ) ଦେବାକୁ ମନା କରିଦେଲେ ଏବଂ କେତେକ ମିଥ୍ୟାବାଦୀ ନିଜକୁ ଆତ୍ମଘୋଷିତ ଅବତାର ରୂପେ ଦର୍ଶାଇଲେ । ଏପରି ବିଷମ ଓ ସଙ୍କଟମୟ ପରିସ୍ଥିତିରେ ଜଣେ ଦୃଢ଼ମନା, ପ୍ରଶସ୍ତ ହୃଦୟଧାରୀ, ଦୁଃସାହସୀ, ଧୈର୍ଯ୍ୟବାନ ଓ ଅଟଳ ବିଶ୍ୱାସୀ ବ୍ୟକ୍ତିତ୍ୱ ଅର୍ଥାତ ଜଣେ ଉତ୍ତରାଧିକାରୀ (ଖଲିଫା)ଙ୍କର ଆବଶ୍ୟକତା ଥିଲା । ସୁତରାଂ ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କ ସର୍ବଶ୍ରେଷ୍ଠ ଅନୁଚର ହଜରତ ଅବୁବକର[ରଅ]ଙ୍କୁ ଖଲିଫାର ଆସନରେ ଅଳଙ୍କୃତ କରାଗଲା । ଖଲିଫା ହେବା ମାତ୍ରେ ହିଁ ତାଙ୍କୁ ବହୁ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଯେପରି କି ହଜରତ ଆଏଶା[ରଅ] କହିଛନ୍ତି: 'ବାରମ୍ବାର

ଉପଦ୍ରବକାରୀ ଓ ଆରବର ପ୍ରତିପକ୍ଷ ଗୋଷ୍ଠୀ ବିଦ୍ରୋହ କରିବା ଓ ନବୁଓ୍ୱତ୍‌ର ମିଥ୍ୟା ଘୋଷଣାକାରୀ ଛିଡ଼ା କରାଇବା ଦ୍ୱାରା ମୋ ପିତା (ଅବୁବକର)ଙ୍କୁ ଅନେକ କଷ୍ଟ ଓ ଦୁର୍ଦ୍ଦଶା ଭୋଗ କରିବାକୁ ପଡ଼ିଥିଲା । ତାଙ୍କ ହୃଦୟ ଉପରେ ଦୁଃଖର ଏଭଳି ବୋଝ ଲଦି ହୋଇଗଲା ଯେ ଯଦି ତାହା କୌଣସି ପାହାଡ଼ ଉପରେ ପଡ଼ିଥାନ୍ତା, ତେବେ ତାହା ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ମାଟିରେ ମିଶି ଯାଇଥାନ୍ତା । ଯେହେତୁ ଅଲ୍ଲାଃତାଲାଙ୍କର ନିର୍ଦ୍ଧାରିତ ନିୟମ ରହିଛି ଯେ ଯେତେବେଳେ ଅଲ୍ଲାଃଙ୍କ ରସୁଲଙ୍କ ଦେହାବସାନ ପରେ କେହି ବ୍ୟକ୍ତି ଖଲିଫା ରୂପେ ମନୋନୀତ ହୋଇଥାନ୍ତି, ସେତେବେଳେ ଈଶ୍ୱର ତାଙ୍କ ମଧ୍ୟରେ ସାହସ, ଦୃଢତା, କାର୍ଯ୍ୟ ଦକ୍ଷତା ତଥା ପରାକ୍ରମ ପ୍ରଦର୍ଶନକାରୀ ଆତ୍ମା ଫୁଙ୍କି ଦେଇଥାନ୍ତି..... ଏହି ପରିପୂର୍ଣ୍ଣ ମାନବୀୟ ଗୁଣ ଓ ପାରଦର୍ଶୀତା ଅଲ୍ଲାଃତାଲାଙ୍କ ସ୍ୱର୍ଗୀୟ ନିୟମାନୁଯାୟୀ ହଜରତ ଅବୁବକର[ରଅ]ଙ୍କ ହୃଦୟରେ ଅବତୀର୍ଣ୍ଣ ହୋଇଥିଲା ।

*(ତୋହଫାଏ ଗୋଲଡିଆ, ରୁହାନି ଖଜାୟିନ୍, ଭାଗ ୧୭, ପୃ ୧୮୫,୧୮୬)*

ଯେତେବେଳେ କୌଣସି ଐଶ୍ୱରିକ ବାର୍ତ୍ତାବହ କିମ୍ବା ସାଧୁସନ୍ଥଙ୍କ ଦେହାନ୍ତ ଘଟିଥାଏ, ସେତେବେଳେ ସଂସାରରେ ଏକ ପ୍ରଳୟ ସୃଷ୍ଟି ହୁଏ ଏବଂ ଏହା ଅତି ଭୟଙ୍କର ସମୟ ହୋଇଥାଏ । କିନ୍ତୁ ଅଲ୍ଲାଃତାଲା କେହି ଜଣେ ଖଲିଫାଙ୍କ ମାଧ୍ୟମରେ ସେହି ଜଟିଳ ପରିସ୍ଥିତିକୁ ଶାନ୍ତ ବାତାବରଣରେ ପରିବର୍ତ୍ତନ କରି ଦେଇଥାନ୍ତି । ଯଦ୍ୱାରା ଏହି ବିଷୟ ସଂପୃକ୍ତ ଖଲିଫାଙ୍କ ମାଧ୍ୟମରେ ପୁନଃସ୍ଥାପିତ ହୋଇଯାଏ ଓ ସେହି ଧାର୍ମିକ ସମ୍ପ୍ରଦାୟରେ ସୁଧାର ଆସିଥାଏ । *(ମଲଫୁଜାତ୍, ଭାଗ ୪, ପୃ ୩୮୪)*

ହଜରତ ମୁସଲେହ ମଉଦ[ରଅ] କହିଛନ୍ତି:

'ଦେବଦୂତମାନଙ୍କ ଠାରୁ ଆଶୀର୍ବାଦ ପ୍ରାପ୍ତ କରିବାର ଏକ ପନ୍ଥା ହେଉଛି ଅଲ୍ଲାଃତାଲାଙ୍କ ମନୋନୀତ ଖଲିଫାଙ୍କ ସହିତ ନିଷ୍ଠାପର ସମ୍ପର୍କ ସ୍ଥାପନ କରିବା ଓ ତାଙ୍କର ଆଜ୍ଞାବହ ହେବା... ଯଦ୍ୱାରା ତୁମକୁ ନୂତନ ହୃଦୟ ପ୍ରାପ୍ତ ହେବ । ସେଥିରେ ଶାନ୍ତି ଅବତୀର୍ଣ୍ଣ ହୋଇଥାଏ ଓ ଅଲ୍ଲାଃଙ୍କ ଦେବଦୂତମାନେ ତାହାକୁ ବହନ କରିଥାନ୍ତି.... । ତାଙ୍କ ସହିତ ସମ୍ପର୍କ ଯୋଡ଼ିବା ଦ୍ୱାରା ତୁମ ମଧ୍ୟରେ ଏକ ପବିତ୍ର ପରିବର୍ତ୍ତନ ଆସିଥାଏ । ତୁମର ଅଦମ୍ୟ ସାହସ ଉର୍ଦ୍ଧ୍ୱଗାମୀ ହୋଇଥାଏ, ତୁମ ବିଶ୍ୱାସ ଓ ସାହସରେ ଉନ୍ନତି ଘଟିଥାଏ । ଦେବଦୂତଗଣ ତୁମକୁ ସାହାଯ୍ୟ କରିବା ନିମନ୍ତେ ଛିଡ଼ା ହୋଇଥାନ୍ତି ଏବଂ ତୁମ ହୃଦୟରେ ଦୃଢତା ଓ ବଳିଦାନର ଆତ୍ମା ଫୁଙ୍କିଥାନ୍ତି । ସୁତରାଂ ସତ୍ୟନିଷ୍ଠ ଖଲିଫାଙ୍କ ସହିତ ସମ୍ପର୍କ

ରକ୍ଷା କରିବା ଦ୍ୱାରା ଦେବଦୂତଙ୍କ ସହିତ ମଧ୍ୟ ସମ୍ବନ୍ଧ ଯୋଡ଼ି ହୋଇ ଯାଇଥାଏ ଏବଂ ମନୁଷ୍ୟକୁ ଐଶ୍ୱରିକ ଜ୍ୟୋତି ପ୍ରାପ୍ତ ହୋଇଥାଏ ।'

*(ଖିଲାଫତ୍ ଆଲା ମିନହାଜେ ନବୁଓ୍ୱତ, ଭାଗ ୩, ପୃ ୩୯୨)*

ଅଲ୍ଲାଃତାଲା ତୁମମାନଙ୍କୁ ଖିଲାଫତ୍‌ର ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରିଛନ୍ତି, ଯେଉଁଥିରୁ ଅନ୍ୟ ମୁସଲମାନମାନେ ବଞ୍ଚିତ ହୋଇ ରହିଛନ୍ତି । ଏହି ଖିଲାଫତ୍ ବ୍ୟବସ୍ଥା ହାତଗଣତି ଅହମଦିମାନଙ୍କୁ ଏକତ୍ରିତ କରାଇ ସେମାନଙ୍କୁ ଏଭଳି ଆତ୍ମ ମନୋବଳ ଓ ଦୃଢତା ପ୍ରଦାନ କରିଛି, ଯାହା ପୃଥକ ହୋଇ ରହିବା ଦ୍ୱାରା କଦାପି ହାସଲ ହୋଇ ନଥାଏ । ଏପରି ତ ପ୍ରତ୍ୟେକ ସମ୍ପ୍ରଦାୟରେ ଅନେକ ଦୋଷ ଦୁର୍ବଳତା ପରିଲକ୍ଷିତ ହୋଇଥାଏ । ସେମାନଙ୍କ ମଧ୍ୟରେ ଏପରି ଶକ୍ତିଶାଳୀ ବ୍ୟକ୍ତି ମଧ୍ୟ ଥା'ନ୍ତି, ଯେଉଁମାନେ ଏକାକୀ ସେହି ସମ୍ପ୍ରଦାୟର ସମସ୍ତ ବୋଝ ଉଠାଇବା ପାଇଁ ସକ୍ଷମ ହୋଇଥାନ୍ତି । କିନ୍ତୁ ସମସ୍ତ ଲୋକଙ୍କୁ ଗୋଟିଏ ରଜ୍ଜୁରେ ବାନ୍ଧି ରଖିବା କେବଳ ଧର୍ମକେନ୍ଦ୍ର ମାଧ୍ୟମରେ ହିଁ ସମ୍ଭବ ହୋଇପାରିବ । ମର୍କଜ୍‌ର ବା କେନ୍ଦ୍ରୀୟ ମୁଖ୍ୟାଳୟ ପ୍ରତିଷ୍ଠା ଦ୍ୱାରା ଏହି ଉପକାର ଲାଭ ହୋଇଥାଏ ଯେ ତାହା ଦୁର୍ବଳ ବ୍ୟକ୍ତିକୁ ତଳେ ପକାଇବାକୁ ଦିଏ ନାହିଁ କି ଶକ୍ତିଶାଳୀ ବ୍ୟକ୍ତିକୁ ଏତେ ଆଗକୁ ବଢିବାକୁ ଦିଏ ନାହିଁ, ଯଦ୍ୱାରା ଅନ୍ୟମାନେ ତାହା ତୁଳନାରେ ତୁଚ୍ଛ ହୋଇଯିବେ । ଯଦି କେନ୍ଦ୍ରୀୟ କାର୍ଯ୍ୟାଳୟ (ମର୍କଜ) ନଥାନ୍ତା, ତେବେ ଦୁର୍ବଳ ବ୍ୟକ୍ତି ଆହୁରି ଦୁର୍ବଳ ହୋଇଯାଆନ୍ତା । ଶକ୍ତିଶାଳୀ ବ୍ୟକ୍ତି ଏଭଳି ଆଗକୁ ବଢିଯାଆନ୍ତା ଯେ ଅନ୍ୟମାନେ ଭାବିବେ, ଅମୁକ ବ୍ୟକ୍ତି ତ ଆକାଶରେ ଉଡୁଛି, ଅଥଚ ଆମେ ପାତାଳରେ ପଡ଼ିଗଲୁ । ଏପରି ସ୍ଥଳେ ଆମ ଓ ତାଙ୍କ ମଧ୍ୟରେ କିପରି ବା ତୁଳନା କରାଯାଇ ପାରିବ ? କିନ୍ତୁ ଇସଲାମର ବ୍ୟବସ୍ଥାରେ ଆସି ସମସ୍ତେ ଏଭଳି ସମାନ ହୋଇ ଯାଇଥାନ୍ତି ଯେ କେତେକ ସ୍ଥଳେ ଧନଶାଳୀ ଓ ନିର୍ଧନୀ ବ୍ୟକ୍ତି ମଧ୍ୟରେ କୌଣସି ପ୍ରଭେଦ ରହେ ନାହିଁ । *(ଖିଲାଫତ୍ ଆଲା ମିନହାଜେ ନବୁଓ୍ୱତ, ଭାଗ ୩, ପୃ ୩୫୮, ୩୫୯)*

ଏହି ଖିଲାଫତ୍ ଅନୁଷ୍ଠାନ ଓ ସାଙ୍ଗଠନିକ ବ୍ୟବସ୍ଥାର କଲ୍ୟାଣ ସ୍ୱରୂପ ଆମ ଜମାଅତରେ ଅନେକ ଭାଷାରେ ପବିତ୍ର କୁରଆନର ଅନୁବାଦ କରାଯାଇ ପ୍ରକାଶିତ ହୋଇସାରିଛି । ନଚେତ୍ ଜମାଅତରେ ଜଣେ ବି ଏଭଳି ଧନଶାଳୀ ବ୍ୟକ୍ତି ନାହାନ୍ତି ଯେ ସେହି ଅନୁବାଦ ମଧ୍ୟରୁ ଗୋଟିଏ ହେଲେ ଅନୁବାଦକୁ ବ୍ୟକ୍ତିଗତ ରୂପେ ପ୍ରକାଶିତ କରିପାରିବେ । ତେଣୁ କୌଣସି ବ୍ୟକ୍ତି ଏଭଳି ସାମର୍ଥ୍ୟ ରଖେ ନାହିଁ ଯେ ସେ ସ୍ୱାଧିନ ରୂପେ କୁରଆନ କରିମ୍

ପ୍ରକାଶିତ କରିପାରିବ । କିନ୍ତୁ ସାମଗ୍ରୀକ ଭାବେ ଏହାକୁ କାର୍ଯ୍ୟକାରୀ କରି ଆମେ ବର୍ତ୍ତମାନ ସୁଦ୍ଧା ଇଂଗ୍ରାଜୀ, ଡ଼ଚ୍, ଋଷୀୟ, ସ୍ପେନିସ୍, ପର୍ତ୍ତୁଗୀଜ୍, ଇଟାଲୀ, ଜର୍ମାନୀ ଓ ଫ୍ରାନ୍ସୀୟ ଭାଷାରେ ପବିତ୍ର କୁରଆନର ଅନୁବାଦକୁ ପ୍ରକାଶିତ କରିସାରିଛୁ.... । ଏଥିରେ ଆମର ଉଦ୍ଦେଶ୍ୟ କେବଳ ନିଜ ଆଞ୍ଚଳିକ ଭାଷା ବୁଝୁଥିବା କୌଣସି ବ୍ୟକ୍ତି ଏପରି ରହି ନଯା'ନ୍ତୁ ଯେ ପବିତ୍ର କୁରଆନରୁ ଉପକୃତ ହୋଇ ନପାରିବେ । *(ଖିଲାଫତ୍ ଆଲା ମିନହାଜେ ନବୁଓ୍ୱତ, ଭାଗ ୩, ପୃ ୫୬୯)*

ସଂକ୍ଷେପରେ ଏହା ସ୍ପଷ୍ଟ ହେବା ଉଚିତ ଯେ ବର୍ତ୍ତମାନ ସୁଦ୍ଧା ଅଲ୍ଲାଃଙ୍କ କୃପାରୁ ଜମାଅତ ଅହମଦିୟାର ପ୍ରଚେଷ୍ଟା ଫଳରେ ପବିତ୍ର କୁରଆନ୍‌ର ସମ୍ପୂର୍ଣ୍ଣ ଭାଷାନ୍ତର ୭୪ ଭାଷାରେ ପ୍ରକାଶିତ ହୋଇସାରିଛି । ୨୦୧୫ ମସିହାରେ ସିଙ୍ଘଳୀ ଓ ବର୍ମା ଭାଷାରେ ପବିତ୍ର କୁରଆନ ପ୍ରକାଶ ପାଇଛି ।

*(ଅଲ ଫଜଲ୍, ଡ଼ିସେମ୍ବର ୨୦୧୫)*

ଜମାଅତ ଅହମଦିୟାର ପଞ୍ଚମ ଖଲିଫା[ଅବ] କହିଛନ୍ତି: 'କୁଦରତେ ସାନିୟା' (ଦ୍ୱିତୀୟ ଦୈବୀଶକ୍ତି) ଅଲ୍ଲାଃତାଲାଙ୍କର ଏକ ଅତି ମହାନ ପୁରସ୍କାର । ଏହାର ଆଭିମୁଖ୍ୟ ହେଉଛି ସମଗ୍ର ମୁସଲିମ ସମ୍ପ୍ରଦାୟକୁ ଏକତ୍ରିତ କରିବା ଓ ବିଭାଜିତ ହେବାରୁ ରକ୍ଷା କରିବା । ଏହା ସେହି ମାଳିର ସୁତା ଯେଉଁଥିରେ ଜମାଅତ ମୋତି ପରି ଗୁନ୍ଥାହୋଇ ରହିଥାଏ । କିନ୍ତୁ ମୋତି ଯଦି ମାଳିରେ ଗୁନ୍ଥା ନହୋଇ ବିଛାଡି ହୋଇ ରହିବ, ତେବେ ତାହା ସୁରକ୍ଷିତ ହେବ ନାହିଁ କି ସୁନ୍ଦର ଦେଖାଯିବ ନାହିଁ । ଗୋଟିଏ ହାରରେ ଗୁନ୍ଥାହୋଇ ରହିଥିବା ମୋତି ହିଁ ସୌନ୍ଦର୍ଯ୍ୟମୟ ହୋଇଥାଏ ଓ ସୁରକ୍ଷିତ ରହିଥାଏ । ଯଦି 'କୁଦରତେ ସାନିୟା' (ଦ୍ୱିତୀୟ ଦୈବୀଶକ୍ତି) ନଥାନ୍ତା, ତେବେ ସତ୍ୟଧର୍ମ କଦାପି ପ୍ରଗତି କରି ନଥାନ୍ତା। ସୁତରାଂ ଅଲ୍ଲାଃଙ୍କ ପ୍ରଦତ୍ତ ବ୍ୟବସ୍ଥା ସହିତ ପୂର୍ଣ୍ଣ ନିଷ୍ଠା ଓ ସ୍ନେହପୂର୍ଣ୍ଣ ସମ୍ପର୍କ ରଖନ୍ତୁ । ଭକ୍ତି, ବିଶ୍ୱାସ ତଥା ଖିଲାଫତ୍‌ର ଆଜ୍ଞାନୁବର୍ତ୍ତୀତାକୁ ଚିରସ୍ଥାୟୀ ରଖନ୍ତୁ । ତାହା ସହିତ ପ୍ରୀତିର ସମ୍ପର୍କକୁ ଏପରି ଅଭିବୃଦ୍ଧି କରାନ୍ତୁ ଯେ ସେହି ଭଲ ପାଇବା ତୁଳନାରେ ଅନ୍ୟ ସମସ୍ତ ସମ୍ପର୍କ ତୁଚ୍ଛ ମନେ ହେବ । ସମୟର ଇମାମଙ୍କ ସହିତ ସମ୍ପର୍କ ଯୋଡ଼ିବା ଦ୍ୱାରା ହିଁ ସମସ୍ତ ପ୍ରକାର କୃପାଶୀଷ ହାସଲ କରିବା ସମ୍ଭବପର । ତାହା ହିଁ ଆପଣଙ୍କ ପାଇଁ ସମସ୍ତ ପ୍ରକାରର ବିଶୃଙ୍ଖଳା ଓ ଅସୁବିଧାକୁ ମୁକାବିଲା କରିବାର ରକ୍ଷାକବଚ ସଦୃଶ ।'

*(ମଶଅଲେ ରାହ୍, ଭାଗ ୫, ପୃ ୪,୫)*

ଏହି କୁଦରତେ ସାନିୟା ଅନ୍ତର୍ଗତ ଖିଲାଫତ୍ ବ୍ୟବସ୍ଥା ବର୍ତ୍ତମାନ ଅଲ୍ଲାଃଙ୍କ କୃପାରୁ ଚିରକାଳ ପ୍ରଚଳିତ ରହିବ । ହଜରତ ମୁହମ୍ମଦ[ସଅ]ଙ୍କ ଖଲିଫାଙ୍କ ସହିତ ଏହାର କୌଣସି ସମ୍ପର୍କ ନାହିଁ । ଯଦି ଏହି ଅଭିଯୋଗ କରାଯାଏ ଯେ ହଜୁର[ସଅ]ଙ୍କ ଉତ୍ତାରେ ଖିଲାଫତ୍ ୩୦ ବର୍ଷ ରହିଥିଲା, ତେବେ ମନେ ରଖନ୍ତୁ ଯେ ତାହା ମହାଭାଗଙ୍କ ଭବିଷ୍ୟବାଣୀ ଅନୁଯାୟୀ ଥିଲା । କିନ୍ତୁ ବର୍ତ୍ତମାନର ଏହି ଚିରସ୍ଥାୟୀ ଖିଲାଫତ୍ ମଧ୍ୟ ମୁହମ୍ମଦ[ସଅ]ଙ୍କ ଭବିଷ୍ୟବାଣୀ ଅନୁଯାୟୀ ବଳବତ୍ତର ହୋଇ ରହିଛି । ମହାପ୍ରଳୟ ବା ଅନ୍ତିମ ବିଚାର ଦିବସ ପର୍ଯ୍ୟନ୍ତ କ'ଣ ସବୁ ଘଟିବ, ତାହା ତ ଅଲ୍ଲାଃତାଲା ବେଶ୍ ଭଲ ଭାବରେ ଜାଣନ୍ତି । କିନ୍ତୁ ଏହି ଖିଲାଫତ୍‌ର ସମୟ ଅବଧି ଆପଣମାନଙ୍କ ଭବିଷ୍ୟତ ପିଢୀ ପର୍ଯ୍ୟନ୍ତ ଅବ୍ୟାହତ ରହିବ, **ଇନ୍‌ଶାଅଲ୍ଲାଃ** । କିନ୍ତୁ ସର୍ତ୍ତ ହେଉଛି ଯେ ତୁମମାନେ ସତ୍‌କର୍ମ କରିବ ଓ ଧର୍ମପରାୟଣତାକୁ ବଜାୟ ରଖିଥିବ ।

*(ଖୁତବା ଜୁମା, ୨୭ ମଇ ୨୦୦୫)*

ଅଲ୍ଲାଃତାଲା ସର୍ବଦା ଅହମଦିୟା ଖିଲାଫତର ନେତୃତ୍ୱାଧୀନରେ ଜମାଅତର ଶଙ୍କାକୁଳ ପରିସ୍ଥିତିକୁ ଶାନ୍ତିପ୍ରଦ ପରିସ୍ଥିତିରେ ପରିବର୍ତ୍ତନ କରି ଦେଇଛନ୍ତି । ସେହି ପରୀକ୍ଷା ସମୟରେ ପୂର୍ବାପେକ୍ଷା ଅଧିକ ଆନନ୍ଦ, ଦୃଢତା ଓ ଶକ୍ତି ପ୍ରଦାନ କରିଛନ୍ତି । ଯେପରି ପ୍ରଥମେ ଏହି ନେତ୍ର ଦେଖିଥିଲା, ଆଜି ମଧ୍ୟ ସଂସାରବାସୀ ଦେଖିବେ ଯେ ଅଲ୍ଲାଃତାଲାଙ୍କ ଅନୁକମ୍ପା ଲାଭ କରି ଚାଲିଥିବା ଖିଲାଫତ୍ ବ୍ୟବସ୍ଥାର ଛତ୍ରଛାୟା ତଳେ ଦିନକୁ ଦିନ ଉନ୍ନତି ପଥରେ ଅଗ୍ରସର ହେଉଛି । ମାତ୍ର ଜମାଅତକୁ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଉଠିଥିବା ଶତ୍ରୁତାର ଅଗ୍ନିଶିଖା ଜମାଅତର କୌଣସି କ୍ଷତି କରିପାରିବ ନାହିଁ । ସେମାନଙ୍କ ସମସ୍ତ ଷଡ଼ଯନ୍ତ୍ରକୁ ପଣ୍ଡ କରି ଅଲ୍ଲାଃ ପୁଣି ସେମାନଙ୍କ ନିକଟକୁ ହିଁ ଲେଉଟାଇ ଦେବେ, ଯେଉଁ ଅଗ୍ନିରେ ସେମାନଙ୍କ କୁଟଚକ୍ରାନ୍ତ ମୂଳକ ଭାବନା ଅଚିରରେ ଭସ୍ମୀଭୂତ ହୋଇଯିବ । ସେମାନଙ୍କ ପୂର୍ବରୁ ଏହିପରି ମନ୍ଦ ଅଭିଳାଷ ନିଜ ହୃଦୟରେ ନେଇ ଅନେକ ବ୍ୟକ୍ତି ମାଟିରେ ବିଲୀନ ହୋଇଗଲେ ଓ ଏମାନଙ୍କର ମଧ୍ୟ ପରିଣାମ ସେହିପରି ହେବ । କିନ୍ତୁ କୌଣସି ବ୍ୟକ୍ତି ଅହମଦିୟତ୍‌ର ପ୍ରଗତିର ଧାରାକୁ କ୍ଷଣିକ ପାଇଁ ହେଲେ ଅବରୋଧ କରିପାରିବ ନାହିଁ । ଅଲ୍ଲାଃତାଲା ସର୍ବଦା ଏପରି ଲୋକମାନଙ୍କୁ ତଳିତଳାନ୍ତ କରି ସଂସାରବାସୀଙ୍କୁ ଦେଖାଇଥାନ୍ତି ଯେ ଖିଲାଫତ୍ ଅହମଦିୟାର ସାହାଯ୍ୟକାରୀ ସ୍ୱୟଂ ଆମ୍ଭେ । ଚିରଞ୍ଜିବୀ, ଚିରସ୍ଥାୟୀ ତଥା ସର୍ବଶକ୍ତିମାନ ଈଶ୍ୱର ଯେ ସର୍ବଦା ନିଜ ଜମାଅତ ପାଇଁ

ନିଜ ଶକ୍ତିଶାଳୀ ହସ୍ତର ପରାକ୍ରମ ଦେଖାଇଥାନ୍ତି । ଏହି ସାହାଯ୍ୟ ସହଯୋଗ ସମ୍ବନ୍ଧରେ ବର୍ଣ୍ଣନା କରି ହଜରତ ମସିହ ମଉଦ[ଅସ] କହିଛନ୍ତି:

'ସଂସାରବାସୀ ମୋତେ ଚିହ୍ନି ନାହାନ୍ତି, କିନ୍ତୁ ସେ ମୋତେ ଜାଣନ୍ତି ଯିଏ ମୋତେ ପ୍ରେରଣ କରିଛନ୍ତି । ଏହା ସେହି ଲୋକମାନଙ୍କ ତ୍ରୁଟି ଏବଂ ଦୁର୍ଭାଗ୍ୟଜନକ ବିଷୟ ଯେ ସେମାନେ ମୋର ଅନିଷ୍ଟ କାମନା କରୁଛନ୍ତି । ମୁଁ ସେହି ବୃକ୍ଷ ଯାହାକୁ ପରମେଶ୍ୱର ସ୍ୱୟଂ ନିଜ ହସ୍ତରେ ରୋପଣ କରିଛନ୍ତି... ହେ ବନ୍ଧୁଗଣ ! ତୁମେ ଭଲ ଭାବରେ ଜାଣିରଖ ମୋ ସାଥିରେ ସେହି ହାତ ରହିଛି, ଯିଏକି ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ମୋ ଆଡ଼କୁ ସହାୟତାର ହସ୍ତ ପ୍ରସାରଣ କରି ନିଜର ବିଶ୍ୱସ୍ତତା ପ୍ରଦର୍ଶନ କରିବ ।'

*(ପାଦଟୀକା ତୋହଫାଏ ଗୋଲଡ଼ୱିୟା, ରୁହାନି ଖଜାଯିନ୍, ଗ୍ରନ୍ଥଖଣ୍ଡ ୧୭, ପୃ ୪୯,୫୦)*

ବିରୋଧିମାନେ ତ ଜମାଅତକୁ ସଂସାରର ଏହି ସୀମିତ ଭୂଖଣ୍ଡରେ ପ୍ରସାରିତ ନହେବାର ବ୍ୟର୍ଥ ପ୍ରୟାସ କରିଥିଲେ । କିନ୍ତୁ ଅଲ୍ଲାଃତାଲା ପ୍ରତିଶ୍ରୁତ ପୁତ୍ରଙ୍କର ହସ୍ତରେ ଇସଲାମ ଓ ନିଜ ପ୍ରିୟ ମେହଦିର ବାଣୀକୁ ସଂସାରର କୋଣେ କୋଣେ ପହଞ୍ଚାଇବା ପାଇଁ 'ତହ୍‌ରିକ ଜଦିଦ୍' ଅର୍ଥାତ ନୂତନ ଆର୍ଥିକ ଯୋଜନାର ଯେଉଁ ଶୁଭାରମ୍ଭ କରିଥିଲେ, ତାହାର ଏକ ହୃଦୟସ୍ପର୍ଶୀ ବରଦାନ ଆଜି ଏମ.ଟି.ଏ ରୂପରେ ଆମକୁ ଦେଇଛନ୍ତି । ଅଲ୍ଲାଃତାଲା ଏହି ପୁରସ୍କାର ପ୍ରଦାନ କରି ପ୍ରଚଳିତ ଖଲିଫାଙ୍କ ସ୍ୱରକୁ ସମଗ୍ର ସଂସାରରେ ପରିବ୍ୟାପ୍ତ କରି ଚାଲିଛନ୍ତି ।

*(ଖିଲାଫତେ ଅହମଦିୟା ଶତବାର୍ଷିକ ଜୁବିଲି ସ୍ମରଣୀକା ୨୦୦୮ ମସିହା)*

ଆଜି ଈଶ୍ୱରଙ୍କ କୃପାରୁ ଜମାଅତ ଓ ସମୟର ଖଲିଫା ମଧ୍ୟରେ ଈଶ୍ୱର ପ୍ରେମର ଏକ ଅତୁଟ ସମ୍ପର୍କ ସ୍ଥାପିତ ହୋଇଯାଇଛି । ଅହମଦି ଆବାଳବୃଦ୍ଧବନିତା ଓ ଯୁବଗୋଷ୍ଠୀ ସମସ୍ତେ ଖଲିଫାଙ୍କର ଏଭଳି ନିକଟତର ହୋଇ ଯାଇଛନ୍ତି, ଯାହା ଐଶ୍ୱରିକ ସହାୟତା ବ୍ୟତୀତ କେବେ ସମ୍ଭବପର ନଥିଲା । ସମଗ୍ର ବିଶ୍ୱର ଅହମଦିଙ୍କ ହୃଦୟରେ ଖଲିଫାଙ୍କ ପ୍ରତି ଏଭଳି ପ୍ରେମ ଓ ଉତ୍ସର୍ଗୀକୃତ ଭାବନା ଭରି ରହିଛି । ଏହା ଖଲିଫାଙ୍କ ସ୍ୱରୂପରେ ଅଲ୍ଲାଃତାଲାଙ୍କ ପ୍ରଦତ୍ତ ରଜ୍ଜୁକୁ ଏଭଳି ଜାବୁଡ଼ି ଧରି ସମଗ୍ର ବିଶ୍ୱରେ ଇସଲାମର ଶାନ୍ତିପୂର୍ଣ୍ଣ ଶିକ୍ଷା ଓ ସମସ୍ତଙ୍କୁ ପ୍ରେମ କରିବାର ସୁନ୍ଦର ଭାବଧାରା ମୂଳକ ଧ୍ୱଜାକୁ ଉଚ୍ଚ କରି ଚାଲିଛନ୍ତି । ଅଲ୍ଲାଃତାଲା ଖିଲାଫତ୍‌ର ଆଶୀର୍ବାଦ ଫଳରେ ଜମାଅତକୁ ଗୋଟିଏ ହାତରେ ଏକତ୍ରିତ କରି ଦେଇଛନ୍ତି । ସେମାନଙ୍କୁ ପବିତ୍ର ଖିଲାଫତ୍‌ର

ଆଶିଷଦାୟକ ସୁତାଖିଅରେ ବାନ୍ଧି ଦେଇଛନ୍ତି । ଏହା ସେହି ଐଶି ସମର୍ଥିତ ଜମାଅତ, ଯାହା ସମଗ୍ର ସଂସାରରେ ପ୍ରଚାର କାର୍ଯ୍ୟକୁ ଆଧୁନିକ ଗଣମାଧ୍ୟମ ଦ୍ୱାରା ସମସ୍ତ ଧର୍ମ ଓ ସମ୍ପ୍ରଦାୟ ନିକଟରେ ବିବିଧ ରୂପରଙ୍ଗର ପାର୍ଥକ୍ୟକୁ ଦୂରରେ ରଖି ସତ୍ୟଧର୍ମର ବାର୍ତ୍ତା ପହଞ୍ଚାଉଛି । ଖିଲାଫତ୍‌ର ଏହି ପାଗଳ ପ୍ରେମୀମାନଙ୍କ ଗୋଷ୍ଠୀ ସତ୍ୟଧର୍ମର ପ୍ରଚାର ପ୍ରସାରରେ ଦିବାରାତ୍ର ମଗ୍ନ ରହିଛନ୍ତି ଏବଂ ପ୍ରତ୍ୟେକ ଉଦିତ ସୂର୍ଯ୍ୟ ଅହମଦିୟତ୍ ଅର୍ଥାତ ବାସ୍ତବିକ ଇସଲାମର ପ୍ରଗତି ଓ ବିଜୟର ଟୀକା ନେଇ ଉଦୟ ହେଉଛି । ଏହାର ନାମ ଧର୍ମର ହିଁ ସ୍ଥାୟୀତ୍ୱ ଓ ଦୃଢତା । ସୁତରାଂ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କୁ ଖିଲାଫତ୍‌ର ପ୍ରତିଷ୍ଠା, ଶଙ୍କାକୁଳ ପରିସ୍ଥିତି ପରେ ଧର୍ମକୁ ଶାନ୍ତି ଓ ଦୃଢତା ପ୍ରଦାନ କରିବାର ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି, ତାହା ଅହମଦିୟା ଜମାଅତ ସପକ୍ଷରେ ପ୍ରମାଣିତ ହେଉଥିବାର ସ୍ପଷ୍ଟ ଦୃଶ୍ୟମାନ ହେଉଛି । ତେଣୁ ସେହି ଐଶି ଅନୁଗ୍ରହ ଓ ଆଶୀର୍ବାଦରୁ ଚିରକାଳ ଲାଭବାନ ହେବା ତଥା ନିଜର ଆଗାମୀ ପିଢୀକୁ ସୁରକ୍ଷିତ ରଖିବା ପାଇଁ ଖିଲାଫତ୍ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବା ଅତ୍ୟନ୍ତ ଆବଶ୍ୟକ । ସର୍ବଦା ଖିଲାଫତ୍ ସହିତ ସଂଶ୍ଳିଷ୍ଟ ହୋଇ ରହନ୍ତୁ ଏବଂ ନିଜ ସନ୍ତାନ ସନ୍ତତିମାନଙ୍କୁ ମଧ୍ୟ ଏହି ଶିକ୍ଷା ଦିଅନ୍ତୁ ଯେପରିକି ସେମାନେ ନିଜର ପ୍ରାର୍ଥନା, ନିଷ୍ଠା ଓ ଅନୁରକ୍ତି ସହିତ ଖଲିଫାଙ୍କର ସାହାଯ୍ୟକାରୀ ହୋଇ ରହିଥାନ୍ତୁ । ଅଲ୍ଲାଃ ଆପଣ ସମସ୍ତଙ୍କୁ ଏଥିନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ । *( ଖିଲାଫତ୍ ଅହମଦିୟା ଶତବାର୍ଷିକ ଜୁବିଲି ସ୍ମରଣୀକା ୨୦୦୮ ମସିହା)*

ଆମର ବିଶ୍ୱାସ ଯେ ଖଲିଫାଙ୍କର ଚୟନ ଅଲ୍ଲାଃତାଲା ସ୍ୱୟଂ କରିଥାନ୍ତି ଏବଂ ସେହି ନିର୍ବାଚନରେ କୌଣସି ପ୍ରକାର ତ୍ରୁଟିବିଚ୍ୟୁତି ଘଟି ନଥାଏ । ଯାହାଙ୍କୁ ଅଲ୍ଲାଃତାଲା ଏହି ବସ୍ତ୍ର ପିନ୍ଧାଇଥାନ୍ତି, ତାହାକୁ କେହିହେଲେ ମଧ୍ୟ ତା'ଠାରୁ ହରଣ କରିପାରବ ନାହିଁ । ସେ ନିଜର ଏକ ଦୁର୍ବଳ ଭକ୍ତକୁ ମନୋନୀତ କରିଥାନ୍ତି, ଯାହାକୁ ଲୋକମାନେ ହେୟ ମନେ କରନ୍ତି । କିନ୍ତୁ ଅଲ୍ଲାଃତାଲା ତାଙ୍କର ଚୟନ କରି ତାଙ୍କ ଉପରେ ନିଜ ପ୍ରତିଷ୍ଠା ଓ ଭବ୍ୟ ରୂପର ଏଭଳି ଚମତ୍କାର ଦିଗଦର୍ଶନ ଦେଇଥାନ୍ତି ଯେ ତାଙ୍କ ଅସ୍ତିତ୍ୱ ସଂସାରରୁ ଉଭାଇ ଯାଇ ଅଲ୍ଲାଃତାଲାଙ୍କ ପ୍ରଭୁତ୍ୱରେ ଲୁଚି ଯାଇଥାଏ । ସେତେବେଳେ ଅଲ୍ଲାଃତାଲା ତାଙ୍କୁ ଉଠାଇ ନିଜ କୋଳରେ ସ୍ଥାନ ଦେଇଥାନ୍ତି ଏବଂ ପ୍ରତ୍ୟେକ ସ୍ଥିତିରେ ନିଜ ସମର୍ଥନ ଓ ସହଯୋଗ ତାଙ୍କୁ ଯୋଗାଇ ଦେଇଥାନ୍ତି । ତାଙ୍କ ହୃଦୟରେ ନିଜ ଜମାଅତ ପ୍ରତି ଏଭଳି ଉଦାରତା ଓ ଦରଦ ସୃଷ୍ଟି କରି ଦେଇଥାନ୍ତି ଯେ

ସେ ସେହି ଯନ୍ତ୍ରଣାକୁ ନିଜ ଯନ୍ତ୍ରଣାଠାରୁ ଅଧିକ ଭାବେ ଅନୁଭବ କରିଥାନ୍ତି । ଏପରି ଭାବରେ ଜମାଅତର ପ୍ରତ୍ୟେକ ସଦସ୍ୟ ଅନୁଭବ କରିଥାଏ ଯେ ତା'ପ୍ରତି ଦରଦ ରଖୁଥିବା ସାଥୀ ତାହା ପାଇଁ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରୁଥିବା ତାହାର ଜଣେ ସହାୟକ ଉପସ୍ଥିତ ଅଛନ୍ତି ।'

*(ଖିଲାଫତ୍ ଅହମଦିୟା ଶତବାର୍ଷିକ ଜୁବିଲି ସଂଖ୍ୟା ୨୦୦୮ ମସିହା, ପୃ ୧୭)*

ଜମାଅତର ସଦସ୍ୟଗଣ ଖିଲାଫତ୍ ସହିତ ଆନ୍ତରିକ ଭାବ ଓ ଖଲିଫାଙ୍କ ଅନୁଗାମୀମାନଙ୍କ ସହିତ ଏପରି ନିବିଡ଼ ସମ୍ପର୍କ ଥାଏ, ଯାହାକି ଜଣେ ସାଂସାରିକ ବ୍ୟକ୍ତିର କଳ୍ପନା ଠାରୁ ମଧ୍ୟ ବହୁ ଉର୍ଦ୍ଧ୍ୱରେ ରହିଥାଏ । ଏହାର ଶେଷ ସୀମାରେ ସେମାନେ କଦାପି ପହଞ୍ଚିପାରି ନଥାନ୍ତି ।

ଜମାଅତ ଅହମଦିୟାର ତୃତୀୟ ଖଲିଫା ଏକ ନିଛକ ସତକଥା କହିଛନ୍ତି ଯେ ଜମାଅତ ଓ ଖଲିଫା ଗୋଟିଏ ଅସ୍ତିତ୍ୱର ଦୁଇଟି ନାମ । ସେ ଯାହା ହେଉ ଏହି ସମ୍ପର୍କ ଯାହାକି ଜମାଅତ ଓ ଖିଲାଫତ୍ ମଧ୍ୟରେ ରହିଛି, ତାହା ଏହି ସମ୍ମିଳନୀରେ ଅଧିକ ପ୍ରସ୍ଫୁଟିତ ହୋଇ ଦେଖାଯାଇ ଥାଏ । ଅଲ୍ଲାଃ ପ୍ରଶଂସିତ ଯେ ମୁଁ ଏଥିରେ ଖୁବ ଆନନ୍ଦ ଅନୁଭବ କରୁଛି । ଅଲ୍ଲାଃଙ୍କ କୃପାରୁ ଜମାଅତ ଅହମଦିୟା କାନାଡ଼ା ମଧ୍ୟ ନିଷ୍ଠାପର ଓ ଅନୁରକ୍ତି ଦିଗରେ ବେଶ୍ ଆଗକୁ ବଢିଚାଲିଛି । ଅଲ୍ଲାଃତାଲା ସେମାନଙ୍କୁ ଏଥିରେ ଆହୁରି ଆଗକୁ ବଢିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହା କୌଣସି କ୍ଷଣିକ ଭାବପ୍ରବଣତା ଓ ଉଦ୍ଦୀପନା ଭରା ନହେଉ । ଆପଣମାନେ ସର୍ବଦା ନିଷ୍ଠା ଓ ବିଶ୍ୱସ୍ତତାର ପରିଚୟ ଦେଇଛନ୍ତି । ୨୭ ମଇରେ ଯେତେବେଳେ ମୁଁ ଖିଲାଫତ୍ ପ୍ରସଙ୍ଗ ଉପରେ ଖୁତବା ଦେଲି, ସେଥି ସମ୍ବନ୍ଧରେ ମତାମତ ବ୍ୟକ୍ତ କରି ଜମାଅତର ବ୍ୟବସ୍ଥା ତଥା ବିଭିନ୍ନ ଅନୁଷ୍ଠାନ ତରଫରୁ ଏବଂ ବହୁ ସ୍ଥାନରୁ ବ୍ୟକ୍ତିଗତ ଭାବରେ ମଧ୍ୟ ପତ୍ର ହସ୍ତଗତ ହେଲା । ସର୍ବପ୍ରଥମେ ଓ ସବୁଠାରୁ ଅଧିକ କାନାଡ଼ାରୁ ହିଁ ପତ୍ର ଆସିଥିଲା । ଅଲ୍ଲାଃ କରନ୍ତୁ ଯେ ଏପରି ପ୍ରେମ, ବିଶ୍ୱସ୍ତତା ଓ ଉତ୍ସାହ ପ୍ରକଟ କରିବା କେବେ କ୍ଷଣସ୍ଥାୟୀ ନହେଉ । ବରଂ ଏହା ଚିରସ୍ଥାୟୀ ହେଉ ତଥା ଆପଣଙ୍କ ଆଗାମୀ ପିଢୀରେ ଏହା ପ୍ରତିଷ୍ଠିତ ଓ ପ୍ରଚଳିତ ହୋଇ ରହୁ ।

*(ଖୁତବାତେ ମସରୁର, ଭାଗ ୩, ପୃ ୩୮୮,୩୮୯)*

ନାଇଜେରିଆର ଜମାଅତ ଖିଲାଫତ୍‌ର କଲ୍ୟାଣକୁ ସ୍ୱଚକ୍ଷୁରେ ଦେଖି ନେଇଛନ୍ତି । ଆପଣମାନେ ତ ସବୁଠାରୁ ଅଧିକ ଏହି ପୁରସ୍କାର ପ୍ରତି ସମ୍ମାନ ଜଣାଇବା ଉଚିତ । ଆପଣମାନେ ଜାଣନ୍ତି, ଯେଉଁମାନେ ସ୍ଥାନୀୟ ମସଜିଦ

ସମେତ ଖିଲାଫତ୍ ଠାରୁ ନିଜକୁ ପୃଥକ କରି ନେଇଥିଲେ ଆଜି ସେମାନଙ୍କର ଅବସ୍ଥା କିପରି ? ସେମାନେ ଆଜି ଶ୍ରୀହୀନ ଓ ହସ୍ତଶୂନ୍ୟ ହୋଇ ରହି ଯାଇଛନ୍ତି । କିନ୍ତୁ ଯେଉଁମାନେ ଖିଲାଫତ୍‌ର ପୁରସ୍କାର ସହିତ ଏପରି ଯୋଡ଼ି ହୋଇଗଲେ ଯେ ନିଜ ବୈଅତର ପ୍ରତିଶ୍ରୁତି ପାଳନ କରିବାକୁ ପ୍ରୟାସ କଲେ । ଫଳତଃ ଅଲ୍ଲାଃତାଲା ସେମାନଙ୍କୁ ଅସରନ୍ତି ପୁରସ୍କାର ପ୍ରଦାନ କଲେ । ଆଜି ପ୍ରତ୍ୟେକ ସହରରେ ଆପଣମାନେ ଜମାଅତର ପ୍ରଗତି ସ୍ୱୟଂ ଦେଖୁଛନ୍ତି ଏବଂ ଖିଲାଫତ୍ ସହିତ ଜଡ଼ିତ ରହିବାରେ ହିଁ ସମସ୍ତ ପ୍ରକାରର କଲ୍ୟାଣ ହାସଲ ହେବାର ଜ୍ୱଳନ୍ତ ସାକ୍ଷୀ ରୂପେ ଆପଣମାନଙ୍କ ମଧ୍ୟରେ ସହସ୍ର ସଂଖ୍ୟକ ବ୍ୟକ୍ତି ଉପସ୍ଥିତ ଅଛନ୍ତି । ତେଣୁ ସର୍ବଦା ନିଜ କର୍ତ୍ତବ୍ୟ ପ୍ରତି ସଜାଗ ରୁହନ୍ତୁ । ଅଲ୍ଲାଃତାଲା ଆପଣମାନଙ୍କୁ ଏଥିନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ ଓ ଏହି ପୁରସ୍କାରରୁ ଲାଭବାନ ହେବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

*(ଅଭିମତ ଖିଲାଫତ୍ ଅହମଦିୟା ଶତବାର୍ଷିକ ଜୁବିଲି, ୨୦୦୮ମସିହା, ପ ୭୬,୭୭)*

୨୦୦୮ମସିହା ୧ତାରିଖ ଦିନ ହଜୁର ଅନଓ୍ୱର[ଅବ]ଙ୍କର ପଶ୍ଚିମ ଆଫ୍ରିକା ଗସ୍ତରୁ ଫେରିବା ପରେ ଲଜନା ଇମାଉଲ୍ଲା ଇଂଲଣ୍ଡ ଏକ ସ୍ୱାଗତ ସମାରୋହର ଆୟୋଜନ କଲେ । ସେଥିରେ ଅଂଶଗ୍ରହଣ କରି ହଜୁର ଅନଓ୍ୱର[ଅବ] ହଜରତ ମସିହ ମଉଦ[ଅସ]ଙ୍କ ରଚନା 'ଅଲ ଓ୍ୱସିୟତ୍' ସମ୍ବନ୍ଧରେ ଏହିପରି ବର୍ଣ୍ଣନା କରିଛନ୍ତି :

'ଅଲ୍ଲାଃତାଲା ଯେତେବେଳେ ହଜୁର[ଅସ]ଙ୍କୁ ଅବଗତ କଲେ ଯେ ତାଙ୍କର ବାହୁଡ଼ିଯିବା ବେଳ ଅର୍ଥାତ ମୃତ୍ୟୁ ନିକଟତର ହୋଇ ଆସୁଛି । ସୁତରାଂ ବର୍ତ୍ତମାନ ଏକ ଶ୍ମଶାନର ଭିତ୍ତି ସ୍ଥାପନ କର, ଯେଉଁଥିରେ ପବିତ୍ର ଓ ବଳିଦାନକାରୀଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ । ସେତେବେଳେ ସେ ଅଲ ଓ୍ୱସିୟତ୍ (ଇଚ୍ଛାପତ୍ର)ନାମକ ଏକ ପୁସ୍ତିକା ରଚନା କଲେ । ଯେଉଁଥିରେ ସେ କହିଛନ୍ତି:

'ହେ ପ୍ରିୟଜନ! ପ୍ରାରମ୍ଭରୁ ଅଲ୍ଲାଃତାଲାଙ୍କର ଏହି ପରମ୍ପରା ଚାଲି ଆସିଛି ଯେ ସେ ଦୁଇଗୋଟି ମହାଶକ୍ତିର ନିଦର୍ଶନ ଦେଖାଇଥାନ୍ତି । ଯଦ୍ୱାରା ବିରୋଧିମାନଙ୍କ ଦୁଇଟି ମିଥ୍ୟା ଆନନ୍ଦ ଉଲ୍ଲାସକୁ ନିରର୍ଥକ କରି ଦେଖାଇବେ । ତେଣୁ ବର୍ତ୍ତମାନ ଏହା ସମ୍ଭବ ନୁହେଁ ଯେ ସେ ନିଜ ଚିରାଚରିତ ସୁନ୍ନତକୁ ପ୍ରତ୍ୟାହାର କରିନେବେ । ସୁତରାଂ ତୁମେ ମୋର ପ୍ରତ୍ୟାବର୍ତ୍ତନ କରିବା ସମ୍ବାଦରେ ଦୁଃଖରେ ଭାଙ୍ଗିପଡ଼ ନାହିଁ ଏବଂ ମୋର ବିୟୋଗ ଯୋଗୁଁ ତୁମ ହୃଦୟ

ମ୍ରିୟମାଣ ନ ହୋଇଯାଉ । କାରଣ ତୁମ ପାଇଁ ଦ୍ୱିତୀୟ ମହାଶକ୍ତି ଦେଖିବା ବିଧିନିର୍ଦ୍ଦିଷ୍ଟ କରାଯାଇଛି । ତାହାର ଆସିବା ତୁମମାନଙ୍କ ପାଇଁ ଉତ୍ତମ ଓ ତାହା ଚିରସ୍ଥାୟୀ, ଯାହାକି ଅନ୍ତିମ ଦିବସ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିବ । କିନ୍ତୁ ଯେପର୍ଯ୍ୟନ୍ତ ମୁଁ ପ୍ରତ୍ୟାବର୍ତ୍ତନ କରି ନାହିଁ, ତାହାର ଆଗମନ ହେବ ନାହିଁ । କିନ୍ତୁ ଯେତେବେଳେ ମୁଁ ଚାଲିଯିବି, ଅଲ୍ଲାଃତାଲା ସେହି ଦ୍ୱିତୀୟ ନିଦର୍ଶନକୁ ତୁମ ନିକଟକୁ ପ୍ରେରଣ କରିଦେବେ, ଯାହା ସଦାସର୍ବଦା ତୁମ ସାଥିରେ ରହିବ ।'

*(ଅଲ ୱସିୟତ୍, ରୁହାନି ଖଜାୟିନ୍, ଗ୍ରନ୍ଥଖଣ୍ଡ ୨୦, ପୃ ୩୦୫)*

ଆମେ ହଜରତ ମସିହ ମଉଦ[ଅସ]ଙ୍କ ସେହି ଦୈବୀ ସଙ୍କେତକୁ ବିଗତ ଶହେ ବର୍ଷ ହେଲା ବାସ୍ତବରେ ପୂରଣ ହେଉଥିବାର ଦେଖି ଆସୁଥାଇଁ । ପ୍ରଥମ ଖଲିଫାଙ୍କ ନିର୍ବାଚନ ପୂର୍ବରୁ ଲୋକମାନଙ୍କର ଚିନ୍ତାଧାରା ଥିଲା ଯେ ବର୍ତ୍ତମାନ ହଜରତ ମସିହ ମଉଦ[ଅସ]ଙ୍କର ଦେହାନ୍ତ ହେବା ପରେ ଅହମଦିୟତ୍ ସ୍ୱଳ୍ପ ଦିନର ଅତିଥି ହୋଇ ରହିଯିବ । ପୁଣି ଦ୍ୱିତୀୟ ଖଲିଫାଙ୍କ ନିର୍ବାଚନ ପୂର୍ବରୁ ଯେତେବେଳେ ଆଭ୍ୟନ୍ତରୀଣ ବିଦ୍ରୋହ ମୁଣ୍ଡ ଟେକିଲା ଓ ଏପରି କେତେକ ଲୋକ ଯେଉଁମାନେ ଖିଲାଫତକୁ ଅସ୍ୱୀକାର କରୁଥିଲେ, ସେମାନଙ୍କୁ ପୈଗାମୀ, ଲାହୋରୀ ତଥା ଗୈର ମୁବାଇନ୍ ମଧ୍ୟ କୁହାଯାଏ । ସେମାନେ ପ୍ରାଣପଣେ ଚେଷ୍ଟା ଚଳାଇଲେ ଯେ ଜମାଅତର ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଅଞ୍ଜୁମନ୍ ହିଁ ପ୍ରକୃତ ସ୍ୱତ୍ତ୍ୱାଧିକାରୀ ଓ ବର୍ତ୍ତମାନ କୌଣସି ଖିଲାଫତ୍‌ର ଆବଶ୍ୟକତା ନାହିଁ । ସେତେବେଳେ ହଜରତ ମୁସଲେହ ମଉଦ[ରଅ]ଙ୍କ ବୟସ ଥିଲା ମାତ୍ର ୨୪ବର୍ଷ । ବଡ଼ ବଡ଼ ଧାର୍ମିକ ବିଦ୍ୱାନ ତଥା ସେତେବେଳେ ଯେଉଁମାନଙ୍କୁ ଜମାଅତ ଓ ବ୍ୟବସ୍ଥାର ସୁଦୃଢ଼ ସ୍ତମ୍ଭ ରୂପେ ବିବେଚନା କରାଯାଉଥିଲା, ସେମାନେ ଜମାଅତରୁ ଅଲଗା ହୋଇଗଲେ । ମାତ୍ର ଅଳ୍ପ କେତେକ ଲୋକ ଦ୍ୱିତୀୟ ଖଲିଫାଙ୍କ ସାଥିରେ ରହିଗଲେ । କିନ୍ତୁ ଆମେ ଦେଖିଲୁ ଯେ ଦ୍ୱିତୀୟ ଖଲିଫାଙ୍କର ୫୨ବର୍ଷ ଖିଲାଫତ୍‌ର ଦୀର୍ଘ ଅବଧି ଦିନ ପ୍ରତିଦିନ ପ୍ରଗତିର ନୂତନ ସୋପାନ ଅତିକ୍ରମ କରୁଥିଲା । ତାଙ୍କ ଖିଲାଫତ ସମୟ କାଳରେ ସୁଦୂର ଆଫ୍ରିକା ଓ ୟୁରୋପରେ ମିଶନ୍ ପ୍ରତିଷ୍ଠା କରାଗଲା । ଖିଲାଫତ୍ ଆସନରେ ଅଭିଷିକ୍ତ ହେବାର ମାତ୍ର ୧୦ ବର୍ଷ ମଧ୍ୟରେ ହଜୁର ସ୍ୱୟଂ ଲଣ୍ଡନରେ ମସଜିଦ୍ ଫଜଲ୍‌ର ଭିତ୍ତି ସ୍ଥାପନ କଲେ ।

ତା'ପରେ ତୃତୀୟ ଖଲିଫାଙ୍କ ସମୟ ଆସିଲା । ସେତେବେଳେ ମଧ୍ୟ ବିଭିନ୍ନ ଆଫ୍ରିକୀୟ ଦେଶ ତଥା ଯେଉଁ ଦେଶମାନଙ୍କରେ ଏକଦା ଇଂରେଜମାନଙ୍କର ଉପନିବେଷ ରହିଥିଲା, ସେଠାରେ ଅହମଦି ପ୍ରସାର ଲାଭ କଲେ ଓ ସେମାନେ ବେଶ୍ ସୁଦୃଢ ରୂପେ ପ୍ରତିଷ୍ଠିତ ହୋଇଗଲେ ।

ଏହାପରେ ଚତୁର୍ଥ ଖଲିଫାଙ୍କ ଖିଲାଫତ୍ ଆସିଲା । ଆମେ ପ୍ରତିଦିନ ପ୍ରଗତିର ନୂତନ କ୍ରମଧାରା ଦେଖିଲୁ । ଆଫ୍ରିକା, ୟୁରୋପ, ଏସିଆ ତଥା ପୃଥିବୀର କୋଣେ କୋଣେ ଏମ.ଟି.ଏ ମାଧ୍ୟମରେ ଜମାଅତର ସ୍ୱର ଶାନ୍ତିର ବାର୍ତ୍ତା ବହନ କରି ପହଞ୍ଚିଗଲା ।

ତେବେ ଏହି ପ୍ରଗତି ବିଷୟରେ ଯେପରିକି ହଜରତ ମସିହ ମଉଦ[ଅସ] ଉଲ୍ଲେଖ କରିଥିଲେ ଯେ ଦ୍ୱିତୀୟ ଦୈବୀଶକ୍ତି ଆସିବା ମଧ୍ୟ ଜରୁରୀ, କାରଣ ତାହା ଚିରସ୍ଥାୟୀ ହୋଇ ରହିବ । ସର୍ବଦା ତାହା ଉନ୍ନତିର ନୂତନ ସୋପାନ ଅତିକ୍ରମ କରୁଥିବ । ତେବେ ଅଲ୍ଲାଃଙ୍କ କୃପାରୁ ଖିଲାଫତ୍ ସହିତ ଜଡ଼ିତ ରହିବା ଫଳରେ ଜମାଅତର ବହୁମୁଖୀ ବିକାଶ ହୋଇଚାଲିଛି । ଚତୁର୍ଥ ଖଲିଫାଙ୍କ ଦେହାନ୍ତ ପରେ ଯେତେବେଳେ ଅଲ୍ଲାଃତାଲା ମୋତେ (ହଜରତ ମିର୍ଜା ମସରୁର ଅହମଦ- ଅନୁବାଦକ) ଏହି ଆସନରେ ବସାଇଲେ, ମୋ ହୃଦୟରେ ଏହି ଆଶଙ୍କା ସୃଷ୍ଟି ହେଲା ଯେ ଏବେ ଜମାଅତ କିପରି ଚାଲିବ ? ସେତେବେଳେ ଅଲ୍ଲାଃତାଲା ସ୍ୱୟଂ ସମସ୍ତ କାର୍ଯ୍ୟ ନିଜ ହାତକୁ ନେଲେ ଓ ମୋତେ ସମସ୍ତ ପ୍ରକାରର ଆଶ୍ୱାସନାର ବାଣୀ ପ୍ରଦାନ କଲେ । ଯେଭଳି ଉନ୍ନତି ପଥରେ ଜମାଅତ ଅଗ୍ରସର ହେଉଥିଲା, ଆଜି ମଧ୍ୟ ସେହିପରି ଆଗକୁ ବଢିଚାଲିଛି । କାରଣ ଏହା ଅଲ୍ଲାଃତାଲାଙ୍କ ସଂକଳ୍ପ, ଯାହା ପୂରଣ ହୋଇଚାଲିଛି । ହଜରତ ମସିହ ମଉଦ[ଅସ]ଙ୍କୁ ଅଲ୍ଲାଃତାଲା ଦୃଢ ପ୍ରତିଶ୍ରୁତି ଦେଇଥିଲେ: 'ମୁଁ ତୁମ ଜମାଅତକୁ ପୃଥିବୀର କୋଣେ କୋଣେ ପହଞ୍ଚାଇ ଦେବି ।' ଅଲ୍ଲାଃତାଲାଙ୍କ କୃପାରୁ ଜମାଅତର ବାର୍ତ୍ତା ପୃଥିବୀର କୋଣ ଅନୁକୋଣରେ ଏପରିକି ଶେଷ ସୀମା ପର୍ଯ୍ୟନ୍ତ ପ୍ରସାରିତ ହୋଇଚାଲିଛି ଏବଂ ଲୋକମାନେ ଦଳ ଦଳ ହୋଇ ଏହି ଜମାଅତର ଅନ୍ତର୍ଭୁକ୍ତ ହେଉଛନ୍ତି । ଅଲ୍ଲାଃତାଲା ନିଜ ଭକ୍ତମାନଙ୍କର ସମ୍ମାନ ରକ୍ଷା ପ୍ରତି ସଦୈବ ଧ୍ୟାନ ରଖିଥାନ୍ତି । ବାସ୍ତବରେ ସେ ନିଜ କାର୍ଯ୍ୟକୁ କାହାରି ନା କାହାରି ମାଧ୍ୟମରେ ହାସଲ କରାଇ ନେଇଥାନ୍ତି । ଅବତାର ପଠାଇବାର ପରମ୍ପରା ଯିଏ ତାଙ୍କର ସବୁଠାରୁ ନିକଟତମ ଭକ୍ତ, ତାଙ୍କୁ ମର୍ତ୍ତ୍ୟଲୋକକୁ ପ୍ରେରଣ କରିବାର ଆଭିମୁଖ୍ୟ ହେଉଛି ଯେ ନିଜର ଶିକ୍ଷା ଓ ବ୍ୟବସ୍ଥାକୁ ସଂସ୍ଥାପନ କରିବା । ପୁଣି

ତାଙ୍କ ଦେହାନ୍ତ ପରେ ତାଙ୍କର ଉତ୍ତରାଧିକାରୀ ଅର୍ଥାତ ଖିଲାଫତ୍ ମାଧ୍ୟମରେ ସେହି ବ୍ୟବସ୍ଥାକୁ ପ୍ରଚଳିତ କରି ରଖିବା ଓ ପ୍ରଗତି ପଥରେ ଆଗେଇ ନେବା ।'

*(ଖିଲାଫତ୍ ଅହମଦିୟା ଶତବାର୍ଷିକ ଜୁବିଲି, ୨୦୦୮ ମସିହା, ପୃ ୮୯-୯୧)*

ହଜୁର ଅନୱର[ଅବ] ଜମାଅତ ଅହମଦିୟାର ସଦସ୍ୟମାନଙ୍କୁ ସୁସମ୍ବାଦ ଦେଇ କହିଛନ୍ତି: 'ଏହି ଯୁଗ ଯହିଁରେ ପଞ୍ଚମ ଖିଲାଫତ୍ ସାଥିରେ ଆମେ ଏକ ନୂତନ ଶତାବ୍ଦୀରେ ପ୍ରବେଶ କରିଛେ, ଏହା ଅହମଦିୟତ୍‌ର ନୂତନ ପ୍ରଗତି, ଉପଲବ୍ଧି ଓ ବିଜୟର ଯୁଗ । ମୁଁ ଆପଣମାନଙ୍କୁ ଦୃଢ ବିଶ୍ୱାସ ଦେଉଛି ଓ ଆପଣମାନେ ନିଶ୍ଚିନ୍ତ ହୋଇଯାଆନ୍ତୁ ଯେ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସହଯୋଗର ଏପରି ଅଧ୍ୟାୟ ଖୋଲି ଯାଇଛି ଓ ଖୋଲି ଚାଲିଥିବ, ଯେପରି କି ପ୍ରତ୍ୟେକ ଆଗାମୀ ଦିନର ଉଦିତ ସୂର୍ଯ୍ୟ ଜମାଅତର ବିଜୟକୁ ନିକଟବର୍ତ୍ତୀ କରିଚାଲିଛି । ମୁଁ ଯେତେବେଳେ ଆତ୍ମସମୀକ୍ଷା କରିଥାଏ, ସେତେବେଳେ ଲଜ୍ଜିତ ହୋଇପଡ଼େ ଯେ ମୁଁ ତ ଏକ ଦୁର୍ବଳ, ଅସହାୟ, ଅପାରଗ, ଅଯୋଗ୍ୟ ଓ ପାପୀ ମଣିଷ, ଯାହାକୁ ଜଣା ନାହିଁ ଯେ ମୋତେ ଏହି ପଦରେ ଅଭିଷିକ୍ତ କରିବାରେ ଅଲ୍ଲାଃତାଲାଙ୍କର କ'ଣ ଭେଦ ଥିଲା ? କିନ୍ତୁ ମୋର ବିବେକ କହୁଛି ଓ ମୁକ୍ତ କଣ୍ଠରେ ଏହା ଘୋଷଣା କରୁଛି ଯେ ଏହି ଯୁଗରେ ଅଲ୍ଲାଃତାଲା ନିଜର ଅପାର ସମର୍ଥନ ଓ ସହଯୋଗ ମାଧ୍ୟମରେ ଏହି ଜମାଅତକୁ ପ୍ରଗତିର ନୂତନ ଦିଗନ୍ତରେ ଦ୍ରୁତ ଅଗ୍ରଗତି କରାଇ ଚାଲିବେ । **ଇନ୍‌ଶାଅଲ୍ଲାଃ** । ଏବଂ କେହି ନାହିଁ ଯିଏ ଅହମଦିୟତ୍‌ର ପ୍ରଗତି ପଥରେ ପ୍ରତିବନ୍ଧକ ସୃଷ୍ଟି କରିପାରିବ । ଭବିଷ୍ୟତରେ ଏହି ସମୃଦ୍ଧିର ଧାରାକୁ କଦାପି ପ୍ରତିରୋଧ କରାଯାଇ ପାରିବ ନାହିଁ । ଖଲିଫା ଆଗମନର ପ୍ରଚଳିତ ବିଧିନିର୍ଦ୍ଦିଷ୍ଟ ପରମ୍ପରା କ୍ରମାନ୍ୱୟରେ ଚାଲୁଥିବ ଏବଂ ଅହମଦିୟତ୍‌ର ପାଦ ଆଗକୁ ଅଗ୍ରସର ହୋଇ ଚାଲିବ **ଇନ୍‌ଶାଅଲ୍ଲାଃ** ।'

*(ଖିଲାଫତ୍ ଅହମଦିୟା ଶତବାର୍ଷିକ ଜୁବିଲି ୨୦୦୮ମସିହା, ପୃ ୧୧୨,୧୧୩)*

ସେ କହିଛନ୍ତି: 'ଜମାଅତର ସଦସ୍ୟମାନେ ଖଲିଫାଙ୍କୁ ଗଭୀର ପ୍ରେମ କରିଥାନ୍ତି ଓ ଖଲିଫା ମଧ୍ୟ ସେମାନଙ୍କୁ ଅତ୍ୟନ୍ତ ଆଦର ସ୍ନେହ କରିଥାନ୍ତି ଏବଂ ସେମାନେ ସମସ୍ତେ ଅଲ୍ଲାଃତାଲାଙ୍କୁ ହିଁ ଭଲ ପାଇଥାନ୍ତି । ଈଶ୍ୱର ଇଚ୍ଛା କଲେ ଏହି ପାରସ୍ପରିକ ପ୍ରେମ ସର୍ବଦା ରହିଥିବ ।'

*(ଖିଲାଫତ୍ ଅହମଦିୟା ଶତବାର୍ଷିକ ଜୁବିଲି ୨୦୦୮ମସିହା, ପୃ ୭୬,୭୭)*

ଖିଲାଫତ୍‌ର ମହାନ ପୁରସ୍କାର ସମ୍ବନ୍ଧରେ ହଜୁର ଅନଓ୍ୱର[ଅବ] ଏହିପରି କହିଛନ୍ତି:

'ଅଲ୍ଲାଃତାଲା ନିଜ କୃପାରୁ ଚଉଦ ଶହ ବର୍ଷ ପରେ ଏହି ସ୍ୱର୍ଗୀୟ ପୁରସ୍କାର ଅବତୀର୍ଣ୍ଣ କଲେ ଅର୍ଥାତ ନବୁଓ୍ୱତର ବ୍ୟବସ୍ଥା ପ୍ରଚଳନ କଲେ । ଏହା ମାଧ୍ୟମରେ ସେ ପଛରେ ଆସିଥିବା ଲୋକମାନଙ୍କୁ ପୂର୍ବବର୍ତ୍ତୀ ଲୋକଙ୍କ ସହିତ ମିଳାଇ ଦେଲେ । ତେଣୁ ସେହି ପୁରସ୍କାରର ମହତ୍ତ୍ୱ ବଜାୟ ରଖିବା, ତାହାକୁ ସର୍ବଦା ମନେ ରଖିବା ଓ ସେଥିରୁ ଲାଭବାନ ହେବା ପ୍ରତ୍ୟେକ ଅହମଦିଙ୍କ କର୍ତ୍ତବ୍ୟ । ପୁନଶ୍ଚ ସେହି ପୁରସ୍କାର ସ୍ୱରୂପ ପରବର୍ତ୍ତୀ ସମୟରେ ଖିଲାଫତ୍‌ର ବ୍ୟବସ୍ଥାକୁ ମଧ୍ୟ ପ୍ରଚଳିତ କଲେ । ସୁତରାଂ ତାହା ସହିତ ନିଷ୍ଠା ଓ ବିଶ୍ୱସ୍ତତା ପ୍ରଦର୍ଶନ କରିବା ମଧ୍ୟ ଅତ୍ୟନ୍ତ ଜରୁରୀ । ଆମେ ଯେଉଁମାନେ ହଜରତ ମସିହ ମଉଦ[ଅସ]ଙ୍କର ଅନୁଗାମୀ ହେବାର ଘୋଷଣା କରୁଛେ, ଆମର ଏହା ସର୍ବାଦୌ କର୍ତ୍ତବ୍ୟ ଯେ ବୈଅତର ସର୍ତ୍ତାବଳୀ ଉପରେ ସଂପୂର୍ଣ୍ଣ ଧର୍ମନିଷ୍ଠତା ଓ ଈଶ୍ୱରଭୟ ରଖି ପାଳନ କରିବା ।' ତେଣୁ ସେ କହିଛନ୍ତି: 'ତୁମମାନଙ୍କ ସକାଶେ ଦ୍ୱିତୀୟ ଦୈବୀଶକ୍ତି ଦେଖିବା ମଧ୍ୟ ଜରୁରୀ ।' ସୁତରାଂ ଯେଉଁମାନେ କହିଥାନ୍ତି ଯେ କେବଳ ହଜରତ ମସିହ ମଉଦ[ଅସ]ଙ୍କ ଆନୁଗତ୍ୟ ସ୍ୱୀକାର କରିନେବା ଯଥେଷ୍ଟ, ଏହାପରେ ଖିଲାଫତ୍‌ର ଦୀକ୍ଷା ଗ୍ରହଣ କରିବାର କୌଣସି ଆବଶ୍ୟକତା ନାହିଁ । ସେମାନେ ଏହା ଜାଣିବା ଉଚିତ ଯେ ହଜରତ ମସିହ ମଉଦ[ଅସ]ଙ୍କ ସହିତ ସେମାନେ ଯେଉଁ ଶପଥ କରିଥିଲେ, ତାହାର ଉଲଙ୍ଘନ କରି ସେମାନେ ସୀମାରୁ ବାହାରକୁ ଚାଲି ଯାଇଛନ୍ତି....। କିନ୍ତୁ ଆପଣମାନେ ଭାଗ୍ୟବାନ ଯାହାଙ୍କୁ ଖିଲାଫତ୍‌ର ବୈଅତ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । କିନ୍ତୁ ଏଥି ସକାଶେ ମଧ୍ୟ ଧର୍ମନିଷ୍ଠା ଓ ଈଶ୍ୱରଭୟ ଆବଶ୍ୟକ । ଆଜି ଆମେ କେବଳ ଖିଲାଫତ୍ ବ୍ୟବସ୍ଥାକୁ ଶହେ ବର୍ଷ ପୂରଣ ହୋଇଥିବାର ଦେଖୁ ନାହୁଁ, ବରଂ ଅଲ୍ଲାଃତାଲାଙ୍କ କରୁଣାର ଧାରାକୁ ଜମାଅତର ସଫଳତା ଓ ବିଜୟର ଉଜ୍ଜ୍ୱଳ ଦିପ୍ତି ରୂପରେ ମଧ୍ୟ ଆମେ ସ୍ୱଚକ୍ଷୁରେ ଦେଖୁଛେ ।'

*(ଅଲ ଫଜଲ୍, ୨୨ରୁ ୨୫ ଅଗଷ୍ଟ ୨୦୦୮, ପୃ-୨)*

ହଜୁର ଅନଓ୍ୱର[ଅବ] କହିଛନ୍ତି: 'ଆଜି ଯେତେବେଳେ ମୁଁ ବିଶ୍ୱର କୌଣସି ସ୍ଥାନରେ ବସବାସ କରୁଥିବା ଅହମଦିଙ୍କ ଚେହେରା ଉପରେ ନଜର ପକାଇଥାଏ, ସେତେବେଳେ ସେମାନଙ୍କ ମଧ୍ୟରେ ଅପୂର୍ବ ସାମଞ୍ଜସ୍ୟ ଲକ୍ଷ୍ୟ କରିଥାଏ । ତାହା ହେଉଛି ଖିଲାଫତ୍ ସହ ସେମାନଙ୍କର ନିଷ୍ଠାପର ତଥା ଦୃଢ

ଅନୁରକ୍ତିର ଭାବନା । ସେ ପାକିସ୍ତାନର ଅହମଦି ହୁଅନ୍ତୁ କିମ୍ବା ହିନ୍ଦୁସ୍ତାନର, ଇଣ୍ଡୋନେସିଆରେ ବସବାସ କରୁଥିବା ଅହମଦି ହୁଅନ୍ତୁ କିମ୍ବା ଦ୍ୱୀପପୁଞ୍ଜର । ବଙ୍ଗଳାଦେଶ, ଅଷ୍ଟ୍ରେଲିଆ, ୟୁରୋପ ଅଥବା ଆମେରିକାର ଅହମଦି ତଥା ଆଫ୍ରିକାର ଦୂରଦୂରାନ୍ତର ଅଞ୍ଚଳରେ ରହୁଥିବା ଅହମଦି । ଖଲିଫାଙ୍କୁ ଦେଖିବା ମାତ୍ରେ ସେମାନଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ହୋଇଯାଏ ଓ ଚକ୍ଷୁରେ ଏକ ପ୍ରକାରର ବିଶେଷ ପ୍ରୀତିର ଭାବନା ଚମକୁଥାଏ । ଆନ୍ତରିକ ଭକ୍ତି, ନିବିଡ଼ତା ତଥା ଦୀପ୍ତିର ପ୍ରକାଶ ଦେଖିବାକୁ ମିଳିଥାଏ । ଏହା କେବଳ ହଜରତ ମସିହ ମଉଦ[ଅସ]ଙ୍କ ମାନ୍ୟତା ସ୍ୱୀକାର କରିବା ଯୋଗୁଁ ସମ୍ଭବ ହୋଇଛି । ତାଙ୍କ ପ୍ରତି ସଂପୂର୍ଣ୍ଣ ଆସ୍ଥା ପ୍ରକଟ କରିବା ତଥା ନିଷ୍ପାପର ସମ୍ପର୍କ ସ୍ଥାପନ କରିବା ଯୋଗୁଁ ଉତ୍ପନ୍ନ ହୋଇଛି । ମହାଭାଗଙ୍କ ସଂପୂର୍ଣ୍ଣ ଆଜ୍ଞାବହ ହେବା ଓ ତାଙ୍କୁ ନିବିଡ଼ ଭଲ ପାଇବା ହିଁ ଏହାର ମୁଖ୍ୟ କାରଣ । ସେମାନେ ଏହି ଭାବନା ସହିତ ଓତଃପ୍ରୋତ ଭାବେ ଜଡ଼ିତ ଓ ଦୃଢ ଆଶ୍ୱସ୍ତ ଯେ ହଜରତ ମୁହମ୍ମଦ[ସଅ] ହିଁ ସମଗ୍ର ମାନବଜାତିର ମୁକ୍ତିଦାତା ରୂପେ ଅଲ୍ଲାଃତାଲାଙ୍କ ନିକଟରୁ ଆସିଥିଲେ ଏବଂ ଖିଲାଫତ୍ ଅହମଦିୟା ସେହି ମହାମାନବଙ୍କ ସଂସର୍ଗକୁ ନେଇଯିବାର ଏକମାତ୍ର ମାର୍ଗ । ସେହି ଏକତାର ପରିଚୟ ହେଉଛି ଏହି ସମ୍ପ୍ରଦାୟକୁ ଏକ ଈଶ୍ୱରଙ୍କ ପାଦତଳେ ସମର୍ପିତ କରିବାରେ ସେମାନେ ସର୍ବଦା ପ୍ରୟାସରତ ଅଛନ୍ତି । ତେବେ କ'ଣ ଏପରି ଗୋଷ୍ଠୀ ଓ ଏପରି ଭାବନା ପୋଷଣ କରିଥିବା ଆତ୍ମାକୁ କୌଣସି ଜାତି ପରାଜିତ କରିପାରିବ ? କଦାପି ନୁହେଁ, କଦାପି ନୁହେଁ । ବର୍ତ୍ତମାନ ଜମାଅତ ଅହମଦିୟା ସମଗ୍ର ସଂସାରବାସୀଙ୍କୁ ଇସଲାମ ଓ ହଜୁର[ସଅ]ଙ୍କର ଧର୍ମଧ୍ୱଜା ତଳେ ଏକତ୍ରିତ କରିବାର ଅଛି । ଅଲ୍ଲାଃତାଲାଙ୍କ ପ୍ରେରିତ ଯୁଗାବତାରଙ୍କ ସହିତ ଏହି ପ୍ରତିଶ୍ରୁତି ରହିଛି ଯେ ସେ କଦାପି ନିଜ ଅଙ୍ଗୀକାରର ବିପରୀତ କାର୍ଯ୍ୟ କରି ନଥାନ୍ତି ।' *(ଅଲ ଫଜଲ୍, ୩୧ଅକ୍ଟୋବର ୨୦୦୮, ପୃ ୧୨)*

ଏହା ଖିଲାଫତ୍‌ର ଉପକାରୀତା ଓ ଆଶୀଷର ଏକ ସଂକ୍ଷିପ୍ତ ବିବରଣୀ ଥିଲା । ପ୍ରକୃତରେ କହିବାକୁ ଗଲେ ଆମ ବୋଧଶକ୍ତି ତାହାର ସମସ୍ତ ଉପକାରକୁ ଗଣନା କରିବାକୁ ଅକ୍ଷମ ଓ ଆମ କଲମ ତାହା ବର୍ଣ୍ଣନା କରିବାରେ ଅସମର୍ଥ । କିନ୍ତୁ ଏସବୁ ସତ୍ତ୍ୱେ ଏହା ଏକ ନିରାଟ ସତ୍ୟ ଯେ ନବୁଓ୍ୱତ୍ ଅନ୍ତେ ସମସ୍ତ ପ୍ରକାରର ଉପକାର ଖିଲାଫତ୍ ସହିତ ସଂଶ୍ଳିଷ୍ଟ ହୋଇଯାଇଛି । ସମସ୍ତ ପ୍ରକାରର ସୁରକ୍ଷା ଓ ନିରାପତ୍ତା ହାସଲ କରିବା ତାଙ୍କ ସହିତ ସମ୍ବନ୍ଧ ସ୍ଥାପନ କରିବା ଦ୍ୱାରା ସମ୍ଭବ ହୋଇଥାଏ । ବିଶ୍ୱାସକାରୀ ଏହା ସ୍ୱୀକାର କରିଥାନ୍ତି ଯେ

କେବଳ ଏହା ଦ୍ୱାରା ହିଁ ସକଳ ପ୍ରକାର ସମୃଦ୍ଧି ହାସଲ କରାଯାଇ ପାରିବ । ଏହା ସ୍ପଷ୍ଟ ହେବା ଉଚିତ ଯେ ଖିଲାଫତ୍‌ର କଲ୍ୟାଣରୁ ଲାଭବାନ ହେବା ପାଇଁ ଖିଲାଫତ୍‌ର ଆଶୀଷ ଓ ଉପକାରୀତାକୁ ସଦାସର୍ବଦା ମନେରଖିବା ଅତ୍ୟନ୍ତ ଆବଶ୍ୟକ । ଏଥି ସମ୍ବନ୍ଧରେ ହଜରତ ମୁସଲେହ ମଉଦ[ରଅ] କହିଛନ୍ତି :

'ମୁଁ ଆପଣମାନଙ୍କୁ ଏହି ଉପଦେଶ ଦେଉଅଛି ଯେ ଖିଲାଫତ୍‌ର କଲ୍ୟାଣକାରୀ ଆଶୀଷକୁ ସଦୈବ ମନେ ରଖିଥାନ୍ତୁ । ଏହା ମନେ ରଖିବାକୁ ହେଲେ ପୂର୍ବବର୍ତ୍ତୀ ସମ୍ପ୍ରଦାୟମାନଙ୍କର ଏହି ପରମ୍ପରା ରହିଥିଲା ଯେ ସେମାନେ ପ୍ରତି ବର୍ଷ ଗୋଟିଏ ଦିନ ତାହା ପାଇଁ ଧାର୍ଯ୍ୟ କରୁଥିଲେ, ଯେପରିକି ଶିଆ ଗୋଷ୍ଠୀଙ୍କୁ ଦେଖିନିଅ । ସେମାନେ ବର୍ଷକରେ ଗୋଟିଏ ଦିନ ତାଜିୟା (ଶୋଭାଯାତ୍ରା) ବାହାର କରିଥାନ୍ତି । ଏହା ଦ୍ୱାରା ତାଙ୍କ ସମ୍ପ୍ରଦାୟକୁ ହଜରତ ହୁସେନ[ରଅ]ଙ୍କ ଶହିଦ୍ ହେବା ଘଟଣା ମନେ ରହିବ । ସେହିପରି ମୁଁ ଖୁଦ୍ଦାମମାନଙ୍କୁ ଉପଦେଶ ପୂର୍ବକ କହୁଛି ଯେ ସେମାନେ ବର୍ଷକରେ ଗୋଟିଏ ଦିନ 'ଖିଲାଫତ୍ ଡ଼େ (ଖିଲାଫତ୍ ଦିବସ) ପାଳନ କରନ୍ତୁ । ଏତତ୍‌ଦ୍ୱାରା ସେମାନେ ଖିଲାଫତ୍‌ର ବ୍ୟବସ୍ଥା ପ୍ରଚଳିତ ରହିଥିବା ଯୋଗୁଁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ସହିତ ନିଜ ଇତିହାସର ପୁନରାବୃତ୍ତି କରିବେ । ଏହିପରି ସେହି ଦିବ୍ୟ ସ୍ୱପ୍ନ ଓ କୋଶୁଫ୍ ଅର୍ଥାତ ଅର୍ଦ୍ଧଚେତନ ଅବସ୍ଥାରେ ଦେଖୁଥିବା ଅଲୌକିକ ଦୃଶ୍ୟଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରନ୍ତୁ, ଯାହାକି ନିର୍ଦ୍ଧାରିତ ସମୟ ପୂର୍ବରୁ ଅଲ୍ଲାଃତାଲା ମୋତେ ଦେଖାଇ ଦେଇଥିଲେ । ଏହା ପୂରଣ କରି ଅଲ୍ଲାଃତାଲା ପ୍ରମାଣିତ କରିଦେଲେ ଯେ ତାଙ୍କ ଆଶୀର୍ବାଦ ବର୍ତ୍ତମାନ ମଧ୍ୟ ଖିଲାଫତ୍ ସହିତ ଜଡ଼ିତ ରହିଛି ।'

*(ଅଲ୍ ଫଜଲ୍, ୧ମଇ ୧୯୫୭)*

## ସାମ୍ପ୍ରତିକ ଖଲିଫାଙ୍କ ସହିତ ପ୍ରେମ ଓ ତାଙ୍କ ଆଜ୍ଞାପାଳନ କରିବା ଆମର ପରମ କର୍ତ୍ତବ୍ୟ

ଖିଲାଫତ୍ ସହିତ ଜଡ଼ିତ ରହିବା ଓ ତାଙ୍କର ବିଶ୍ୱସ୍ତ ହେବା ତଥା ତାଙ୍କୁ ପ୍ରେମ କରିବାର ତାତ୍ପର୍ଯ୍ୟ ହେଉଛି ଯେ ଖଲିଫାଙ୍କ ପ୍ରତ୍ୟେକ ଆଦେଶ ଅନୁଯାୟୀ ତୁରନ୍ତ କାର୍ଯ୍ୟ କରିବା ଏବଂ ତାଙ୍କର ପ୍ରତ୍ୟେକ ଡ଼ାକରା ଶୁଣି ହାଜର ହେବା ଏବଂ ତାଙ୍କ ପାଦରେ ପାଦ ମିଶାଇ ଆଗକୁ ବଢିଚାଲିବା । ଏହି ଐଶ୍ୱରିକ ବ୍ୟବସ୍ଥାର ଅମାନ୍ୟକାରୀ ଏହାଠାରୁ ପୃଥକ ହୋଇ ରହିଥିବା

ଅବଜ୍ଞାକାରୀଙ୍କୁ ଅଲ୍ଲାଃତାଲା କୁରଆନରେ ଫାସିକ୍‌ର ଆଖ୍ୟା ଦେଇଛନ୍ତି । ହଜରତ ମୁହମ୍ମଦ[ସଅ] କହିଛନ୍ତି: 'ଯେଉଁ ବ୍ୟକ୍ତି ଇମାମଙ୍କ ଦୀକ୍ଷା ଗ୍ରହଣ ନକରି ଅମାନ୍ୟ କରିବା ଅବସ୍ଥାରେ ମୃତ୍ୟୁବରଣ କରେ, ତାହାର ମୃତ୍ୟୁ ଅଜ୍ଞତାପୂର୍ଣ୍ଣ ଏବଂ ଏକ ନିର୍ବୋଧଜନକ ମୃତ୍ୟୁ ହୋଇଥାଏ ।' *(ମୁସଲିମ୍, କିତାବ ଅମାରାଃ)*

ଖଲିଫାଙ୍କ ମାନ୍ୟତା ସ୍ୱୀକାର କରିବା ପରେ ଯଦି କେହି ତାଙ୍କ ଆଦେଶର ଉଲଙ୍ଘନ କରେ ଓ ନୀତି ଉପଦେଶକୁ ଅବଜ୍ଞା କରେ, ତେବେ ତାହାର ଉଦାହରଣ ମଧ୍ୟ ଅଣଅହମଦି ଓ ଅମାନ୍ୟକାରୀଙ୍କ ସଦୃଶ ହୋଇଥାଏ । ବରଂ ତାଙ୍କଠାରୁ ବଳି ହତଭାଗା ଏବଂ ସେମାନଙ୍କ ଅପେକ୍ଷା ତାହା ଅଧିକ ଦଣ୍ଡନୀୟ ଅପରାଧ ।

ଖିଲାଫତ୍ ଯୋଗୁଁ ଜମାଅତର ବ୍ୟବସ୍ଥା ସୁଦୃଢ ଓ ସୁରକ୍ଷିତ ରହିଛି । କାରଣ ଜମାଅତର ବ୍ୟବସ୍ଥା ଖଲିଫାଙ୍କ ଦ୍ୱାରା ପରିଚାଳିତ ଓ ବ୍ୟବସ୍ଥିତ ହୋଇଥାଏ । ଯେଉଁ ଦାୟିତ୍ୱ କର୍ମକର୍ତ୍ତାଙ୍କ ଉପରେ ନ୍ୟସ୍ତ ରହିଥାଏ, ତାହାକୁ ସହଜ ସରଳ ଉପାୟରେ ସମ୍ପାଦନ କରିବା ନିମନ୍ତେ ଉଦ୍ଦିଷ୍ଟ । ସେହି ବ୍ୟବସ୍ଥାର ସଂପୂର୍ଣ୍ଣ ଆଜ୍ଞାବହ ହେବା ଅତ୍ୟନ୍ତ ଜରୁରୀ ଏବଂ ତାଙ୍କ ସହିତ ଜଡ଼ିତ ରହିବା ଅନିବାର୍ଯ୍ୟ । ସେହି ବ୍ୟବସ୍ଥା ଠାରୁ ଅଲଗା ହୋଇ ଆଜ୍ଞାବହତା ଓ ବିଶ୍ୱସ୍ତତାର ପ୍ରଚାର କରିବା ଏକ ମୁର୍ଖତା ଯାହା ଅଲ୍ଲାଃଙ୍କୁ ପସନ୍ଦ ନୁହେଁ, ବରଂ ଦୁରାଚାରୀତାର ଏକ ଅଂଶବିଶେଷ ।

ଆଜ୍ଞାକାରୀତାର ପ୍ରଥମ ସୋପାନ ହେଉଛି ପ୍ରଥମେ ଜଣେ ବିଶ୍ୱାସକାରୀ ଖଲିଫାଙ୍କ କଥା ଧ୍ୟାନପୂର୍ବକ ଶୁଣିବା ଓ ସର୍ବଦା ତାଙ୍କ ପବିତ୍ର ମୁଖରୁ ବାହାରୁଥିବା ପ୍ରତ୍ୟେକ ନିର୍ଦ୍ଦେଶର ପ୍ରତୀକ୍ଷାରେ ରହିବା ତଥା ତାହା ଉପରେ ପାଳନ କରିବାରେ ପ୍ରୟାସରତ ରହିବା ଉଚିତ । ପବିତ୍ର କୁରଆନରେ ବିଶ୍ୱାସକାରୀମାନଙ୍କ ପରିଚୟ 'ସମେନା ଓ ଆତିନା' ଶବ୍ଦରେ ବର୍ଣ୍ଣିତ ରହିଛି । ସେମାନେ ସର୍ବଦା ହିତୋପଦେଶ ଧ୍ୟାନପୂର୍ବକ ଶୁଣିଥାନ୍ତି ଓ ତାହାକୁ ବୁଝି ମନେ ରଖିଥାନ୍ତି, ପୁଣି ତଦନୁଯାୟୀ ମନପ୍ରାଣ ଦେଇ କର୍ମ ମଧ୍ୟ କରିଥାନ୍ତି । ଯେଉଁ ବ୍ୟକ୍ତି ଶୁଣିବ ନାହିଁ, ସେ ପାଳନ କ'ଣ ବା କରିବ ? ହଦିସ ଶରିଫ୍‌ରେ ଉଲ୍ଲେଖ ରହିଛି ହଜରତ ମୁହମ୍ମଦ[ସଅ] କହିଛନ୍ତି:

أُوصِيكُمْ بِتَقْوَى اللّٰهِ وَالسَّمْعِ وَالطَّاعَةِ

**'ଉସିକୁମ୍ ବିତକ୍‌ୱଲ୍ଲାହି ୱସମ୍‌ଇ ୱତ୍‌ତାଅତି**

*(ତିରମିଜି, କିତାବୁଲ୍ ଇମାନ୍)*

ଅର୍ଥାତ 'ମୁଁ ତୁମମାନଙ୍କୁ ଧର୍ମନିଷ୍ଠତା ଅବଲମ୍ବନ କରିବା ତଥା ମୋର ନୀତିବାଣୀ ଶୁଣିବା ଓ ପାଳନ କରିବାକୁ ଉପଦେଶ ଦେଉଅଛି ।'

ଏଥିରୁ ଜଣାଯାଉଛି ଯେ ଧର୍ମନିଷ୍ଠ ହେବା ନିମନ୍ତେ ଦୁଇଟି ବଡ଼ ସ୍ତର ରହିଛି । ପ୍ରଥମତଃ ନିର୍ଦ୍ଦେଶକୁ ଧ୍ୟାନପୂର୍ବକ ଶୁଣିବା ଓ ଦ୍ୱିତୀୟରେ ତଦନୁଯାୟୀ କର୍ତ୍ତବ୍ୟ ନିର୍ବାହ କରିବା । ଏହା ମଧ୍ୟ ଉଲ୍ଲେଖ ଅଛି ଯେ ମୁହମ୍ମଦ[ସଅ] କହିଛନ୍ତି:

**ଇସ୍‌ମଉ ଓ୍ୱଅତିଉ । اِسْمَعُوْا وَاَطِيْعُوْا**

*(ବୁଖାରୀ, କିତାବୁଲ୍ ଅହକାମ୍)*

ଅର୍ଥାତ୍ 'ଶୁଣ ଓ ପାଳନ କର ।'

ହଜରତ ଅନସ୍ ବିନ୍ ମାଲିକ[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜୁର[ସଅ] ଏହିପରି କହିଛନ୍ତି: 'ଶୁଣ ଓ ଆଜ୍ଞାବହ ହୁଅ । ଏପରିକି ଯଦି ତୁମ ଉପରେ ଜଣେ ଆଫ୍ରିକୀୟ କ୍ରୀତଦାସ ହାକିମ ହୋଇ ବସନ୍ତି, ଯାହାର ମୁଣ୍ଡ ସୋରିଷ ପରି କ୍ଷୁଦ୍ର ଓ ତୁଚ୍ଛ ହୋଇଥାଉ ପଛକେ ତୁମେ ତାର ଆଦେଶ ଅବଶ୍ୟ ପାଳନ କର ।'

*(ସହି ବୁଖାରୀ, କିତାବୁଲ୍ ଅହକାମ୍)*

ହଜରତ ଇବନେ ଉମର[ରଅ] ବର୍ଣ୍ଣନା କରିଛନ୍ତି ଯେ ମୁଁ ହଜୁର[ସଅ]ଙ୍କୁ ଏହା କହୁଥିବାର ଶୁଣିଛି: 'ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କ ଆଜ୍ଞାକାରୀ ହେବାରୁ ବିମୁଖ ହୁଏ, ତେବେ ସେ ମହାପ୍ରଳୟ ଦିବସରେ ଅଲ୍ଲାଃଙ୍କୁ ଏପରି ଅବସ୍ଥାରେ ସାକ୍ଷାତ କରିବ ଯେ ନା ତାହା ନିକଟରେ ନିଜ ସପକ୍ଷରେ କୌଣସି ପ୍ରମାଣ ଥିବ ନା ବାହାନାବାଜି । ଯେଉଁ ବ୍ୟକ୍ତି ଇମାମଙ୍କର ବୈଅତ ନକରି ମୃତ୍ୟୁବରଣ କରେ, ସେ ନିର୍ବୋଧ ଓ ପଥଭ୍ରଷ୍ଟ ବ୍ୟକ୍ତିଙ୍କ ପରି ମରଣ ଲାଭ କରେ ।'

*(ସହି ମୁସଲିମ୍, କିତାବ ବାବ ଓ୍ୱୁଜୁବ)*

ଅନ୍ୟ ଏକ ହଦିସରେ ଉଲ୍ଲେଖ ରହିଛି, ହଜରତ ଅବୁହୁରେରାଃ[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜରତ ମୁହମ୍ମଦ[ସଅ] କହିଛନ୍ତି: 'ଅଭାବ ଅନାଟନ କିମ୍ବା ଆନନ୍ଦ ଉଲ୍ଲାସ, ସୁଖ ଅବା ଦୁଃଖ, ନିଜ ଅଧିକାର ଛଡ଼ାଇ ନିଆଯାଉ କିମ୍ବା କାହାରିକୁ ପ୍ରାଧାନ୍ୟ ଦିଆଯାଉ, ପ୍ରତ୍ୟେକ ଅବସ୍ଥାରେ ତୁମମାନଙ୍କ ପକ୍ଷେ ହାକିମଙ୍କ କଥା ଶୁଣିବା ଓ ତାଙ୍କ ଆଜ୍ଞାବହ ହେବା ଅପରିହାର୍ଯ୍ୟ ।'

*(ସହି ମୁସଲିମ୍, କିତାବୁଲ୍ ଅମାରାତ୍)*

ହଜରତ ଅବାଦାଃ ବିନ୍ ଓ୍ୱଲିଦ୍[ରଅ] ନିଜ ପିତାମହଙ୍କର ଏକ ବିବୃତ୍ତିକୁ ନିଜ ପିତାଙ୍କ ଭାଷାରେ ଏହିପରି ବର୍ଣ୍ଣନା କରିଛନ୍ତି: 'ଆମେମାନେ

ହଜରତ ମୁହମ୍ମଦ[ସଅ]ଙ୍କ ହସ୍ତରେ ଦୀକ୍ଷା ଗ୍ରହଣପୂର୍ବକ ତାଙ୍କ କଥା ଶୁଣିବା ଓ ଆଜ୍ଞାବହ ହେବାର ପ୍ରତିଶ୍ରୁତି ପାଳନ କରିଥିଲୁ । ଯେକୌଣସି ପରିସ୍ଥିତି ହେଉ ନା କାହିଁକି, ତାହା କଠୋର କିମ୍ବା କୋମଳ, ସୁଖ କି ଦୁଃଖ ଏପରିକି ଆମ ଅଧିକାର ଛିନ୍ନ ହେଉଥିଲେ ସୁଦ୍ଧା ତଥାପି ଆମେ ପ୍ରତିବାଦ କରିବୁ ନାହିଁ । ସେହି ବ୍ୟକ୍ତିର ନେତୃତ୍ୱରେ ପରିଚାଳିତ ହେବୁ ଯିଏ ସେହି ପଦ ପାଇଁ ଉପଯୁକ୍ତ ବିବେଚିତ ହେଉଥିବ । ଆମେ ଯେଉଁ ସ୍ଥିତିରେ ରହିଲେ ମଧ୍ୟ ସତ୍ୟ ବଚନ କହିବୁ । ଅଲ୍ଲାଃଙ୍କ ମାର୍ଗରେ କୌଣସି ନିନ୍ଦାକାରୀର ନିନ୍ଦା କରିବାରେ କଦାପି ଭୟଭୀତ ହେବୁ ନାହିଁ । *(ସହି ମୁସଲିମ୍, କିତାବୁଲ୍ ଅମାରାଃ)*

ଏକ ହଦିସରେ ଏହାର ଉଲ୍ଲେଖ ରହିଛି ଯେ ହଜରତ ଅବଦୁଲ୍ଲାଃ[ରଅ] ବର୍ଣ୍ଣନା କରିଛନ୍ତି, ହଜରତ ମୁହମ୍ମଦ[ସଅ] ଏହିପରି କହିଥିଲେ: 'ଶୁଣିବା ଓ ଆଜ୍ଞାବହ ହେବା ପ୍ରତ୍ୟେକ ମୁସଲମାନର କର୍ତ୍ତବ୍ୟ । ଏପରିକି ସେହି ଆଦେଶ ତାକୁ ପସନ୍ଦ ହୋଇଥାଉ କିମ୍ବା ନାପସନ୍ଦ, ଯଦି ତାକୁ କୌଣସି ଅପକର୍ମ କରିବାକୁ ଆଦେଶ ଦିଆଯାଏ ତେବେ ତାହା ପକ୍ଷେ ସେହି ଆଦେଶ ପାଳନ କରିବା ଅନିବାର୍ଯ୍ୟ ନୁହେଁ । *(ସହି ବୁଖାରି, କିତାବୁଲ୍ ଅହକାମ୍)*

ହଜରତ ଅବୁହୁରେରାଃ[ରଅ] ବର୍ଣ୍ଣନା କରିଛନ୍ତି ଯେ ହଜରତ ମୁହମ୍ମଦ[ସଅ] ଏହିପରି କହିଥିଲେ: 'ଯେଉଁ ବ୍ୟକ୍ତି ମୋର ଆଜ୍ଞାପାଳନ କରିଥାଏ, ତେବେ ଜାଣ ଯେ ସେ ଅଲ୍ଲାଃତାଲାଙ୍କର ଆଜ୍ଞାପାଳନ କଲା ଏବଂ ଯିଏ ମୋର ଅମାନ୍ୟ କରିଥାଏ, ସେ ଅଲ୍ଲାଃତାଲାଙ୍କର ମଧ୍ୟ ଅବଜ୍ଞା କରିଥାଏ ବୋଲ ଧରାଯିବ । ସେହିପରି ଯେଉଁ ବ୍ୟକ୍ତି ମୋ ଅମିରଙ୍କର ଆଜ୍ଞାପାଳନ କରିଥାଏ ସେ ମୋର ଆଜ୍ଞାପାଳନ କରିଥାଏ ଏବଂ ଯିଏ ମୋ ଅମିରର ଅବଜ୍ଞା କରିଥାଏ, ସେ ମୋର ମଧ୍ୟ ଅମାନ୍ୟ କରେ ।' *(ସହି ମୁସଲିମ୍, କିତାବୁଲ୍ ଅମାରତ)*

ଜଣେ ନୈଷ୍ଠିକ ମୁସଲମାନର ବିଶେଷତ୍ୱ ହେଉଛି ଯେ ସେ ନବୀ ଓ ଖଲିଫାଙ୍କର ଉପଦେଶ ଶୁଣି ତଦନୁଯାୟୀ କର୍ମ କରିବା ସକାଶେ ନିଜ ଅଣ୍ଟା ଭିଡ଼ି ବାହାରିଥାଏ ।

ଖିଲାଫତ୍ ଓ ଜମାଅତ ବ୍ୟବସ୍ଥାର ଆଜ୍ଞାପାଳନ କରିବା ଓ ଆମ କର୍ତ୍ତବ୍ୟ ସମ୍ବନ୍ଧୀୟ ମହାମାନ୍ୟ ଖଲିଫାଙ୍କର କେତେକ ଆଦେଶାବଳୀ ପାଠକମାନଙ୍କ ଅବଗତ ପାଇଁ ପ୍ରସ୍ତୁତ କରାଯାଉଛି, ଯଦ୍ୱାରା ଏହି ବିଷୟ ସଂପୂର୍ଣ୍ଣ ରୂପେ ଖୋଲିଯିବ । (ଯେପରିକି ଅଲ୍ଲାଃ ମୋତେ ସାମର୍ଥ୍ୟ ଦେବେ)

ଜମାଅତ ଅହମଦିୟାର ଦ୍ୱିତୀୟ ଖଲିଫା[ରଅ] କହିଛନ୍ତି: 'ବର୍ତ୍ତମାନ ଯେହେତୁ ଅଲ୍ଲାଃତାଲା ପୁନର୍ବାର ନିଜ କରୁଣାରୁ ମୁସଲମାନମାନଙ୍କୁ ପୁନର୍ଜୀବିତ କରିବା ପାଇଁ ହଜରତ ମସିହ ମଉଦ[ଅସ]ଙ୍କ ମାଧ୍ୟମରେ ଜମାଅତ ଅହମଦିୟାରେ ଖିଲାଫତ୍‌ର ବ୍ୟବସ୍ଥା ପ୍ରଚଳିତ କରିଛନ୍ତି । ତେଣୁ ମୁଁ ନିଜ ଜମାଅତକୁ କହିବାକୁ ଚାହୁଁଛି, ତୁମର ଏହା କର୍ତ୍ତବ୍ୟ ହେଉ ଯେ ତୁମେ ସର୍ବଦା ନିଜକୁ ଖଲିଫାଙ୍କ ସହ ସଂଯୁକ୍ତ କରି ରଖ ଓ ସେହି ବ୍ୟବସ୍ଥାକୁ ବଜାୟ ରଖିବା ପାଇଁ ବଳିଦାନ କରିଚାଲ । ଯଦି ତୁମେ ଏପରି କରିବ, ତେବେ ଖିଲାଫତ୍ ସଦୈବ ତୁମ ସହିତ ରହିଥିବ । ଅଲ୍ଲାଃତାଲା ତୁମମାନଙ୍କ ହସ୍ତରେ ଖିଲାଫତ୍‌ର ବ୍ୟବସ୍ଥା ଏଥିନିମନ୍ତେ ଅର୍ପଣ କରିଛନ୍ତି ଯେ ସେ କହିପାରିବେ 'ମୁଁ ତୁମ ହାତରେ ଖିଲାଫତ୍ ବ୍ୟବସ୍ଥା ଦେଇଥିଲି । ଯଦି ତୁମେ ଇଚ୍ଛା କରିଥାନ୍ତ, ତେବେ ଉକ୍ତ ବ୍ୟବସ୍ଥା ତୁମମାନଙ୍କ ମଧ୍ୟରେ ପ୍ରତିଷ୍ଠିତ ରହିଥାନ୍ତା । ଯଦି ଅଲ୍ଲାଃ ଇଚ୍ଛା କରନ୍ତି ତେବେ ତାହାକୁ ଦିବ୍ୟଶକ୍ତି ମାଧ୍ୟମରେ ପ୍ରତିଷ୍ଠିତ କରି ରଖି ପାରିଥାନ୍ତେ । କିନ୍ତୁ ସେ ତାହା କଲେ ନାହିଁ । ବରଂ ସେ କହିଲେ ଯେ ଯଦି ତୁମେ ଖିଲାଫତ୍ ବ୍ୟବସ୍ଥାକୁ ପ୍ରତିଷ୍ଠିତ ରଖିବାକୁ ପସନ୍ଦ କରୁଛ, ତେବେ ମୁଁ ମଧ୍ୟ ତାହାକୁ ପ୍ରଚଳିତ କରି ରଖିବି । ସତେ ଯେପରି ସେ ତୁମ ତୁଣ୍ଡରୁ ଏହା କୁହାଇବାକୁ ଚାହୁଁଛନ୍ତି ଯେ ତୁମେ ଖିଲାଫତ୍ ଚାହୁଁଛ କି ନାହିଁ । ବର୍ତ୍ତମାନ ଯଦି ତୁମେ ନିଜ ମୁହଁ ନଖୋଲ କିମ୍ବା ଖିଲାଫତ୍ ନିର୍ବାଚନରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଧ୍ୟାନରେ ନରଖ, ତେବେ ତୁମେ ଏହି ପୁରସ୍କାରକୁ ହାତଛଡ଼ା କରିଦେବ । ସୁତରାଂ ମୁସଲମାନମାନଙ୍କ ଅବନତି ଓ କ୍ଷମତା ହରାଇବା ସମ୍ବନ୍ଧରେ ବିଶ୍ଲେଷଣ କର ଓ ନିଜ ଅସ୍ତିତ୍ୱକୁ ଧ୍ୱଂସ ମୁଖରୁ ରକ୍ଷା କର । ତୁମମାନଙ୍କ ଧୀଶକ୍ତି ପ୍ରଖର ହେଉ ଏବଂ ତୁମେ ଦୃଢ ମନୋବଳ ଓ ଅଦମ୍ୟ ସାହସ ପ୍ରଦର୍ଶନ କରିବା ଉଚିତ । ତୁମେ ସେହି ଚଟାଣ ହୁଅ ନାହିଁ ଯାହା ନଦୀର ଗତିପଥକୁ ବଦଳାଇ ଦେଇଥାଏ । ବରଂ ତୁମର କାର୍ଯ୍ୟ ଏପରି ହେବା ଉଚିତ ଯେ ତୁମେ ସେହି ପ୍ରଣାଳୀ ହୋଇଯାଅ, ଯିଏ ଜଳ ଧାରାକୁ ସହଜରେ ଆଗକୁ ପ୍ରବାହିତ କରି ନେଇଥାଏ । ତୁମେ ଏକ ସେତୁବନ୍ଧ ହୁଅ, ଯାହାର କାର୍ଯ୍ୟ ଈଶ୍ୱରଙ୍କର କରୁଣା ଜନିତ ପୁରସ୍କାର ଓ ଯାହା ହଜରତ ମୁହମ୍ମଦ[ସଅ]ଙ୍କ ମାଧ୍ୟମରେ ହାସଲ ହୋଇଛି, ତାହାକୁ ଆଗକୁ ବଢାଇ ନେଇ ଚାଲ । ଯଦି ତୁମେ ଏପରି କରିବାରେ ସଫଳ ହୋଇଯାଅ, ତେବେ ତୁମେ ଏକ ଏପରି ଗୋଷ୍ଠୀ ହୋଇଯିବ ଯେ କଦାପି ଧ୍ୱଂସ ପାଇବ ନାହିଁ । କିନ୍ତୁ ଯଦି ତୁମେ ଏହି ଐଶ୍ୱରିକ ପ୍ରବାହରେ ବିଘ୍ନ ଘଟାଉଛ କିମ୍ବା ତାହାର ମାର୍ଗରେ ମୂକ ପାଷାଣ ପରି ଛିଡ଼ା ହେଉଛ, ତେବେ

ତାହା ତୁମ ସମ୍ପ୍ରଦାୟର ଧ୍ୱଂସ ପ୍ରାପ୍ତିର ମୁହୂର୍ତ୍ତ ହେବ । ତା'ପରେ ତୁମେ କଦାପି ଦୀର୍ଘାୟୁ ଜୀବନ ଲାଭ କରିପାରିବ ନାହିଁ । ତୁମେ ଏହିପରି ଅବସ୍ଥାରେ ଦେହତ୍ୟାଗ କରିବ, ଯେପରି ପୂର୍ବବର୍ତ୍ତୀ ସମ୍ପ୍ରଦାୟର ଲୋକମାନେ ମୃତ୍ୟୁବରଣ କରିଛନ୍ତି । *(ସୁରଃ ନମଲ, ତଫସିର୍ କବିର, ଭାଗ ୭, ପୃ ୪୨୯,୪୩୦)*

ବର୍ତ୍ତମାନ ତୁମର କର୍ତ୍ତବ୍ୟ ହେଉଛି ଯେତେବେଳେ ଈଶ୍ୱରଙ୍କ ବାର୍ତ୍ତାବହଙ୍କର ବାଣୀ ତୁମ କର୍ଣ୍ଣରେ ପଡ଼େ, ତୁମେ ସଙ୍ଗେ ସଙ୍ଗେ ତତ୍ପର ହୋଇ ତାହା ପାଳନ କରିବା ପାଇଁ ଧାଇଁଯାଅ । କାରଣ ସେହିଥିରେ ତୁମ ଅଗ୍ରଗତିର ରହସ୍ୟ ଲୁକ୍କାୟିତ ହୋଇ ରହିଛି । ବରଂ ଯଦି ସେତେବେଳେ ଜଣେ ନମାଜ ପାଠ କରୁଥାଏ, ତଥାପି ତାହାର କର୍ତ୍ତବ୍ୟ ହେବ ଯେ ସେ ନିଜ ନମାଜ ଭଙ୍ଗ କରି ଅଲ୍ଲାଃଙ୍କ ରସୁଲଙ୍କର ଡ଼ାକରା ଶୁଣି ସେଠାରେ ତତ୍‌କ୍ଷଣାତ ଉପସ୍ଥିତ ହୋଇଯିବା ଉଚିତ । ଏହି ଆଦେଶ ରସୁଲଙ୍କ ଖଲିଫା ପାଇଁ ମଧ୍ୟ ପ୍ରଯୁଜ୍ୟ ଓ ତାଙ୍କ ଆଦେଶରେ ଉପସ୍ଥିତ ହେବା ମଧ୍ୟ ଜରୁରୀ ।

*(ତକରିବ୍ ମନସବେ ଖିଲାଫତ୍, ପୃ ୪୨)*

ଯେଉଁ ଜମାଅତର ବ୍ୟବସ୍ଥା ସୁଦୃଢ ହୋଇଥାଏ, ସେମାନଙ୍କ ଉପରେ କେତେକ କର୍ତ୍ତବ୍ୟ ମଧ୍ୟ ନ୍ୟସ୍ତ ରହିଥାଏ, ଯାହା ବ୍ୟତୀତ ସେମାନଙ୍କ କାର୍ଯ୍ୟ କଦାପି ସଠିକ୍ ରୂପେ ପରିଚାଳିତ ହୋଇ ନଥାଏ.... । ସେହି ସର୍ତ୍ତ ଓ କର୍ତ୍ତବ୍ୟ ମଧ୍ୟରେ ଏକ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ହେଉଛି ଯେତେବେଳେ ତୁମେ ଇମାମଙ୍କ ହାତରେ ବୈଅତ କରିନେଉଛ, ସେତେବେଳେ ସେହି ଇମାମର ମୁଖମଣ୍ଡଳ ପ୍ରତି ତୁମ ନଜର ଲାଖି ରହିବା ଜରୁରୀ ଯେ ସେ କ'ଣ କହୁଛନ୍ତି । ସେ ନିଜ ପାଦ ଉଠାଇବା ମାତ୍ରେ ତୁମେ ମଧ୍ୟ ନିଜ ପାଦ ଆଗକୁ ବଢ଼ାଇବା ଆବଶ୍ୟକ... ଇମାମଙ୍କ ସ୍ଥାନ ତ ଉଚ୍ଚସ୍ତରୀୟ ଆଦେଶ ଦେବା ଏବଂ ଅନୁଗାମୀଙ୍କ ସ୍ଥାନ ତାହା ଉପରେ କାର୍ଯ୍ୟ କରିବା ।'

*( ଅଲ ଫଜଲ୍, ୫ଜୁନ୍ ୧୯୩୭)*

ଏହି କଥା ବେଶ୍ ଭଲ ଭାବରେ ମନେରଖ ଯେ ଖିଲାଫତ୍ ହେଉଛି ଅଲ୍ଲାଃଙ୍କ ରଜ୍ଜୁ । ଏହା ଏପରି ରଜ୍ଜୁ, ଯାହାକୁ ଧରି ତୁମେ ଉନ୍ନତିର ଶିଖରରେ ଚଢ଼ିପାରିବ । ତାହାକୁ ଯିଏ ହାତଛଡ଼ା କରିବ, ସେ ନଷ୍ଟ ହୋଇଯିବ ।

*(ଦରସୁଲ୍ କୁରଆନ୍, ୧ମାର୍ଚ୍ଚ ୧୯୧୨)*

ଆମର ଏହି ଆସ୍ଥା ରହିଛି ଯେ ଖିଲାଫତ୍ ଇସଲାମର ଏକ ମହତ୍ତ୍ୱପୂର୍ଣ୍ଣ ଶାଖା । ଯେଉଁ ବ୍ୟକ୍ତି ଏହାର ବିରୋଧ କରେ, ସେ ବାସ୍ତବରେ ଇସଲାମର

ବିରୋଧ କରିଥାଏ । ଯଦି ଆମର ଏହି ଭାବନା ଠିକ୍ ଥାଏ, ତେବେ ଯେଉଁ ବ୍ୟକ୍ତି ଏହି କଥନ ଉପରେ ବିଶ୍ୱାସ ରଖିଥାନ୍ତି :

اَلْاِمَامُ جُنَّةٌ يُقَاتَلُ مِنْ وَّرَائِهٖ

**'ଅଲ୍‌ଇମାମୁ ଜୁନ୍ନତୁନ୍ ୟୁକାତଲୁ ମିଉଁ ଓ୍ୱରାଇହି'**

ସେମାନଙ୍କ ପାଇଁ ଏହି ଆଦେଶ ବେଶ ମହତ୍ତ୍ୱ ରଖିଥାଏ । କାରଣ ଖିଲାଫତ୍ ବ୍ୟବସ୍ଥା ଲାଗୁ କରିବାର ଉଦ୍ଦେଶ୍ୟ ହେଉଛି, ମୁସଲମାନମାନଙ୍କ ମଧ୍ୟରେ ଏକମନ, ଏକପ୍ରାଣ ଓ ସମାନ ବିଚାରଧାରା ସୃଷ୍ଟି କରିବା । ଏହା କେବଳ ଖିଲାଫତ୍ ମାଧ୍ୟମରେ ସମ୍ଭବପର । ଯଦି ଖଲିଫାଙ୍କ ଆଦେଶ ଅନୁଯାୟୀ ଏହା ଉପରେ ସଠିକ୍ ରୂପେ ପାଳନ କରାଯାଏ, ଯେପରି ନମାଜରେ ଇମାମଙ୍କ ରୁକୁ କରିବା (ଆଣ୍ଠୁରେ ଭରା ଦେଇ ନଇଁବା ମୁଦ୍ରା) ସହିତ ରୁକୁ କରାଯାଏ ଓ କୟାମ (ଦଣ୍ଡାୟମାନ ମୁଦ୍ରା) ସହିତ କୟାମ କରାଯାଏ ଓ ସଜଦାଃ କରିବା (ଭୂମିଷ୍ଠ ପ୍ରଣିପାତ ମୁଦ୍ରା) ସହିତ ସଜଦାଃ କରାଯାଇଥାଏ, ସେହିପରି ଖଲିଫାଙ୍କ ଇଶାରାରେ ସମଗ୍ର ଜମାଅତ ପରିଚାଳିତ ହୁଅନ୍ତି ଏବଂ ତାଙ୍କ ଆଦେଶରୁ ଟିକିଏ ହେଲେ ଆଗକୁ ବଢିବାକୁ ଚେଷ୍ଟା କରନ୍ତି ନାହିଁ । ନମାଜର ଇମାମ ସେ ଅଳ୍ପସଂଖ୍ୟକ ନମାଜୀଙ୍କର ଇମାମ ହୋଇଥିଲେ ମଧ୍ୟ ଯେତେବେଳେ ତାଙ୍କ ସମ୍ବନ୍ଧରେ ମୁହମ୍ମଦ[ସଅ] ଆଦେଶ ଦେଇଛନ୍ତି ଯେପରି କି ଯଦି କେହି ନମାଜ ପାଠକାରୀ ବ୍ୟକ୍ତି (ମୁକତଦି) ଇମାମଙ୍କ ରୁକୁ ଓ ସଜଦାଃ କରିବା ପୂର୍ବରୁ ରୁକୁ ଓ ସଜଦାଃ କରେ, ସେ ପାପୀ ହୋଇଥାଏ । ତେବେ ଯେଉଁ ବ୍ୟକ୍ତି ସମଗ୍ର ଜମାଅତର ଇମାମ ଓ ଯାହାଙ୍କ ହାତରେ ସମସ୍ତେ ବୈଅତ କରିଛନ୍ତି, ତାଙ୍କ ଆଜ୍ଞାବହ କେତେ ମାତ୍ରାରେ ଜରୁରୀ... ଏହିପରି ତୁମେ ସମସ୍ତେ ଇମାମଙ୍କ ଇଶାରାରେ ଚାଲ ଓ ତାଙ୍କ ଆଦେଶରୁ ତିଳେ ମାତ୍ର ଆଗକୁ ବଢିବାର ପ୍ରୟାସ କର ନାହିଁ । ଯେତେବେଳେ ସେ ଆଦେଶ ଦିଅନ୍ତି, ତୁମେ ଆଗକୁ ବଢ ଓ ଯେତେବେଳେ ସେ ରହିଯିବାକୁ ଆଦେଶ ଦିଅନ୍ତି, ତୁମେ ରହିଯାଅ । ଯେଉଁ ଦିଗରେ ବଢିବାକୁ ଆଦେଶ ଦିଅନ୍ତି ସେହି ଦିଗରେ ଅଗ୍ରସର ହୁଅ ଏବଂ ଯେଉଁ ଦିଗକୁ ପରିବର୍ତ୍ତନ କରିବାକୁ କୁହନ୍ତି ତଦନୁଯାୟୀ ତୁମେ ଦିଗ ବଦଳାଇ ଦିଅ ।

*(ଅନଓ୍ୱାରୁଲ୍ ଓ୍ୱଲୁମ୍, ଭାଗ ୧୪, ପୃ ୫୧୫,୫୧୬)*

ଯେପରି ଭାବରେ କେବଳ ସେହି ଶାଖା ଫଳ ପ୍ରଦାନ କରିଥାଏ, ଯାହା ବୃକ୍ଷ ସହିତ ଯୋଡ଼ି ହୋଇ ରହିଥାଏ । କିନ୍ତୁ କଟି ଯାଇଥିବା ଅର୍ଥାତ

ବୃକ୍ଷରୁ ଅଲଗା ହୋଇ ଯାଇଥିବା ଶାଖାରେ କେବେ ଫଳ ଆସି ନଥାଏ । ଠିକ୍ ସେହିପରି ସେହି ବ୍ୟକ୍ତି ଜମାଅତର ସେବା କରିପାରିବ ଯେ ନିଜକୁ ଇମାମଙ୍କ ସହିତ ଜଡ଼ିତ ରଖିବ । ଯଦି କୌଣସି ବ୍ୟକ୍ତି ଇମାମଙ୍କ ସହିତ ନିଜକୁ ଜଡ଼ିତ କରି ନରଖେ, ତେବେ ସେ ସାଂସାରିକ କ୍ଷେତ୍ରରେ ଯେତେ ଉଚ୍ଚ ଶିକ୍ଷା ଗ୍ରହଣ କରିଥାଉ ପଛକେ ସେ ଏତିକି ମଧ୍ୟ ସେବା କରିପାରି ନଥାଏ, ଯେତିକି ଏକ ଛାଗଳର ଶାବକ କରିଥାଏ । ତେଣୁ ଯଦି ଆପଣମାନଙ୍କୁ ନିଜର ଚାରିତ୍ରିକ ଓ ନୈତିକ ବିକାଶ କରିବାକୁ ଚାହୁଁଛନ୍ତି ଓ ଆପଣମାନଙ୍କୁ ସଂସାରରେ ବିଜୟପ୍ରାପ୍ତ କରିବାର ଅଛି, ତେବେ ମୋର ଆପଣମାନଙ୍କୁ ଉପଦେଶ ଓ ଶୁଭବାର୍ତ୍ତା ଯେ ଆପଣମାନେ ଖିଲାଫତ୍ ସହିତ ନିଜକୁ ଜଡ଼ିତ ରଖନ୍ତୁ । ଅଲ୍ଲାହଙ୍କର ଏହି ରଜ୍ଜୁକୁ ଦୃଢତାର ସହିତ ଜାବୁଡ଼ି ଧରନ୍ତୁ । କାରଣ ଆମମାନଙ୍କ ସକଳ ପ୍ରକାର ଉନ୍ନତିର ଭିତ୍ତି ଖିଲାଫତ୍ ସହ ଜଡ଼ିତ ରହିବାରେ ନିହିତ ଅଛି ।'

*(ଅଲ ଫଜଲ୍, ୨୩-୩୦ ମଇ ୨୦୦୩, ପୃ ୧)*

ଯେଉଁ ଜମାଅତ ସୁସଙ୍ଗଠିତ ହୋଇଥାଏ, ସେମାନଙ୍କ ଉପରେ କେତେକ କର୍ତ୍ତବ୍ୟ ମଧ୍ୟ ଲାଗୁ ହୋଇଥାଏ । ଏବଂ କେତେକ ସର୍ତ୍ତ ନିର୍ବାହ କରିବା ମଧ୍ୟ ସେମାନଙ୍କ ପାଇଁ ଅନିବାର୍ଯ୍ୟ ହୋଇ ଯାଇଥାଏ । ଏହାକୁ ବାଦ ଦେଇ ସେମାନଙ୍କ କାର୍ଯ୍ୟ କଦାପି ସଠିକ୍ ରୂପେ ସମ୍ପନ୍ନ ହୋଇ ନଥାଏ... ସେହି ସର୍ତ୍ତ ଓ କର୍ତ୍ତବ୍ୟ ମଧ୍ୟରୁ ଗୋଟିଏ ଜରୁରୀ ସର୍ତ୍ତ ଓ କର୍ତ୍ତବ୍ୟ ହେଉଛି ଯେତେବେଳେ ତୁମେ ଜଣେ ଇମାମଙ୍କ ହାତରେ ଦୀକ୍ଷାଗ୍ରହଣ କରିନେଇଛ ଓ ତାଙ୍କ ଆଜ୍ଞାବହ ହେବାର ସାକ୍ଷ୍ୟ ପ୍ରଦାନ କରିଛ, ସେତେବେଳେ ଏହା ତୁମର କର୍ତ୍ତବ୍ୟ ହେବ ଯେ ତୁମେ ଇମାମଙ୍କ ମୁଖ ପ୍ରତି ଦୃଷ୍ଟି ରଖ ଯେ ସେ କ'ଣ କହୁଛନ୍ତି । ସେ ଆଗକୁ ପାଦ ବଢାଇବା ମାତ୍ରେ ତୁମେମାନେ ଆଗକୁ ବଢିଚାଲ । ସଦସ୍ୟମାନଙ୍କୁ କଦାପି ଏଭଳି କାର୍ଯ୍ୟରେ ଅଂଶଗ୍ରହଣ କରିବା ଉଚିତ ନୁହେଁ, ଯାହାର କୁପରିଣାମ ସମଗ୍ର ଜମାଅତକୁ ବହନ କରିବକୁ ପଡ଼ିବ । ଏପରି ଅବସ୍ଥାରେ ଇମାମଙ୍କର ଆବଶ୍ୟକତା ନିରର୍ଥକ ସାବ୍ୟସ୍ତ ହେବ । ଇମାମଙ୍କ ପଦର ତାତ୍ପର୍ଯ୍ୟ ଏପରି ଯେ ସେ କେବଳ ଆଦେଶ ଦେବେ ଓ ଅନୁଗାମୀମାନେ ତାହାର ପାଳନ କରିବେ ।'

*(ଅଲ ଫଜଲ୍, ୫ ଜୁନ୍ ୧୯୩୭, ପୃ ୧,୨)*

ଖଲିଫା ହେଉଛନ୍ତି ଜଣେ ଶିକ୍ଷକ ଓ ଜମାଅତର ପ୍ରତ୍ୟେକ ସଦସ୍ୟ ତାଙ୍କର ଶିକ୍ଷାର୍ଥୀ । ଯେଉଁ ଶବ୍ଦ ଖଲିଫାଙ୍କ ମୁଖରୁ ଉଚ୍ଚାରିତ ହୋଇଥାଏ, ତାକୁ ପାଳନ କରିବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନାହିଁ ।

*(ଅଲ ଫଜଲ୍, ୨ମାର୍ଚ୍ଚ ୧୯୪୬)*

ହେ ବନ୍ଧୁଗଣ ! ସଜାଗ ରୁହ ଓ ନିଜ ସ୍ଥିତିକୁ ବୁଝିବାକୁ ପ୍ରୟାସ କର । ଏପରି ଆଜ୍ଞାବହତାର ନମୁନା ପ୍ରଦର୍ଶନ କର, ଯାହାର ଦୃଷ୍ଟାନ୍ତ ବିଶ୍ୱରେ ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳିବ ନାହିଁ । ଭବିଷ୍ୟତ ପାଇଁ ଏହା ପ୍ରୟାସ କର ଯେ ଶତ ପ୍ରତିଶତ ଆଜ୍ଞାବହ ହେବାର ନମୁନା ଦେଖାଇବ । ସେହି ରକ୍ଷାକବଚରୁ କାହାରି ଶରୀରର କୌଣସି ଅଙ୍ଗ ବାହାରକୁ ବାହାରି ନଥିବ, ଯାହାଙ୍କୁ ଅଲ୍ଲାଃତାଲା ତୁମ ସୁରକ୍ଷା ନିମନ୍ତେ ଚୟନ କରିଛନ୍ତି । **'ଅଲ୍ଇମାମୁ ଜୁନ୍ନତୁନ୍ ୟୁକାତିଲୁ ମିନ୍ ୱରାଇହି'**ର ବାଣୀ ଉପରେ ଏପରି ନିଷ୍ଠାର ସହିତ ପାଳନ କର ଯେ ହଜରତ ମୁହମ୍ମଦ[ସଅ]ଙ୍କ ଆତ୍ମା ତୁମ ଉପରେ ପ୍ରସନ୍ନତା ବ୍ୟକ୍ତ କରିବ ।

*(ଅନୱାରୁଲ୍ ଉ୍ଲୁମ୍, ଭାଗ ୧୪, ପୃ ୫୨୫)*

ଖିଲାଫତ୍‌ର ଅର୍ଥ ହିଁ ହେଉଛି ଯେତେବେଳେ ଖଲିଫାଙ୍କ ମୁଖରୁ କୌଣସି କଥା ବାହାରେ, ସେତେବେଳେ ନିଜର ସମସ୍ତ ବିଚାର, ପ୍ରସ୍ତାବ ଓ ଯୋଜନାକୁ ପରିତ୍ୟାଗ କରି ଏହା ବୁଝିନେବା ଉଚିତ ଯେ ବର୍ତ୍ତମାନ ସେହି ଯୋଜନା, ପ୍ରସ୍ତାବ ଓ ଉପାୟ ଲାଭଦାୟକ ସିଦ୍ଧ ହେବ, ଯାହା ଖଲିଫାଙ୍କ ନିକଟରୁ ଉପଲବ୍ଧ ହୋଇଛି । ଯେପର୍ଯ୍ୟନ୍ତ ଏହି ଭାବନା ଜମାଅତରେ ଉତ୍ପନ୍ନ ହୋଇ ନାହିଁ, ସେପର୍ଯ୍ୟନ୍ତ ତୁମର ସମସ୍ତ ବକ୍ତବ୍ୟ ନିରର୍ଥକ, ସମସ୍ତ ଯୋଜନା ଏବଂ ପ୍ରସ୍ତାବ ବ୍ୟର୍ଥ । *(ଖୁତବା ଜୁମା, ୨୪ଜାନୁଆରୀ ୧୯୩୬, ପୃ ୯)*

ଇମାମ ଓ ଖଲିଫାଙ୍କ ଆବଶ୍ୟକତା ଏହି ତତ୍ତ୍ୱ ଉପରେ ପର୍ଯ୍ୟବସିତ ଯେ ବିଶ୍ୱାସକାରୀ ନିଜର ପ୍ରତ୍ୟେକ ପାଦ ତାଙ୍କର ପାଦ ସହିତ ଉଠାଇଥାଏ । ନିଜ ଇଚ୍ଛା ଓ ଆକାଂକ୍ଷାକୁ ତାଙ୍କ ଇଚ୍ଛା ଓ ଆକାଂକ୍ଷାର ଅଧୀନ କରି ଦେଇଥାଏ । ନିଜ ଉପାୟ ଓ ଯୋଜନା ତାଙ୍କ ଯୋଜନା ଅନ୍ତର୍ଗତ କରି ନେଇଥାଏ । ନିଜ ସାମଗ୍ରୀକୁ ତାଙ୍କ ସାମଗ୍ରୀ ଅଧିନ କରି ଦେଇଥାଏ । ଯଦି ଜଣେ ଏହି ସ୍ତର ହାସଲ କରିନିଏ, ତାହା ସକାଶେ ବିଜୟ ପ୍ରାପ୍ତି ଓ ସଫଳତା ଲାଭ କରିବା ସୁନିଶ୍ଚିତ ହୋଇ ଯାଇଥାଏ । *(ଅଲ ଫଜଲ୍, ୪ସେପ୍ଟେମ୍ବର ୧୯୩୭, ପୃ ୪୪,୪୫)*

ମନେ ରଖନ୍ତୁ... ବିଶ୍ୱାସର ନାମ ହେଉଛି ଅଲ୍ଲାଃତାଲାଙ୍କ ଦ୍ୱାରା ଛିଡ଼ା କରା ଯାଇଥିବା ପ୍ରତିନିଧିଙ୍କ ମୁଖରୁ ଯେଉଁ ବଚନ ବାହାରି ଥାଏ, ତାହାର ଅନୁସରଣ ଓ ଆଜ୍ଞାପାଳନ । *(ଅଲ ଫଜଲ୍, ୧୫ ସେପ୍ଟେମ୍ବର ୧୯୯୪, ପୃ ୪୫)*

....କୌଣସି ବ୍ୟକ୍ତି ଶତ ସହସ୍ର ଥର କାହିଁକି କହିବ ଯେ ମୁଁ ହଜରତ ମସିହ ମଉଦ[ଅସ]ଙ୍କ ଉପରେ ସଂପୂର୍ଣ୍ଣ ବିଶ୍ୱାସ ଓ ଆସ୍ଥା ରଖୁଛି । ସହସ୍ର ଥର

କେହି କାହିଁକି କହିବ ଯେ ମୁଁ ଅହମଦିୟତ୍‌କୁ ସତ୍ୟ ବୋଲି ବିବେଚନା କରୁଛି । ଅଲ୍ଲାଃଙ୍କ ସମକ୍ଷରେ ତାହାର ଏପରି ଦାବୀ ଘୋଷଣା କରିବାର କୌଣସି ମୂଲ୍ୟ ନାହିଁ, ଯେପର୍ଯ୍ୟନ୍ତ ସେ ନିଜ ହାତ ସେହି ବ୍ୟକ୍ତି (ଖଲିଫାଙ୍କ) ହାତରେ ରଖି ନାହିଁ, ଯାହାଙ୍କ ମାଧ୍ୟମରେ ଅଲ୍ଲାଃତାଲା ଚଳିତ ଯୁଗରେ ଇସଲାମର ପୁନରଭ୍ୟୁଦୟ ଏବଂ ଏହାର ପ୍ରତିଷ୍ଠା ତଥା ବିକାଶ ନିମନ୍ତେ ତାଙ୍କୁ ମନୋନୀତ କରିଛନ୍ତି । ଯେପର୍ଯ୍ୟନ୍ତ ଜମାଅତର ପ୍ରତ୍ୟେକ ସଦସ୍ୟ ପାଗଳ ପରି ତାଙ୍କର ଆଜ୍ଞାପାଳନ କରିନାହାନ୍ତି ଓ ଯେପର୍ଯ୍ୟନ୍ତ ତାଙ୍କ ଆଜ୍ଞାପାଳନ କରିବାରେ ନିଜ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଅତିବାହିତ କରିନାହାନ୍ତି, ସେପର୍ଯ୍ୟନ୍ତ ସେ କୌଣସି ପ୍ରକାରର ପ୍ରତିଷ୍ଠା ଓ ଗୌରବ ଅର୍ଜନ କରିବାର ପାତ୍ର ହୋଇପାରିବ ନାହିଁ । *(ଅଲ ଫଜଲ୍, ୧୫ନଭେମ୍ବର ୧୯୪୬)*

ନିଃସନ୍ଦେହରେ ମୁଁ ନବୀ ନୁହେଁ, କିନ୍ତୁ ମୁଁ ନବୁଓ୍ୱତ୍‌ର ମାର୍ଗରେ ଓ ତାଙ୍କ ସ୍ଥାନରେ ଛିଡ଼ା ହୋଇଅଛି । ସେହି ପ୍ରତ୍ୟେକ ବ୍ୟକ୍ତି ଯେ ମୋ ଆଜ୍ଞାପାଳନ କରିବାରୁ ବିମୁଖ ହୁଏ, ନିଶ୍ଚିତ ରୂପେ ସେ ନବୀଙ୍କ ଅବଜ୍ଞାକାରୀ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥାଏ । ମନେରଖ! ମୋର ଅନୁସରଣ ଓ ଆଜ୍ଞାପାଳନ କରିବାରେ ଅଲ୍ଲାଃତାଲାଙ୍କ ଅନୁସରଣ ଓ ଆଜ୍ଞାପାଳନ ନିହିତ ଅଛି ।

*(ଅଲ ଫଜଲ୍, ୪ସେପ୍ଟେମ୍ବର ୧୯୩୭)*

ଖଲିଫା ଯେଉଁ ବିଷୟର ଆଦେଶ ଦେଇଥାନ୍ତି, ତାକୁ ଅମାନ୍ୟ କରୁଥିବା ବ୍ୟକ୍ତି ଏପରି ଅପରାଧି, ଯେପରି ଅଲ୍ଲାଃ ଓ ରସୁଲଙ୍କର ଅବଜ୍ଞା କରିବା । ଯଦିଓ ଶରିୟତ୍ ଏହାର କୌଣସି ଦଣ୍ଡବିଧାନ କରି ନାହିଁ । ମାତ୍ର ଜଣେ ବିଶ୍ୱାସକାରୀ ଦୃଷ୍ଟିରେ ଅଲ୍ଲାଃଙ୍କୁ ଅମାନ୍ୟ କରିବା ସ୍ୱୟଂ ଏକ ଶାସ୍ତି । ଏପରି ଭାବନା ରଖିବା ଯେ ଖଲିଫାଙ୍କ ଆଦେଶ ପାଳନ କରାଯାଇ ନାହିଁ, ତାହା ମଧ୍ୟ ସ୍ୱୟଂ ଏକ ଶାସ୍ତିର ପରିଚାୟକ । ତାହା ହିଁ ପ୍ରକୃତ ଶାସ୍ତି, ଅନ୍ୟାନ୍ୟ ଶାସ୍ତି ତ କୌଣସି କାରଣବଶତଃ ଦିଆଯାଇଥାଏ । ନଚେତ୍ ଅଲ୍ଲାଃତାଲାଙ୍କ ନିର୍ଦ୍ଧାରିତ ବ୍ୟବସ୍ଥା ଓ ଖଲିଫାଙ୍କ ପ୍ରତି ଅମାନ୍ୟ କରିବାର ଶାସ୍ତି ଠାରୁ ବଳି ଅନ୍ୟ କେଉଁ ଶାସ୍ତି ହୋଇପାରେ ? ଅଲ୍ଲାଃ ଓ ତାଙ୍କ ରସୁଲଙ୍କୁ ଅସନ୍ତୁଷ୍ଟ କରିବା ହିଁ ଏକ ବଡ଼ ଅପରାଧ । ଜଣେ ନର୍କଦଣ୍ଡ ଭୋଗ କରିବାର ଉଦ୍ଦେଶ୍ୟ ଏହା ହୋଇଥାଏ ଯେ ଅଲ୍ଲାଃତାଲା ସେହି ବ୍ୟକ୍ତି ପ୍ରତି ଅପ୍ରସନ୍ନ ହୋଇଥାନ୍ତି । ତେଣୁ ଯଦିଓ ଆଦେଶ ପାଳନ ନକରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଦଣ୍ଡବିଧାନ ଧାର୍ଯ୍ୟ କରାଯାଇ ନାହିଁ, ତଥାପି ତାହା ଉପରେ ପାଳନ କରିବା ଏହି ଆଦେଶର ଅନ୍ତର୍ଭୁକ୍ତ । *(ଖିଲାଫତ୍ ଅଲା ମିନହାଜେ ନବୁଓ୍ୱତ୍, ଭାଗ ୩, ପୃ ୫୫୮)*

ଅଲ୍ଲାଃତାଲା ନିଜ କୃପାରୁ ମୁସଲମାନମାନଙ୍କୁ ପୁନର୍ବାର ଉଜ୍ଜୀବିତ କରିବା ପାଇଁ ହଜରତ ମସିହ ମଉଦ[ଅସ]ଙ୍କ ମାଧ୍ୟମରେ ଜମାଅତ ଅହମଦିୟାରେ ଖିଲାଫତ୍ ବ୍ୟବସ୍ଥା ପ୍ରଣୟନ କରିଛନ୍ତି । ଏଥିପାଇଁ ମୁଁ ନିଜ ଜମାଅତକୁ କହିବାକୁ ଚାହୁଁଛି ଯେ ତୁମର କାର୍ଯ୍ୟ ହେଉଛି ତୁମେ ସର୍ବଦା ନିଜକୁ ଖଲିଫାଙ୍କ ସହ ଜଡ଼ାଇ ରଖ ଓ ଖିଲାଫତ୍ ସୁଦୃଢ ହେବା ପାଇଁ ତ୍ୟାଗ ଓ ବଳିଦାନ କରି ଚାଲ । ଯଦି ତୁମେ ଏପରି କରିବ, ତେବେ ଖିଲାଫତ୍ ତୁମମାନଙ୍କ ମଧ୍ୟରେ ଚିରକାଳ ପ୍ରଚଳିତ ହୋଇ ରହିଥିବ । *(ତଫସିର କବିର, ଭାଗ ୭, ପୃ ୪୩୦)*

ଜମାଅତ ଅହମଦିୟାର ପଞ୍ଚମ ଖଲିଫା କହିଛନ୍ତି: '...ଖଲିଫାଙ୍କ ମନୋନୟନ ଅଲ୍ଲାଃତାଲା ସ୍ୱୟଂ କରିଥାନ୍ତି ଏବଂ ସେମାନଙ୍କ ମଧ୍ୟରେ ଉପୁଜିଥିବା ଶଙ୍କାକୁଳ ପରିବେଶକୁ ଦୂର କରି ଦେଇଥାନ୍ତି । ଯେଉଁ ବ୍ୟକ୍ତି ଅନ୍ୟର ଇଚ୍ଛାକୁ ଅନୁସରଣ କରି ଏକ ଦାସ ପରି ପ୍ରତିକ୍ଷଣ କାର୍ଯ୍ୟରତ ଥାଏ, ତାକୁ ଭୟ କ'ଣ ? ତାର ଏକ ଈଶ୍ୱରଙ୍କ ନିକଟରେ ନତମସ୍ତକ ହେବା କେଉଁ ବଡ଼ କଥା ? ଯେତେବେଳେ କି ଖଲିଫାଙ୍କ ପକ୍ଷେ ଏହା ଜରୁରୀ ହୋଇପଡ଼େ ଯେ ତାଙ୍କୁ ଅଲ୍ଲାଃତାଲା ସ୍ୱୟଂ ଚୟନ କରିଥାନ୍ତି ଓ ତାଙ୍କ ଭୟାତୁର ପରିସ୍ଥିତିକୁ ଶାନ୍ତିପ୍ରଦ ଅବସ୍ଥାରେ ପରିବର୍ତ୍ତନ କରି ଦେଇଥାନ୍ତି । ସେ ଅଲ୍ଲାଃଙ୍କ ଉପାସନା କରିଥାନ୍ତି ଓ କାହାରିକୁ ତାଙ୍କ ସମକକ୍ଷ ମନେକରି ନଥାନ୍ତି । ସେ ପୁଣି କହିଛନ୍ତି ଯେ ଯଦି ଜଣେ ବ୍ୟକ୍ତି ନବୀଙ୍କୁ ସ୍ୱୀକାର କରି ନଥାଏ, ତେବେ ତାଙ୍କ ଅ ବତାରତ୍ୱରେ କୌଣସି ଫରକ ପଡ଼ି ନଥାଏ । ଏହି ଅବସ୍ଥା ଖଲିଫାର ମଧ୍ୟ ହୋଇଥାଏ । ଯଦି ତାଙ୍କୁ ସମସ୍ତେ ପ୍ରତ୍ୟାଖ୍ୟାନ କରିଦିଅନ୍ତି, ତେବେ ସୁଦ୍ଧା ସେ ଖଲିଫା ହୋଇ ରହିଥାନ୍ତି । କାରଣ ଯେଉଁ ନିୟମ ମୂଳ ନବୀଙ୍କ ପାଇଁ ନିର୍ଦ୍ଧାରିତ କରାଯାଇଛି, ତାହା ଶାଖା ପାଇଁ ମଧ୍ୟ ଲାଗୁ ହୋଇଥାଏ । ଭଲ ଭାବରେ ମନେରଖ ! ଯେଉଁ ବ୍ୟକ୍ତି ଶାସନ କରିବା ଉଦ୍ଦେଶ୍ୟରେ ଖଲିଫା ହୋଇଥାଏ, ସେ ଏକ ମିଥ୍ୟାବାଦୀ । କିନ୍ତୁ ଯଦି ସେ ସମାଜ ସୁଧାର ପାଇଁ ଅଲ୍ଲାଃଙ୍କ ତରଫରୁ କାର୍ଯ୍ୟ କରିଥାଏ, ତେବେ ସେ ଅଲ୍ଲାଃଙ୍କର ଅତି ପ୍ରିୟପାତ୍ର ହୋଇଥାଏ । ସମଗ୍ର ବିଶ୍ୱ ତାହାର ଶତ୍ରୁ ହୋଇଗଲେ ସୁଦ୍ଧା ସେଥିରେ କିଛି ଯାଏ ଆସେ ନାହିଁ । *(ମନସବେ ଖିଲାଫତ୍, ଭାଗ ୨, ପୃ ୫୩,୫୪)*

....ଆପଣମାନଙ୍କର ଏହା କର୍ତ୍ତବ୍ୟ ଯେ ଅଲ୍ଲାଃତାଲାଙ୍କର ଏହି ଶ୍ରେଷ୍ଠ ପୁରସ୍କାର ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତୁ ଓ ଅଲ୍ଲାଃତାଲାଙ୍କର କୃତଜ୍ଞ ହୁଅନ୍ତୁ । ଖଲିଫା ଏବଂ ଜମାଅତର ବ୍ୟବସ୍ଥା ସହିତ ପ୍ରେମ ଓ ଆଜ୍ଞାବହତାର ଅତୁଟ

ତଥା ସୁଦୃଢ ସମ୍ପର୍କ ସ୍ଥାପନ କରନ୍ତୁ । ଏହି ସମ୍ପର୍କ ଆପଣମାନଙ୍କର ଏକ ବିଶେଷତ୍ୱ ହେବା ଉଚିତ । ଅଲ୍ଲାଃତାଲା କରନ୍ତୁ ଯେ ଆପଣମାନେ ପୁଣ୍ୟବନ୍ତ, ସତ୍ପଥଗାମୀ, ନିଷ୍ଠାବାନ ଓ ଆଜ୍ଞାନୁବର୍ତ୍ତୀତାର ଏପରି ଆଦର୍ଶ ପାଲଟିଯାନ୍ତୁ....। ମୁଁ ଆପଣମାନଙ୍କୁ ଆଶ୍ୱସନା ଦେଉଛି ଯେ ଯଦି ଆପଣମାନେ ପ୍ରକୃତ ଧର୍ମପରାୟଣ ହୁଅନ୍ତି ଓ ଖଲିଫାଙ୍କ ସହିତ ପ୍ରେମ ଓ ବିଶ୍ୱସ୍ତତାର ସମ୍ପର୍କକୁ ସୁଦୃଢ କରନ୍ତି ତଥା ଜମାଅତର ବ୍ୟବସ୍ଥା ଓ ଖିଲାଫତ୍ ପ୍ରତି ଗଭୀର ହୃଦୟରୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରନ୍ତି, ତେବେ ଆପଣମାନେ ସର୍ବଦା ଅଲ୍ଲାଃତାଲାଙ୍କ ପୁରସ୍କାରର ଶାଶ୍ୱତ ଅଧିକାରୀ ହେବେ । ଯାହାର ପ୍ରତିଶ୍ରୁତି ଅଲ୍ଲାଃତାଲା ପବିତ୍ର କୁରଆନରେ ବିଶ୍ୱାସକାରୀମାନଙ୍କୁ ପ୍ରଦାନ କରିଛନ୍ତି । ତାହାଙ୍କ ଆଶୀଷରୁ ଆପଣମାନଙ୍କର ଉଭୟ ଧାର୍ମୀକ ତଥା ସାଂସାରିକ ଅବସ୍ଥା ସୁଖମୟ ହୋଇଯିବ । ଆପଣମାନଙ୍କୁ ମାନସିକ ଶାନ୍ତି ମିଳିବ ଓ ସ୍ଥାୟୀତ୍ୱ ପ୍ରାପ୍ତ ହେବ । ତାଙ୍କର ଆଶୀର୍ବାଦ ପ୍ରାପ୍ତ କରି ଆପଣମାନଙ୍କ ଭୟପ୍ରଦ ଅବସ୍ଥା ଏକ ଚିରଶାନ୍ତି ପ୍ରଦାୟକ ଅବସ୍ଥାରେ ପରିବର୍ତ୍ତିତ ହୋଇଯିବ । କିନ୍ତୁ ସେଥିପାଇଁ ନିଷ୍ଠାପର ଉପାସନା ଓ ସତ୍କର୍ମ କରିବାର ସର୍ତ୍ତ ରହିଛି । ଯଦି ଏହି ବିଷୟକୁ ଦୃଷ୍ଟିରେ ରଖିବା ସହିତ ଖଲିଫାଙ୍କ ଡ଼ାକରାରେ ଉପସ୍ଥିତ ହେବା ପାଇଁ ସର୍ବଦା ତତ୍ପର ରହିବେ, ତେବେ ସଫଳତା ଆପଣମାନଙ୍କ ଚରଣ ସ୍ପର୍ଶ କରିବ । ଆପଣମାନଙ୍କୁ ଇହ ଓ ପରକାଳରେ ଉନ୍ନତି ପ୍ରଦାନ କରାଯିବ । (**ଇନ୍ଶାଅଲ୍ଲାଃ**) ଅଲ୍ଲାଃତାଲା ଆପଣମାନଙ୍କୁ ମୋର ଏହି ଉପଦେଶ ଅନୁଯାୟୀ କର୍ତ୍ତବ୍ୟ ପାଳନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆପଣମାନେ ବାସ୍ତବ କ୍ଷେତ୍ରରେ ଏହି ପବିତ୍ର ବସ୍ତି କାଦିୟାନ ପ୍ରତି ରହିଥିବା ଆପଣମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପାଦନ କରିବା ପାଇଁ ସାମର୍ଥ୍ୟ ଅର୍ଜନ କରନ୍ତୁ । ଆମିନ୍ ।

*(ଶତବାର୍ଷିକ ଖିଲାଫତ୍ ଜୁବିଲି, ନଭେମ୍ବର ୨୦୦୮, ପୃ ୨୯)*

ମନେରଖନ୍ତୁ...ଯଦି ଏହି ଘୋଷଣା କରିଛନ୍ତି ଯେ ଆପଣମାନଙ୍କର ଅଲ୍ଲାଃତାଲାଙ୍କ ସମ୍ମାନ ରକ୍ଷାର୍ଥେ ଖିଲାଫତ୍ ସହିତ ପ୍ରେମ ଏବଂ ଶ୍ରଦ୍ଧା ରହିଛି, ତେବେ ଜମାଅତର ବ୍ୟବସ୍ଥା ଯାହାକି ଖିଲାଫତ୍ ବ୍ୟବସ୍ଥାର ଏକ ଅଂଶବିଶେଷ, ତାହାର ମଧ୍ୟ ସଂପୂର୍ଣ୍ଣ ଆଜ୍ଞାପାଳନକାରୀ ହୁଅ ।

*(ଅଲ ଫଜଲ୍, ୧୫ ଜୁଲାଇ ୨୦୦୫)*

ଅଲ୍ଲାଃ ଓ ରସୁଲଙ୍କ ଆଜ୍ଞାବହ ହେବା ବିଷୟ ଏଥିରେ ନିହିତ ଅଛି ଯେ ଜମାଅତର ବ୍ୟବସ୍ଥା, କର୍ମକର୍ତ୍ତା ଓ ପଦାଧିକାରୀମାନଙ୍କ ଆଜ୍ଞାପାଳନ କର । ସେମାନଙ୍କ ଆଦେଶ ଓ ନିଷ୍ପତ୍ତିକୁ ଗ୍ରହଣ କର । ଯଦି ତାଙ୍କର ସେହି ରାୟ ଓ

ନିଷ୍ପତ୍ତିରେ କିଛି ତ୍ରୁଟି ଥାଏ, ତେବେ ଅଲ୍ଲାଃତାଲା ତୁମକୁ ଧୈର୍ଯ୍ୟର ପ୍ରତିଫଳ ପ୍ରଦାନ କରିବେ । ଯେହେତୁ ତୁମେ ଅନ୍ତିମ ଦିବସ ଉପରେ ବିଶ୍ୱାସ ରଖୁଛ, ତେଣୁ ସମସ୍ତ ମାମଲା ଅଲ୍ଲାଃତାଲାଙ୍କ ଉପରେ ଛାଡ଼ିଦିଅ । ତୁମର ଏହା ଅଧିକାର ନାହିଁ ଯେ ନିଜ କଥା ଉପରେ ଅଡ଼ି ବସ । ତୁମର କର୍ତ୍ତବ୍ୟ ହେଉଛି କେବଳ ଆଜ୍ଞାପାଳନ, ଆଜ୍ଞାପାଳନ ଓ ଆଜ୍ଞାପାଳନ କରିବା ।

*(ଖୁତବାତେ ମସରୁର, ଭାଗ ୧, ପୃ ୨୫୮-୨୬୬)*

ବର୍ତ୍ତମାନ ହଜରତ ମୁହମ୍ମଦ[ସଅ]ଙ୍କ ସଚ୍ଚୋଟ ସେବକଙ୍କ ଦାସତ୍ୱ ଗ୍ରହଣ କରିବା ଓ ଖିଲାଫତ୍‌ର ଆଜ୍ଞାକାରୀ ହେବାରେ ହିଁ ଅଲ୍ଲାଃତାଲାଙ୍କ କୃପା ଓ ଅନୁକମ୍ପାର ମାର୍ଗ ରହିଛି । ଏତତ୍‌ବ୍ୟତୀତ ଅନ୍ୟ କୌଣସି ମାର୍ଗ ନାହିଁ । ଅଲ୍ଲାଃତାଲା ସମସ୍ତ ଅହମଦିଙ୍କୁ ଏକଥା ବୁଝିବା ପାଇଁ ଶକ୍ତି ଦିଅନ୍ତୁ... ଏହି ନିଷ୍ଠା, ଆଜ୍ଞାକାରୀତା ଓ ବିଶ୍ୱସ୍ତତାର ସମ୍ପର୍କକୁ ବୃଦ୍ଧି କରି ଚାଲନ୍ତୁ । ଯଦ୍ୱାରା ଆମେ ସମଗ୍ର ବିଶ୍ୱରେ ଖୁବ୍ ଶୀଘ୍ର ହଜରତ ମୁହମ୍ମଦ[ସଅ]ଙ୍କ ଧର୍ମଧ୍ୱଜା ଉଡ଼ାଇ ସଂସାରରେ ଇସଲାମୀୟ ଶାସନ ପ୍ରତିଷ୍ଠା କରିପାରିବା ।

*(ଅଲ ଫଜଲ୍, ୧୨ ଜୁନ୍ ୨୦୧୫, ପୃ ୧୦)*

ନିଜକୁ ହଜରତ ମସିହ ମଉଦ[ଅସ]ଙ୍କ ସହିତ ସମ୍ପର୍କ ରଖିବା ସହିତ ଖିଲାଫତ୍‌ର ସଂପୂର୍ଣ୍ଣ ଆଜ୍ଞାପାଳନ କରିବା ଅତ୍ୟନ୍ତ ଜରୁରୀ । ଏହି ବିଷୟ ଜମାଅତର ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ଆଧ୍ୟାତ୍ମିକତାରେ ଉନ୍ନତି କରିବା ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଖିଲାଫତ୍ ଅନୁଷ୍ଠାନକୁ ଚିହ୍ନିବା ଓ ସେ ସମ୍ବନ୍ଧରେ ସଦସ୍ୟମାନଙ୍କ ମଧ୍ୟରେ ସଠିକ୍ ଚେତନା ଜାଗ୍ରତ କରିବା ଏହି ଉପାୟରେ ସମ୍ଭବ ହେବ ଯେ ସମୟର ଖଲିଫାଙ୍କର ପ୍ରତ୍ୟେକ ନିଷ୍ପତ୍ତିକୁ ଅତ୍ୟନ୍ତ ଖୁସି ମନରେ ଗ୍ରହଣ କରନ୍ତୁ । ମନ ଭିତରେ କୌଣସି ପ୍ରକାରର ସନ୍ଦେହ ଓ କଳୁଷତା ଉଙ୍କି ମାରିବାକୁ ଦିଅନ୍ତୁ ନାହିଁ । କୌଣସି କଥା ଶୁଣି ମନରେ ସେଥିପ୍ରତି ନକାରାତ୍ମକ ଭାବନା ସୃଷ୍ଟି କରନ୍ତୁ ନାହିଁ । ସକଳ ପରିସ୍ଥିତିରେ ଖଲିଫାଙ୍କର ଆଜ୍ଞାପାଳନ ଓ ବ୍ୟବସ୍ଥାର ଆନୁଗତ୍ୟ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମସ୍ତେ ଏହାର ଗୁରୁତ୍ୱକୁ ବୁଝିବା ଉଚିତ ।

*(ଅଲ ଫଜଲ୍, ୧୨ ଜୁନ୍ ୨୦୧୫, ପୃ ୧୦)*

ଜମାଅତର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଏହା ଜରୁରୀ ଯେ ସେମାନେ ସଂପୂର୍ଣ୍ଣ ଆଜ୍ଞାନୁବର୍ତ୍ତୀତା ପ୍ରଦର୍ଶନ କରନ୍ତୁ । ଯେତେବେଳେ ପ୍ରତ୍ୟେକ ସଦସ୍ୟ

ଏହା କରିବେ, ସେତେବେଳେ ଆମର ପ୍ରତି ପାଦ ଆଧ୍ୟାତ୍ମିକତାର ଉଚ୍ଚ ସୋପାନ ଅତିକ୍ରମ କରି ଚାଲିବ । **ଇନ୍‌ଶାଅଲ୍ଲାଃ** *(ଅଲ ଫଜଲ୍, ୧୨-୧୮ ଜୁନ୍ ୨୦୧୫, ପୃ ୧୧)*

ସମସ୍ତଙ୍କ ପାଇଁ ନିଜ ଆଜ୍ଞାବହତାର ସ୍ତର ସମ୍ବନ୍ଧରେ ସଠିକ୍ ଜ୍ଞାନ ଆହରଣ କରିବାର ଏହି ମାନଦଣ୍ଡ ରହିଛି ଯେ କ'ଣ ତାହା ହୃଦୟରେ ଦିବ୍ୟଜ୍ୟୋତିର କିରଣ ଉତ୍ପନ୍ନ କରୁଛି ? ଯଦି ସମସ୍ତେ ଏହି ବିଷୟରେ ନିଜ ଆତ୍ମସମୀକ୍ଷା କରନ୍ତି, ତେବେ ସେ ସ୍ୱୟଂ ନିଜ ଆଜ୍ଞାବହତାର ସ୍ତରକୁ ପରଖି ନେବେ ଯେ ତାହା କିପରି ଅଛି ? ସେ ଅଲ୍ଲାଃତାଲାଙ୍କର ଆଜ୍ଞାପାଳନ କରିବା କ୍ଷେତ୍ରରେ କେଉଁ ସ୍ଥାନରେ ପହଁଞ୍ଚିଛି । ସେ ହଜରତ ମୁହମ୍ମଦ[ସଅ]ଙ୍କ କିପରି ଆଜ୍ଞାପାଳନ କରୁଛି । ହଜରତ ମସିହ ମଉଦ[ଅସ]ଙ୍କ ଦ୍ୱାରା ପ୍ରତିଷ୍ଠିତ ଖିଲାଫତ୍ ବ୍ୟବସ୍ଥାର କିପରି ଆଜ୍ଞାବହ ହୋଇଛି । ଯଦି ଅଲ୍ଲାଃ ଓ ରସୁଲଙ୍କ ନିର୍ଦ୍ଦେଶ ପାଳନ କରିବା ପରେ ମଧ୍ୟ ତାକୁ କୌଣସି ପ୍ରକାର ଦିବ୍ୟାଲୋକ ପ୍ରାପ୍ତ ହେଉ ନାହିଁ, ତେବେ ଆପଣଙ୍କ କହିବାନୁଯାୟୀ ତାହାର କୌଣସି ଉପକାର ହେଉନାହିଁ । ଦେଖ, ପ୍ରଶାସନର ଆଜ୍ଞାପାଳନ କରିବା ଦ୍ୱାରା ସୁଖଶାନ୍ତି ତ ପ୍ରାପ୍ତ ହୋଇଥାଏ, କିନ୍ତୁ ଆଧ୍ୟାତ୍ମିକ ପ୍ରକାଶ ଓ ସନ୍ତୋଷ ଐଶ୍ୱରୀକ ବ୍ୟବସ୍ଥାର ଆଜ୍ଞାବହ ହେବା ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । *(ଅଲ ଫଜଲ୍, ୧୨-୧୮ ଜୁନ୍ ୨୦୧୫, ପୃ ୧୧)*

....ମନେରଖନ୍ତୁ ! ଅମିର ଓ ସଦର ତଥା କର୍ମକର୍ତ୍ତା ଏବଂ ସହାୟକ ସଂଗଠନଗୁଡିକର ପଦାଧିକାରୀମାନେ ମଧ୍ୟ ଖଲିଫାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ବ୍ୟବସ୍ଥାର ଏକ ଅଂଶବିଶେଷ । ଏହି ଦୃଷ୍ଟିକୋଣରୁ ଦେଖିଲେ ସେମାନେ ହେଉଛନ୍ତି ଖଲିଫାଙ୍କ ପ୍ରତିନିଧି । ଏଥିନିମନ୍ତେ ସେମାନଙ୍କ ଚିନ୍ତାଧାରା ଓ ନିଜ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ସେହିପରି ଯୋଜନା ପ୍ରସ୍ତୁତ କରିବା ଉଚିତ, ଯେପରି ସମୟର ଖଲିଫା କରିଥାନ୍ତି । ସେହି ନିର୍ଦ୍ଦେଶ ଅନୁଯାୟୀ କର୍ମ କରିବା ଆବଶ୍ୟକ, ଯାହାକି କେନ୍ଦ୍ରୀୟ ସ୍ତରରେ ଦିଆଯାଇଥାଏ । ଯଦି ଏପରି କରୁ ନାହଁ, ତେବେ ନିଜ କର୍ତ୍ତବ୍ୟକୁ ସଠିକ୍ ରୂପେ ନିର୍ବାହ କରୁ ନାହଁ, ଯାହାକି ନ୍ୟାୟସଙ୍ଗତ ନୁହେଁ । *(ଖୁତବାତେ ମସରୁର, ଭାଗ ୨, ପୃ ୯୫୧)*

ହଜୁର ଅନଓ୍ୱର[ଅବ] ପରାମର୍ଶଦାତା ମହାସଭା (ମଜଲିସ୍ ଶୁରା)ର ପ୍ରତିନିଧି ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନଙ୍କୁ ଆଜ୍ଞାପାଳନ କରିବା ପ୍ରତି ଧ୍ୟାନ ଆକର୍ଷଣ କରି କହିଛନ୍ତି:

'....ଶୁରାର ନିଷ୍ପତ୍ତି ଅନୁଯାୟୀ କର୍ତ୍ତବ୍ୟ ପାଳନ କରାଇବା ମଜଲିସ୍ ଶୁରାର ପ୍ରତିନିଧି ଓ କର୍ମକର୍ତ୍ତାମାନଙ୍କ କାର୍ଯ୍ୟ । କାରଣ ଏହାର ଅନୁମତି

ଖଲିଫାଙ୍କ ଠାରୁ ପ୍ରାପ୍ତ ହୋଇଥାଏ । ତେଣୁ ଯଦି ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ପ୍ରତି ସଂପୂର୍ଣ୍ଣ ଧ୍ୟାନ ଦିଆଯାଉ ନାହିଁ, ତେବେ ସେ ଖଲିଫାଙ୍କ ନିଷ୍ପତ୍ତିକୁ ହେୟ ଜ୍ଞାନ କରୁଛି । ଏହାର ଅର୍ଥ ହେଉଛି ସେ ଆଜ୍ଞାବହ ହେବା ପରିସୀମାରୁ ବାହାରି ଯାଇଛି । ଯେତେବେଳେ ଯାହାକୁ କୌଣସି କାର୍ଯ୍ୟଭାର ନ୍ୟସ୍ତ କରାଯିବ, ସେତେବେଳେ ସେମାନେ ଆଜ୍ଞାପାଳନ କରିବାର ଉଚ୍ଚ ଆଦର୍ଶ ଦେଖାଇବା ଉଚିତ । ଏହା ଅନ୍ୟମାନଙ୍କ ପାଇଁ ଅନୁକରଣ ଯୋଗ୍ୟ ସାବ୍ୟସ୍ତ ହେବ । ତେଣୁ ସେବା କରିବାର ଯେଉଁ ଅବସର ମିଳିଛି, ତାହାକୁ କେବଳ ସମ୍ମାନ ଦେବା ଓ ଆନନ୍ଦ ଉଲ୍ଲାସର ଅବସର ମଣିବା ନାହିଁ ଯେ ଏହାକୁ ଖୁସିରେ ଉପଭୋଗ କରିବାର ସମୟ ମିଳିଗଲା ଯେ ଆମେ ସେବା କରିବାର ସୁଯୋଗ ପାଇଛୁ । ତତ୍‌ସହିତ ଯେତେବେଳେ ତୁମେ ଧର୍ମନିଷ୍ଠ ହେବାର ଉଚ୍ଚ ସ୍ତର ହାସଲ କରିବ, ତେବେ ଯାଇ ତାହା ଏକ ମର୍ଯ୍ୟାଦାଜନକ ଓ ଆନନ୍ଦ ଉଲ୍ଲାସର ବିଷୟ ହେବ... । ଅଲ୍ଲାଃତାଲା ସମସ୍ତଙ୍କୁ ଧର୍ମନିଷ୍ଠତାର ମାର୍ଗରେ ପରିଚାଳିତ ହୋଇ ନିଜ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ଦିଅନ୍ତୁ । ସେହି ସମସ୍ତ ଲୋକ ଯାହାଙ୍କୁ କୌଣସି ପ୍ରକାରର ସେବା କରିବାର ସୁଯୋଗ ପ୍ରାପ୍ତ ହେଉଛି, ସେମାନେ ଖଲିଫାଙ୍କ ସାହାଯ୍ୟକାରୀ ହେବାପାଇଁ ପ୍ରୟାସ କରନ୍ତୁ ।' *(ଖୁତବାତେ ମସରୁର, ଭାଗ ୪, ପୃ ୧୬୫, ୧୬୬)*

ଖିଲାଫତ୍ ବ୍ୟବସ୍ଥାର ସଂପୂର୍ଣ୍ଣ ଆଜ୍ଞାବହ ହେବା ପାଇଁ ଏହା ଆବଶ୍ୟକ ଯେ ଜମାଅତର ଲୋକମାନେ 'ଶୁରା' ବ୍ୟବସ୍ଥାର ଉପକାରୀତାକୁ ବୁଝିବାକୁ ଚେଷ୍ଟା କରନ୍ତୁ । ଯଦ୍ୱାରା ଏହି ପରାମର୍ଶଦାତା ମହାସଭାରେ ଜମାଅତର ବିକାଶ ପାଇଁ ଯେଉଁ ଯୋଜନା ଓ ଖସଡ଼ା ପ୍ରସ୍ତୁତ କରି ନିଜ ପ୍ରତିନିଧିଙ୍କ ମାଧ୍ୟମରେ ଖଲିଫାଙ୍କ ନିକଟକୁ ସେହି ପ୍ରସ୍ତାବ ପଠାଯିବ, ତାହା ସମ୍ପୂର୍ଣ୍ଣ ରୂପେ ଜମାଅତ ପାଇଁ ଉପଯୋଗୀ ଓ ଲାଭଦାୟକ ସିଦ୍ଧ ହେବ । ଏହାଦ୍ୱାରା ବ୍ୟାବହାରିକ ରୂପେ ସେହି ଯୋଜନାକୁ ରୂପାୟନ କରିବାର ଫଳ ସ୍ୱରୂପ ତାହା ଖଲିଫାଙ୍କର ଆଜ୍ଞାବହ ହେବାର ପ୍ରମାଣିତ ହେବ । ଏଥି ସମ୍ବନ୍ଧରେ ହଜୁର ଅନଓ୍ୱର[ଅବ] ଶୁରାର ସଦସ୍ୟମାନଙ୍କୁ ନିଜର ସ୍ଥାନ ଓ ପଦବୀକୁ ଭଲ ରୂପେ ବୁଝି ଖଲିଫାଙ୍କ ଆଜ୍ଞାପାଳନ କରିବାର ଆଦେଶ ଦେଇ କହିଛନ୍ତି:

'ଯେତେବେଳେ ଜମାଅତର କୌଣସି ପ୍ରସଙ୍ଗ ଉପରେ ଖଲିଫାଙ୍କ ନିକଟରୁ ସାଂଗଠନିକ ବ୍ୟବସ୍ଥା ତରଫରୁ ପରାମର୍ଶ ଦେବା ପାଇଁ ଡ଼ାକରା ଦିଆଯାଏ, ତେବେ ଏହା ଦେଖିବାକୁ ହେବ ଯେ ଏଥିରେ କିଭଳି ସତର୍କତା ଅବଲମ୍ବନ

କରିବା ଉଚିତ । ମଜଲିସ୍ ଶୁରାରେ ଯେତେବେଳେ କୌଣସି ପରାମର୍ଶ ଦେବାପାଇଁ ଆହ୍ୱାନ କରାଯାଏ, ସେତେବେଳେ ମହାସଭାର ସଦସ୍ୟ ଓ ସାଂଗଠନିକ ବ୍ୟବସ୍ଥା ଉପରେ ବହୁତ ବଡ଼ ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ସେମାନଙ୍କୁ ଏକ ପବିତ୍ର ବିଭାଗର ସଦସ୍ୟ ରୂପେ ନିଯୁକ୍ତ କରାଯାଇଥାଏ । କାରଣ ଖିଲାଫତ୍‌ର ବ୍ୟବସ୍ଥା ପରେ ଦ୍ୱିତୀୟ ପବିତ୍ର ଓ ମହତ୍ୱପୂର୍ଣ୍ଣ ବିଭାଗ ହେଉଛି ମହାସଭା । ଯେତେବେଳେ ଖଲିଫା ଏଥିପାଇଁ ଡ଼ାକରା ଦିଅନ୍ତି ଏବଂ ଜମାଅତର ଲୋକମାନେ ମଧ୍ୟ ଉପଯୁକ୍ତ ପ୍ରାର୍ଥୀଙ୍କୁ ନିର୍ବାଚିତ କରି କାଦିୟାନ୍ ପଠାନ୍ତି ଯେ ତୁମେମାନେ ଯାଅ, ଅଲ୍ଲାଃତାଲାଙ୍କ ଶିକ୍ଷାକୁ ସଂସାରରେ ପରିବ୍ୟାପ୍ତ କର । ଲୋକମାନଙ୍କର ଶିକ୍ଷାଦୀକ୍ଷା, ନୈତିକ ଓ ଚାରିତ୍ରିକ ସଂସ୍କାର ତଥା ଅନ୍ୟାନ୍ୟ ସମସ୍ୟାର ସମାଧାନ ଏବଂ ମାନବଜାତିର ସେବାମୂଳକ କାର୍ଯ୍ୟ କରିବା ସମ୍ବନ୍ଧରେ ସମୟର ଖଲିଫାଙ୍କୁ ନିଜର ମୂଲ୍ୟବାନ ପରାମର୍ଶ ଦିଅ । ସେଥିରୁ ଏହା ଆପଣମାନଙ୍କ ପାଇଁ କେତେ ବଡ଼ ଗୁରୁଦାୟିତ୍ୱ, ତାହା ଜଣା ପଡ଼ିଯାଉଛି । ଯଦି ଏହି ଚିନ୍ତାଧାରା ନେଇ ମଜଲିସ୍ ଶୁରାରେ ସେମାନେ ବସନ୍ତି ଏବଂ ମଜଲିସ୍‌ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଶୁଣିବା ସହିତ କ୍ଷମାପ୍ରାର୍ଥନା କରନ୍ତି, ତେବେ ହଜରତ ମୁହମ୍ମଦ[ସଅ]ଙ୍କ ଉପରେ ଦରୁଦ ପ୍ରେରଣ କରିବା ବ୍ୟତୀତ ଅନ୍ୟ କୌଣସି ଭାବନା ସେମାନଙ୍କ ମନରେ ଆସିବ ନାହିଁ । ସୁତରାଂ ସେହି ମହାସଭାରେ ଯେକୌଣସି ପ୍ରସ୍ତାବ ଦେବା ପାଇଁ ଛିଡ଼ା କରାଗଲେ ଆପଣ ସଠିକ୍ ଓ ସଂପୂର୍ଣ୍ଣ ଦାୟିତ୍ୱ ସହକାରେ ନିଜର ମତାମତ ରଖନ୍ତୁ । କାରଣ ସେହି ପ୍ରସ୍ତାବମାନ ଖଲିଫାଙ୍କ ନିକଟକୁ ପଠାଯାଇଥାଏ ଓ ଆମ ପ୍ରିୟ ଖଲିଫା ଏହି ଧାରଣା ରଖିଥାନ୍ତି ଯେ ସଦସ୍ୟମାନେ ଗଭୀର ଚିନ୍ତା ଓ ଅନୁଧ୍ୟାନ କରି କୌଣସି ପ୍ରସଙ୍ଗରେ ନିଜର ଏହି ମତ ପ୍ରଦାନ କରିଛନ୍ତି । ଫଳତଃ ମଜଲିସ୍ ଶୁରାର ସାମୁହିକ ମତ ପ୍ରସ୍ତାବକୁ ସେହିପରି ଗ୍ରହଣ କରି ନିଆଯାଇଥାଏ । କେବଳ କେତେକ ମାମଲାକୁ ଛାଡ଼ିଦେଲେ ଯାହା ଖଲିଫାଙ୍କ ଜ୍ଞାତସାରରେ ରହିଥିବ ଯେ ମହାସଭା ଏହି ପରାମର୍ଶକୁ ଅନୁମତି ପ୍ରଦାନ କଲେ ଜମାଅତର କ୍ଷତି ହେବାର ଆଶଙ୍କା ରହିଛି । ଏହି ବିଷୟ ଏପରି ନୁହେଁ ଯାହା କୁରଆନ କରିମ୍‌ର ବିରୋଧି କିମ୍ବା ତା'ଠାରୁ ଭିନ୍ନ ମତ । କାରଣ ଅଲ୍ଲାଃତାଲା ଏହାର ଅନୁମତି ପ୍ରଦାନ କରିଛନ୍ତି ।

ଅନ୍ୟ ଏକ ସ୍ଥାନରେ ଅଲ୍ଲାଃତାଲା କହିଛନ୍ତି:

وَشَاوِرْهُمْ فِي الْأَمْرِ فَإِذَا عَزَمْتَ فَتَوَكَّلْ عَلَى اللَّهِ

**ୱଶାୱିର୍‌ହୁମ୍ ଫିଲ୍‌ଅମ୍‌ରେ ଫଇଜାଅଜ୍‌ମତା ଫତୱକ୍‌କଲ୍ ଅଲଲ୍ଲାହ୍** *(ଆଲେ ଇମ୍ରାନ, 3:160)*

ଅର୍ଥାତ 'ପ୍ରତ୍ୟେକ ଜରୁରୀ ପ୍ରସଙ୍ଗରେ ସେମାନଙ୍କ ସହି ପରାମର୍ଶ କର' (ନବୀଙ୍କୁ ଏହି ଆଦେଶ ଦିଆଯାଇଛି) । ତେଣୁ ଯେତେବେଳେ ତୁମେ କୌଣସି ନୀତି ନିର୍ଦ୍ଧାରଣ କରିଦେଇଛ, ତେବେ ଅଲ୍ଲାଃତାଲାଙ୍କ ଉପରେ ଭରସା ରଖ । ଅର୍ଥାତ ମହତ୍ୱପୂର୍ଣ୍ଣ ମାମଲାରେ ପରାମର୍ଶ ନେବା ଜରୁରୀ, ଯାହା ନ୍ୟାୟପୂର୍ଣ୍ଣ ଓ ଯୁକ୍ତିସଙ୍ଗତ । ଏହି ଆଦେଶ ଅନୁଯାୟୀ ହଜରତ ମୁହମ୍ମଦ[ସଅ] ମଧ୍ୟ ପରାମର୍ଶ କରୁଥିଲେ । ଏହାର ଏପରି ପାଳନ କରୁଥିଲେ ଯେ ହଜରତ ଅବୁହୁରେରାଃ[ରଅ] ଏହିପରି ବର୍ଣ୍ଣନା କରିଛନ୍ତି: 'ମୁଁ ହଜରତ ମୁହମ୍ମଦ[ସଅ]ଙ୍କ ଠାରୁ ଅଧିକ କାହାରିକୁ ନିଜ ଅନୁଚରଗଣଙ୍କ ସହିତ ବିହିତ ପରାମର୍ଶ କରୁଥିବାର ଦେଖି ନାହିଁ ।' *(ଖୁତବାତେ ମସରୁର, ଭାଗ ୨, ପୃ ୧୯୫,୧୯୬)*

ଏପରି ସ୍ଥଳେ ମୁଁ ଏକଥା ସ୍ପଷ୍ଟ କରିବା ଉଚିତ ମନେ କରୁଛି ଯେ ପରାମର୍ଶଦାତା ପରିଷଦ ବ୍ୟବସ୍ଥା ହଜରତ ମୁହମ୍ମଦ[ସଅ]ଙ୍କ ଅନୁସୃତ ପନ୍ଥା, ଯାହା ଖଲିଫାଙ୍କୁ କେବଳ କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ପରାମର୍ଶ ଦେଇପାରିବ । ଯେତେବେଳେ କି ଖଲିଫାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଓ ନିର୍ଣ୍ଣାୟକ ହୋଇଥିବ । ସୁତରାଂ ଜମାଅତ ଅହମଦିୟାର ପଞ୍ଚମ ଖଲିଫା ଏହିପରି କହିଛନ୍ତି :

ଇତିହାସ ପୃଷ୍ଠାରେ ଉଲ୍ଲେଖ ଅଛି, ବଦର ଯୁଦ୍ଧ ଅବସରରେ କଏଦିମାନଙ୍କ ସହିତ ବ୍ୟବହାର ସମ୍ବନ୍ଧରେ ଅଧିକାଂଶ ବ୍ୟକ୍ତିଙ୍କ ମତାମତକୁ ରଦ୍ଦ କରି ହଜରତ ମୁହମ୍ମଦ[ସଅ] କେବଳ ହଜରତ ଅବୁବକର[ରଅ]ଙ୍କ ପରାମର୍ଶକୁ ଗ୍ରହଣ କରିଥିଲେ । ପୁଣି ଅନ୍ୟାନ୍ୟ ପ୍ରସଙ୍ଗରେ ଅନୁଚରମାନଙ୍କ ପରାମର୍ଶକୁ ଗୁରୁତ୍ୱ ଦେଉଥିଲେ । ୱହଦ ଯୁଦ୍ଧ ସମୟରେ ଅନୁଚରବର୍ଗଙ୍କ ପରାମର୍ଶ କ୍ରମେ ମୁହମ୍ମଦ[ସଅ] ଯୁଦ୍ଧକ୍ଷେତ୍ରକୁ ଯାଇଥିଲେ । ନଚେତ୍ ମହାଭାଗ ସେହି ପରାମର୍ଶକୁ ବ୍ୟକ୍ତିଗତ ଭାବେ ପସନ୍ଦ କରି ନଥିଲେ । ତାଙ୍କର ବିଚାର ଥିଲା ଯେ ମଦିନାରେ ହିଁ ରହି ଶତ୍ରୁର ମୁକାବିଲା କରିବା । କିନ୍ତୁ ଅନୁଚରଙ୍କ ମତ ପ୍ରକାଶ ପାଇବା ପରେ ଯେତେବେଳେ ମହାଭାଗ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ ଯୁଦ୍ଧକ୍ଷେତ୍ରକୁ ବାହାରିଲେ, ସେତେବେଳେ ଅନୁଚରଗଣଙ୍କୁ ଏହା ବୁଝିପାରିଲେ ଯେ ମହାଭାଗଙ୍କ ଇଚ୍ଛା ଆମମାନଙ୍କ ମତର ବିପରୀତ ଥିଲା । ତେଣୁ ସେମାନେ ମହାଭାଗଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ 'ହଜୁର ! ମଦିନାରେ ରହି ଶତ୍ରୁର ସମ୍ମୁଖୀନ ହେବା ଉଚିତ ହୁଅନ୍ତା ।' ସେତେବେଳେ ମହାଭାଗ କହିଲେ

'ନା ନା, ନବୀ ଯେତେବେଳେ କୌଣସି ନିଷ୍ପତ୍ତି କରିନିଅନ୍ତି, ସେତେବେଳେ ସେ କେବେ ପଛଘୁଞ୍ଚା ଦେଇ ନଥାନ୍ତି । ବର୍ତ୍ତମାନ ଅଲ୍ଲାଃଙ୍କ ଉପରେ ଭରସା ରଖ ଓ ଆଗକୁ ଅଗ୍ରସର ହୁଅ ।' ପୁଣି 'ସୁଲହା ହୁଦେବିୟା' ଅବସରରେ ଏପରି ପରିସ୍ଥିତି ଉପୁଜିଲା ଯେ ସମସ୍ତ ଅନୁଚରଗଣ ଏ କଥାରେ ଏକମତ ଥିଲେ ଯେ ହଜୁର[ସଅ] ଚୁକ୍ତିପତ୍ର ଉପରେ ଦସ୍ତଖତ କରନ୍ତୁ ନାହିଁ । କିନ୍ତୁ ମହାଭାଗ ସମସ୍ତ ଅନୁଚରଙ୍କ ମତାମତ ବିପକ୍ଷରେ ଯାଇ ସେହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ । ପରବର୍ତ୍ତୀ ସମୟରେ ଦେଖ, ଅଲ୍ଲାଃତାଲା ତାହାର କିପରି ସୁନ୍ଦର ପରିଣାମ ଦେଖାଇଲେ । ସୁତରାଂ ପରାମର୍ଶ ଗ୍ରହଣ କରିବାର ଆଦେଶ ତ ଅଛି, ଯଦ୍ୱାରା ମାମଲା ଟିକିନିଖି ରୂପେ ବିଶ୍ଳେଷଣ କରାଯାଇ ପାରିବ । କିନ୍ତୁ ସେହି ପରାମର୍ଶକୁ ଗ୍ରହଣ କରିବା ନିହାତି ଜରୁରୀ ନୁହେଁ । ହଜରତ ମୁହମ୍ମଦ[ସଅ]ଙ୍କ ସୁନ୍ନତର ଅନୁକରଣରେ ହିଁ ଆମର ଶୁରା ବ୍ୟବସ୍ଥା ପରିଚାଳିତ । ଖଲିଫାଗଣ ଜମାଅତର ସଦସ୍ୟମାନଙ୍କ ଠାରୁ ମତ ଓ ପ୍ରସ୍ତାବ ଗ୍ରହଣ କରିଥାନ୍ତି, ଯଦ୍ୱାରା ମାମଲାକୁ ଗଭୀରତାର ସହ ଅନୁଧ୍ୟାନ କରାଯାଇ ପାରିବ । କିନ୍ତୁ ଏହା ଜରୁରୀ ନୁହେଁ ଯେ ଶୁରାର ସମସ୍ତ ନିଷ୍ପତ୍ତିକୁ ଗ୍ରହଣ କରି ନିଆଯିବ । ତେଣୁ ସର୍ବଦା ମଜଲିସ୍ ଶୁରାର କାର୍ଯ୍ୟକ୍ରମରେ ଆଲୋଚିତ ସବିଶେଷ ବିଚାରାଧିନ ତଥ୍ୟ ଅନୁଧ୍ୟାନ କରିବା ପରେ ଯେତେବେଳେ ରିପୋର୍ଟ ଉପସ୍ଥାପନ କରାଯାଇଥାଏ, ସେତେବେଳେ ସେଥିରେ ଏହା ଲେଖା ଯାଇଥାଏ ଯେ ମଜଲିସ୍ ଶୁରା ଏହାର ଅନୁମତି ସକାଶେ ନିବେଦନ କରୁଛି । କିନ୍ତୁ ଏହା ଲେଖିବାର ଅଧିକାର ଆଦୌ ନାହିଁ ଯେ ଶୁରା ଏହି ନିଷ୍ପତ୍ତି ଦେଲା । ପରାମର୍ଶଦାତା ମହାସଭାର ବିଭାଗ କେବଳ ନିବେଦନ କରିବାର ଅଧିକାର ରଖିଥାଏ, ନିଷ୍ପତ୍ତି ଗ୍ରହଣ କରିବା କେବଳ ଖଲିଫାଙ୍କର ଅଧିକାର । ଏଥିରେ କାହାରି ମନରେ ଏହି ପ୍ରଶ୍ନ ଉଠିପାରେ ଯେ ଶୁରା ଡ଼ାକିବା ଓ ପରାମର୍ଶ ନେବାର ଲାଭ କ'ଣ । ଆଜିକାଲିର ପାଠୁଆଙ୍କ ମନରେ ମଧ୍ୟ ଏହି ପ୍ରଶ୍ନ ଉଙ୍କି ମାରିଥାଏ । ଯେପରିକି ମୁଁ ପୂର୍ବରୁ ଆଲୋଚନା କରିଛି ଯେ ମଜଲିସ୍ ଶୁରା ଏକ ପରାମର୍ଶ ଦେବା ବିଭାଗ । ଏହାର ସ୍ତର ସାଂସଦ ପରି ନୁହେଁ, ଯେଉଁଠାରେ ନିଷ୍ପତ୍ତି ନିଆଯାଇ ପାରିବ । ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଖଲିଫାଙ୍କ ନିକଟକୁ ମାମଲା ପଠାଯାଇଥାଏ । ଏହା ଖଲିଫାଙ୍କର ଅଧିନରେ ରହିଛି ଯେ ସେ ନିଷ୍ପତ୍ତି ଦେବେ । ଏହି ଅଧିକାର ତାଙ୍କୁ ଅଲ୍ଲାଃତାଲା ଦେଇଛନ୍ତି । କିନ୍ତୁ ଅଧିକାଂଶ ଶୁରାର ପରାମର୍ଶଭିତ୍ତିକ ମତାମତ ଖଲିଫାଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିଥାଏ । ଯେପରିକି ମୁଁ ପୂର୍ବରୁ

କହିଛି, କେତେକ ବିଶେଷ ମାମଲା କେବଳ ଖଲିଫାଙ୍କୁ ଜଣାଥାଏ । ଅନେକ ପରିସ୍ଥିତିରେ କେତେକ ଅନିବାର୍ଯ୍ୟ କାରଣ ବଶତଃ ପଠାଯାଇଥିବା ପ୍ରସ୍ତାବିତ ମତକୁ ସେ ଖାରଜ କରି ଦେଇଥାନ୍ତି । ଏହାର କାରଣ କଣ, ସେ ବିଷୟରେ କେତେକ ବାଧ୍ୟବାଧକତା ଯୋଗୁଁ ଖଲିଫା ଲୋକଲୋଚନକୁ ଆଣି ନଥାନ୍ତି । ତେବେ କହିବାର ତାତ୍ପର୍ଯ୍ୟ ହେଉଛି ପରାମର୍ଶ ଓ ମତ ପ୍ରସ୍ତାବ ନେବାରେ ବହୁତ ଉପକାର ରହିଛି । କାରଣ ଭିନ୍ନ ଭିନ୍ନ ପରିବେଶ, ଭିନ୍ନ ଅବସ୍ଥା, ଭିନ୍ନ ଜାତି ଓ ଗୋଷ୍ଠୀର ଲୋକ, ଅଧିକ ଉଚ୍ଚ ଶିକ୍ଷିତ ତଥା ସ୍ୱଳ୍ପ ପାଠ ପଢିଥିବା ଲୋକ ମଧ୍ୟ ଏଥିରେ ମତ ଦେଇଥାନ୍ତି । ପୁଣି ଆଜିକାଲି ଜମାଅତ ଯେଭଳି ପ୍ରଗତି କରି ଚାଲିଛି, ସେମାନଙ୍କ ଅବସ୍ଥା ଅନୁଯାୟୀ ମତାମତ ଖଲିଫାଙ୍କ ନିକଟରେ ପହଞ୍ଚିଥାଏ । ଏହା ଦ୍ୱାରା ଖଲିଫାଙ୍କୁ ସେମାନଙ୍କ ସାଧାରଣ ଅବସ୍ଥା ଓ ସେଠାକାର ସ୍ଥାନୀୟ ଜମାଅତର ଧାର୍ମିକ ଓ ଆଧ୍ୟାତ୍ମିକ ସ୍ତର, ସର୍ବୋପରି ସ୍ଥାନୀୟ ବାସିନ୍ଦାଙ୍କ ଚିନ୍ତାଧାରା ସମ୍ବନ୍ଧରେ ଜ୍ଞାନ ହାସଲ ହୋଇଥାଏ । ତା'ପରେ ଯେଉଁ ପ୍ରସ୍ତାବ ଓ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଏ, ତାହା ସହଜସାଧ୍ୟ ହୋଇଥାଏ । ତେବେ କହିବାକୁ ଗଲେ ରାଷ୍ଟ୍ରୀୟ ପରାମର୍ଶଦାତା ମହାସଭାର କେତେକ ମତକୁ ଗ୍ରହଣ କରା ନଗଲେ ସୁଦ୍ଧା ଖଲିଫା ସେହି ପରାମର୍ଶଗୁଡ଼ିକୁ ଦେଖିବା ଓ ଶୁଣିବା ଦ୍ୱାରା ଲାଭବାନ ହିଁ ହୋଇଥାନ୍ତି । ମତାମତ ପ୍ରଦାନକାରୀର କର୍ତ୍ତବ୍ୟ ହେଉଛି ସେ ପବିତ୍ର ମନ ଓ ସ୍ୱଚ୍ଛ ହୃଦୟରେ ନିଜ ମତ ଉପସ୍ଥାପନ କରନ୍ତୁ । ଖଲିଫାଙ୍କର ଏହା ଅଧିକାର ଓ କର୍ତ୍ତବ୍ୟ ରହିଛି ଯେ ସେ ଜମାଅତ ଠାରୁ ମତାମତ ଗ୍ରହଣ କରିବେ ।

*(ଖୁତବାତେ ମସରୁର, ଭାଗ ୨, ପୃ ୧୯୭,୧୯୯)*

ଖଲିଫାଙ୍କ ଆଦେଶ ଅମାନ୍ୟ କରିବାର ପରିଣାମ ସେହି ବ୍ୟକ୍ତି ଓ ତାର ନିଜ ପରିବାରବର୍ଗଙ୍କୁ ଅଲ୍ଲାଃତାଲାଙ୍କ କୃପା ଓ ଧର୍ମଠାରୁ ଦୂରେଇ ଦେଇଥାଏ । ଏଥିସମ୍ବନ୍ଧରେ ଜମାଅତ ଅହମଦିୟାର ପଞ୍ଚମ ଖଲିଫା କହିଛନ୍ତି:

'ଯଦି ଜମାଅତକୁ ଖାତିର କରିବ ନାହିଁ ଓ ଖଲିଫା ବହୁମୂଲ୍ୟ କଥନ ପ୍ରତି କର୍ଣ୍ଣପାତ କରିବ ନାହିଁ, ତେବେ ଧିରେ ଧିରେ ନା କେବଳ ଅଲ୍ଲାଃତାଲାଙ୍କ କୃପାରୁ ନିଜକୁ ଦୂରେଇ ଦେବ, ବରଂ ନିଜର ଆଗାମୀ ପିଢୀକୁ ମଧ୍ୟ ଧର୍ମ ଠାରୁ ଦୂରେଇ ଦେବେ । ସୁତରାଂ ଆତ୍ମ ନିରୀକ୍ଷଣ କରନ୍ତୁ ଓ ଚିନ୍ତା କରନ୍ତୁ ଯେ ଯଦି ଏହି ସାଂସାରିକ ମୋହ ଓ ହିତ ଆପଣଙ୍କୁ ଧର୍ମଠାରୁ ଦୂରେଇ ନେଉଛି, ତେବେ ତାହା ତୁମ ପାଇଁ ପୁରସ୍କାର ନୁହେଁ ବରଂ ଅଭିଶାପ ।

ତାହା ଅଲ୍ଲାଃତାଲାଙ୍କ ପୁରସ୍କାରକୁ ଅମାନ୍ୟ ଓ ଅସମ୍ମାନ କରିବା । ଆମକୁ ସର୍ବଦା ମନେ ରଖିବାକୁ ହେବ ଯେ ଆମେ ଯୁଗାବତାରଙ୍କ ଠାରେ ବୈଅତ କରିଛୁ, ଯାହାଙ୍କ ଆଗମନର ପ୍ରତୀକ୍ଷାରେ ପ୍ରତ୍ୟେକ ଗୋଷ୍ଠୀ ବସିଛନ୍ତି । ତାଙ୍କ ସମ୍ବନ୍ଧରେ ହଜରତ ମୁହମ୍ମଦ[ସଅ] ଅତ୍ୟନ୍ତ ସୁନ୍ଦର ଭାବାତ୍ମକ ବାଣୀ ପ୍ରୟୋଗ କରି ତାଙ୍କୁ ନିଜର ସଲାମ ଜଣାଇ ଦେବା ପାଇଁ ସନ୍ଦେଶ ଦେଇଛନ୍ତି ।

*(ଅଲ ମୌଜିମ୍ ଅଓ୍ୱସତ୍, ଭାଗ ୩)*

ତେବେ କ'ଣ ଏପରି ବ୍ୟକ୍ତି ସହ ସମ୍ପର୍କ ରଖିବା କୌଣସି ସାଧାରଣ କଥା ? ନିଶ୍ଚିତ ରୂପେ ଏହା ଅତ୍ୟନ୍ତ ଗୌରବର କଥା, ଯାହାକି ଜଣେ ଅହମଦିକୁ ପ୍ରାପ୍ତ ହୋଇଥାଏ । ତେଣୁ ଏହାର ମର୍ଯ୍ୟାଦା ରକ୍ଷା କରିବା ପ୍ରତ୍ୟେକ ଅହମଦିଙ୍କର କର୍ତ୍ତବ୍ୟ । ଏହା ଜଣେ ନିଷ୍ଠାପର ଅହମଦିକୁ ପ୍ରକୃତ ଅର୍ଥରେ କୃତଜ୍ଞତା ପ୍ରକଟକାରୀ ଭକ୍ତ ରୂପେ ବିବେଚନା କରାଇଥାଏ । ଏତଦ୍ୱାରା ସେ ନିଜ ଉପରେ ଅବତୀର୍ଣ୍ଣ ହେଉଥିବା ଅଲ୍ଲାଃତାଲାଙ୍କ କୃପାକୁ ପୂର୍ବାପେକ୍ଷା ଅଧିକ ତୀକ୍ଷ୍ଣ ଦୃଷ୍ଟିରେ ଦେଖିଥାଏ । ଜଣେ ନିଜକୁ କେବଳ ହଜରତ ମସିହ ମଉଦ[ଅସ]ଙ୍କ ଜମାଅତର ଅନ୍ତର୍ଭୁକ୍ତ ହେବାର ଘୋଷଣା କରି ନଥାଏ, ବରଂ ଏକ ନିର୍ଦ୍ଧାରିତ ସର୍ତ୍ତାବଳୀର ସଂକଳ୍ପ ଗ୍ରହଣ କରିଥାଏ । ହଜରତ ମସିହ ମଉଦ[ଅସ]ଙ୍କ ଉତ୍ତାରେ ତାଙ୍କ ନାମରେ ପ୍ରଚଳିତ ଖିଲାଫତ୍‌ର ମଧ୍ୟ ମାନ୍ୟତା ସ୍ୱୀକାର ପୂର୍ବକ ବୈଅତ କରିଥାଏ । ସେହି ବୈଅତ ସମ୍ବନ୍ଧରେ ମଧ୍ୟ ପ୍ରତ୍ୟେକ ଅହମଦିଙ୍କୁ ଭଲ ଭାବରେ ବୁଝିବା ଜରୁରୀ । ବୈଅତର ଅର୍ଥ ନିଜକୁ ବିକ୍ରି କରିଦେବା ଅର୍ଥାତ ନିଜ ସକଳ କାମନା, ଇଚ୍ଛା ଅଭିଳାଷ ଓ ଭାବନାକୁ ଅଲ୍ଲାଃଙ୍କ ସମ୍ମାନାର୍ଥେ ତ୍ୟାଗ କରିବା । ତଦନୁଯାୟୀ ନିଜ ଜୀବନ ଅତିବାହିତ କରିବାର ଏହା ଏକ ପ୍ରତିଜ୍ଞା ଓ ନିଜ ଇପସିତ୍ ଇଚ୍ଛାକୁ ସମ୍ପୂର୍ଣ୍ଣ ରୂପେ ଭୁଲିଯିବାର ନାମ । ଅଲ୍ଲାଃତାଲାଙ୍କୁ ଚିର ବିଦ୍ୟମାନ ମନେ କରି ଏହି ପଣ କରାଯାଇଥାଏ । ଯଦି ଅନ୍ତିମ ଦିବସ ଉପରେ ବିଶ୍ୱାସ ରହିଛି, ଯାହାକି ଅଲ୍ଲାଃଙ୍କ ସହିତ ସାକ୍ଷାତ କରିବାର ଦିବସ ଓ ଯେଉଁଦିନ ପ୍ରତ୍ୟେକ ପ୍ରତିଶ୍ରୁତି ସମ୍ବନ୍ଧରେ ପ୍ରଶ୍ନ କରାଯିବ, ସେହି କଥା ଭାବି ମଣିଷର ଲୋମ ଟାଙ୍କୁରି ଉଠିଥାଏ ।

*(ଖୁତବାତେ ମସରୁର, ଭାଗ ୮, ପୃ ୧୯୧, ୧୯୨)*

ଖିଲାଫତ୍ ସହିତ ସମ୍ପର୍କ ସ୍ଥାପନ କରିବା ସମ୍ବନ୍ଧରେ ସେ କହିଛନ୍ତି: 'ଯଦି ଆପଣମାନଙ୍କୁ ଉନ୍ନତି କରିବାର ଅଛି ଓ ବିଶ୍ୱ ବିଜୟୀ ହେବାର ଆପଣ ସ୍ୱପ୍ନ ଦେଖୁଛନ୍ତି, ତେବେ ମୋର ଆପଣମାନଙ୍କୁ ଏହି ଉପଦେଶ ଓ ବାର୍ତ୍ତା

ଯେ ଆପଣମାନେ ଖିଲାଫତ୍ ସହିତ ନିଜକୁ ସଂଶ୍ଲିଷ୍ଟ କରି ଦିଅନ୍ତୁ । ଏହି ଅଲ୍ଲାଃଙ୍କ ରଜ୍ଜୁକୁ ଦୃଢତାର ସହ ଜାବୁଡ଼ି ଧରନ୍ତୁ । କାରଣ ଆମର ସମସ୍ତ ପ୍ରକାର ଉନ୍ନତିର ଭିତ୍ତିଭୂମି ଖିଲାଫତ୍ ସହିତ ସମ୍ପର୍କ ସ୍ଥାପନ କରିବାରେ ନିହିତ ।'
*(ଅଲ ଫଜଲ୍ ରବଓ୍ୱା, ୩୦ମଇ ୨୦୦୩)*

ଅଲ୍ଲାଃତାଲା ଆପଣଙ୍କୁ ଖିଲାଫତ୍‌ର ସର୍ବୋତ୍ତମ ପୁରସ୍କାର ପ୍ରଦାନ କରିଛନ୍ତି, ଯାହାକି ସକଳ ପ୍ରକାର ବିକାଶର ପବିତ୍ର ମାର୍ଗ । ଏହି ଅଲ୍ଲାଃଙ୍କ ରଜ୍ଜୁକୁ ଦୃଢତାର ସହ ଜାବୁଡ଼ି ଧରନ୍ତୁ । ଏକତା ଓ ଅଖଣ୍ଡତାର ପ୍ରତିଷ୍ଠା ତଥା ପ୍ରଗତି ଲାଭ କରିବା ପାଇଁ ଖିଲାଫତ୍ ସହିତ ସର୍ବଦା ସଂଯୁକ୍ତ ହୋଇ ରୁହନ୍ତୁ । ନିଜ ଆଗାମୀ ପିଢୀର ସନ୍ତାନସନ୍ତତିଙ୍କୁ ଏହି ଶ୍ରେଷ୍ଠ ପୁରସ୍କାର ସହିତ ଯୋଡ଼ି ରହିବା ଦିଗରେ ପ୍ରୋତ୍ସାହିତ କରନ୍ତୁ । ସର୍ବଦା ତାହାର ପତାକାକୁ ଉଚ୍ଚରେ ଟେକି ଧରନ୍ତୁ ଓ ଏହାକୁ ଦୃଢିଭୂତ କରନ୍ତୁ । ଏହି ମାର୍ଗରେ ସମସ୍ତ ପ୍ରକାର ତ୍ୟାଗ ଓ ବଳିଦାନ ପାଇଁ ସଦା ତତ୍ପର ରୁହନ୍ତୁ ।

*(ମଶଲେ ରାହ, ଭାଗ ୫, ପୃ-୩୨,୩୩)*

ମନେରଖନ୍ତୁ ! ଏହି ଯୁଗରେ ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ତଥା ହଜରତ ମସିହ ମଉଦ[ଅସ]ଙ୍କ ସ୍ପଷ୍ଟ ନିର୍ଦ୍ଦେଶ କ୍ରମେ ଖିଲାଫତ୍ ସହିତ ସମ୍ପର୍କ ସ୍ଥାପନ କରିବା ଦ୍ୱାରା ବିଶ୍ୱାସ ଓ କର୍ମରେ ଉନ୍ନତି ଘଟିବା ସମ୍ଭବପର । ଜଣେ ବ୍ୟକ୍ତି ଯେତେ ବଡ଼ ଜ୍ଞାନୀଗୁଣି, ବିଦ୍ୱାନ କିମ୍ବା ଅଧ୍ୟାତ୍ମିକତାର ଉଚ୍ଚ ସ୍ତରରେ ପ୍ରତିଷ୍ଠିତ ହେଉ ନା କାହିଁକି, ଯଦି ଖଲିଫାଙ୍କ ସହ ତାଙ୍କର ଯଥାଯଥ ସମ୍ପର୍କ ନାହିଁ, ତେବେ ଜମାଅତର ପ୍ରଗତି କିମ୍ବା କୌଣସି ବ୍ୟକ୍ତିର ଆଧ୍ୟାତ୍ମିକ ସ୍ତର ଉନ୍ନୀତ ହେବାରେ ତାହାର ଏପରି ଉଚ୍ଚସ୍ତର ଲାଭ କରିବାର ତିଳେ ମାତ୍ର ପ୍ରଭାବ ପଡ଼ି ନଥାଏ । ଅଲ୍ଲାଃତାଲା ଆପଣମାନଙ୍କୁ ଏହି ଗୂଢତତ୍ତ୍ୱକୁ ସଂପୂର୍ଣ୍ଣ ରୂପେ ବୁଝିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । *(ଅଲ ଫଜଲ୍, ୨୩ ମଇ ୨୦୧୪, ପୃ ୧)*

ଏପରି ପ୍ରତ୍ୟେକ ଅହମଦିର କାର୍ଯ୍ୟ ହେଉ ଯେ ଯେତେବେଳେ ସେ ନିଜକୁ ଅହମଦିୟତ୍‌ରେ ଅନ୍ତର୍ଭୁକ୍ତ ହେବାର ଘୋଷଣା କରେ, ସେତେବେଳେ ସର୍ବଦା ଜମାଅତର ବ୍ୟବସ୍ଥା ସହିତ ଦୃଢ ସମ୍ପର୍କ ଯୋଡ଼ିବା ଓ ଖିଲାଫତ୍‌ର ବିଶ୍ୱସ୍ତ ଓ ଆଜ୍ଞାକାରୀ ହେବା ତାହାର ପରମ କର୍ତ୍ତବ୍ୟ ହେବ । କାରଣ ସେ ବୈଅତ କରିବା ସମୟରେ ଏହି ପ୍ରତିଜ୍ଞା କରିଥିଲା । ଅଲ୍ଲାଃତାଲାଙ୍କ କୃପାରୁ ନୂତନ ଅହମଦି, ବିଶେଷତଃ ସଂପୂର୍ଣ୍ଣ ଆସ୍ଥାର ସହିତ ହଜରତ ମସିହ ମଉଦ[ଅସ]ଙ୍କ ଘୋଷଣାକୁ ଉପଲବ୍ଧି କରି ଅହମଦିୟତ୍‌କୁ ଗ୍ରହଣ କରିଥିଲେ ।

ସେମାନେ ନିଜ ବୈଅତର ପ୍ରତିଶ୍ରୁତି ତଥା ଏହାର ସର୍ତ୍ତାବଳୀର ଅନୁଶୀଳନ କରିଥାନ୍ତି । ଅନେକ ଲୋକ ମୋତେ ପତ୍ର ମଧ୍ୟ ଲେଖିଥାନ୍ତି.... ।

*(ଅଲ ଫଜଲ୍, ୩୦ ଅକ୍ଟୋବର ୨୦୧୫, ପୃ ୬)*

ଆଜି ପ୍ରତ୍ୟେକ ଅହମଦି ଯିଏ ଏହି ଘୋଷଣା କରିଥାଏ ଯେ ମୁଁ ହଜରତ ମସିହ ମଉଦଅସଙ୍କୁ ଗ୍ରହଣ କରି ବିଶ୍ୱାସକାରୀମାନଙ୍କ ସେହି ଗୋଷ୍ଠୀରେ ସାମିଲ ହୋଇଗଲି, ଯାହା ସହିତ ଖିଲାଫତ୍‌ର ଅଙ୍ଗୀକାର ରହିଛି । ତାହାର ଏହା କର୍ତ୍ତବ୍ୟ ଯେ ଅଲ୍ଲାଃତାଲାଙ୍କ ଆଦେଶ ଅନୁଯାୟୀ ସର୍ବଦା ନିଜ ଅବସ୍ଥାରେ ପବିତ୍ର ପରିବର୍ତ୍ତନ ଆଣିବାକୁ ପ୍ରୟାସ କରୁ । ପ୍ରତ୍ୟେକ ନର ନାରୀ, ବାଳକ ବାଳିକା ଓ ଯୁବକ ଯୁବତୀ ମନରେ ଏହି ଭାବନା ସୃଷ୍ଟି କରିବା ଉଚିତ ଯେ ଅଲ୍ଲାଃତାଲା ଆମମାନଙ୍କୁ ଖିଲାଫତ୍‌ର ଅନବଦ୍ୟ ପୁରସ୍କାର ଅର୍ପଣ କରିଛନ୍ତି । ଆମେମାନେ ଏହାର ଭାଗୀଦାର ହେବା ପାଇଁ ସଂପୂର୍ଣ୍ଣ ପ୍ରୟାସ କରିବା । ଆମକୁ ସେହି ମହାନ ପୁରସ୍କାର ପ୍ରାପ୍ତ କରିବା ପାଇଁ ପ୍ରୟାସ କରିବା ଉଚିତ, ଯାହାର ପ୍ରତିଶ୍ରୁତି ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କୁ ଦେଇଛନ୍ତି ଓ ଯାହାଙ୍କୁ ଖିଲାଫତ୍‌ର ପୁରସ୍କାର ପ୍ରଦାନ କରାଯାଇଛି । ଅଲ୍ଲାଃତାଲା ଆମମାନଙ୍କୁ ସେହି ପୁଣ୍ୟ କର୍ମ ଅର୍ଜନକୁ ନିଜ ଜୀବନରେ ପ୍ରତିଫଳିତ କରିବାକୁ ଆଦେଶ ଦେଇଛନ୍ତି । ମନେ ରଖନ୍ତୁ, ଆଜି ଯଦି ଆମେ ନିଜ ଅବସ୍ଥାରେ ପରିବର୍ତ୍ତନ ନକରିବା ଓ ସେଥିରେ ସ୍ଥାୟୀ ରୂପେ ପ୍ରତିଷ୍ଠିତ ରହିବା ପ୍ରତି ଧ୍ୟାନ ନଦେବା, ତେବେ ତା'ଠାରୁ ଧିରେ ଧିରେ ଏତେ ଦୂରକୁ ଚାଲିଯିବା ଯେଉଁଠାରୁ ଫେରିବା ଆମ ପକ୍ଷେ ସମ୍ଭବ ହେବ ନାହିଁ । ତାହାର ପରିଣାମ ସ୍ୱରୂପ, ଆମେ ସେହି ପୁରସ୍କାରର ଅଧିକାରୀ ହେବାରୁ ବଞ୍ଚିତ ରହିଯିବା, ଯାହାକି ଖିଲାଫତ୍ ସହିତ ସଂଶ୍ଳିଷ୍ଟ । ଆମେ ସେଥିରୁ କେବଳ ସ୍ୱୟଂ ବଞ୍ଚିତ ରହିବା ନାହିଁ, ବରଂ ନିଜ ସନ୍ତାସନ୍ତତିମାନଙ୍କୁ ମଧ୍ୟ ବଞ୍ଚିତ କରିଦେବା...। ଆଜି ଆମର ଏହା ପରମ କର୍ତ୍ତବ୍ୟ ଓ ଆଜି ଆମେ ଏହି କର୍ତ୍ତବ୍ୟକୁ ସମ୍ପାଦନ କରିବା ସହିତ ସେହି ପୁରସ୍କାରକୁ ସୁରକ୍ଷିତ ରଖି ନିଜ ଭବିଷ୍ୟତ ପିଢୀ ମଧ୍ୟରେ ଏହାର ଗୁରୁତ୍ୱକୁ ପ୍ରତିପାଦନ କରିବାର ଅଛି । ନିଜ ସନ୍ତାନଙ୍କ ଠାରୁ ପ୍ରତିଶ୍ରୁତି ନେବାର ଅଛି ଯେ ଯେତେଦୂର ସମ୍ଭବ ଧନ ଜୀବନ, ସମୟ ଓ ନିଜ ଇଚ୍ଛା ଅଭିଳାଷର ବଳିଦାନ ଦେଇ ଖିଲାଫତ୍‌ର ସୁରକ୍ଷା କରିବାକୁ ହେବ ଓ ସର୍ବଦା ଏହା କରି ଚାଲିବାର ଅଛି । ଏବଂ ନିଜ ଆଗାମୀ ବଂଶଧର ଓ ସମ୍ପ୍ରଦାୟକୁ ତଥା ସଂସାରରେ ଇସଲାମ ଓ ଅହମଦିୟତ୍‌ର ବାର୍ତ୍ତାକୁ ପ୍ରସାରଣ କରିବା ପାଇଁ ପ୍ରୟାସ କରିଚାଲିବା....।

*(ଅଲ ଫଜଲ୍, ୨୪ ମଇ ୨୦୧୩, ପୃ ୮)*

ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଜୀବନର ଏହା ଧ୍ୟେୟ ହେଉ ଯେ ଆପଣମାନେ ଅଧିକ ମାତ୍ରାରେ ପ୍ରାର୍ଥନା କରନ୍ତୁ ଓ ନିଜକୁ ଖିଲାଫତ୍ ସହିତ ଜଡ଼ିତ ରଖନ୍ତୁ । ଏହି କଥା ମଧ୍ୟ ସର୍ବଦା ମନେରଖନ୍ତୁ ଯେ ସମସ୍ତ ପ୍ରକାର ଉନ୍ନତି ଓ ସଫଳତା ଖିଲାଫତ୍ ସହିତ ସମ୍ପୃକ୍ତ । ସେହି ବ୍ୟକ୍ତି ଜମାଅତର ଉପକାରୀ ସାବ୍ୟସ୍ତ ହେବ ଯିଏ ନିଜକୁ ଇମାମଙ୍କ ସହିତ ଅନୁବନ୍ଧିତ କରି ରଖିବ । ଯଦି କୌଣସି ବ୍ୟକ୍ତି ଇମାମଙ୍କ ସହ ନିଜକୁ ସଂଯୁକ୍ତ ନରଖେ, ତେବେ ସେ ସାଂସାରିକ ଜ୍ଞାନରେ ଯେତେବଡ଼ ଉତ୍କର୍ଷତା ଲାଭ କରୁ ପଛକେ ସେ ଜଣେ ଅଯୋଗ୍ୟ ଓ ଅଲୋଡ଼ା ବସ୍ତୁ ହୋଇ ରହିଯିବ । ଯେପର୍ଯ୍ୟନ୍ତ ଆପଣମାନଙ୍କ ବୁଝାମଣା ଓ ଯୋଜନାମାନ ଖିଲାଫତ୍ ଅଧିନରେ ରହିଥିବ ଓ ଇମାମଙ୍କ ପଛେ ପଛେ ତାଙ୍କ ଇଶାରାରେ ଚାଲିବେ, ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ଅନୁକମ୍ପା ଆପଣମାନଙ୍କୁ ପ୍ରାପ୍ତ ହୋଇ ଚାଲିଥିବ ।

*(ଅଲ ଫଜଲ୍, ୩୦ ମଇ ୨୦୦୩, ପୃ ୨)*

ଖିଲାଫତ୍ ସହିତ ସହଯୋଗର ସମ୍ପର୍କ ସ୍ଥାପନ କରିବା ଉଦ୍ଦେଶ୍ୟରେ ହଜରତ ମୁସଲେହ ମଉଦ[ରଅ]ଙ୍କ ଖୁତବାକୁ ଉଦ୍ଧାର କରି ମହାମାନ୍ୟ ପଞ୍ଚମ ଖଲିଫା ଏହିପରି କହିଛନ୍ତି:

ଏକ ଖୁତବାରେ ହଜରତ ମୁସଲେହ ମଉଦ[ରଅ] ଜମାଅତର ଧର୍ମ ପ୍ରଚାରକ ଓ ବିଦ୍ୱାନମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଉପଦେଶ ଦେଇ କହିଥିଲେ, 'ପ୍ରତ୍ୟେକ ବିଶ୍ୱାସକାରୀ ଯାହାର ଧର୍ମ ପ୍ରତି ଦରଦ ଅଛି ଓ ଜମାଅତ ସହିତ ନିଷ୍ଠାପର ସମ୍ପର୍କ ରହିଛି, ସେଥିପାଇଁ ଏହା ଆବଶ୍ୟକ କରୁଛି ଯେ ଅଲ୍ଲାଃତାଲାଙ୍କ ବ୍ୟବସ୍ଥା ସୁନାମ ଅର୍ଜନ କରିବା ସହିତ ଚିରକାଳ ପ୍ରତିଷ୍ଠିତ ହୋଇ ରହିଥାଉ ଏବଂ ଇସଲାମର ସେହି ମର୍ଯ୍ୟାଦା ଓ ହୃତ ଗୌରବ ପୁନର୍ବାର ଫେରି ଆସୁ, ଯାହାକି ହଜରତ ମୁହମ୍ମଦ[ସଅ]ଙ୍କ ସମୟରେ ହାସଲ ହୋଇଥିଲା । ହଜରତ ମସିହ ମଉଦ[ଅସ]ଙ୍କ ପ୍ରଚେଷ୍ଟା ଯେପରି ବ୍ୟର୍ଥ ଓ ବିଫଳ ନହୋଇଯାଉ । ତେବେ ସେଥିପାଇଁ ଖଲିଫାଙ୍କ ସହିତ ଦିବାରାତ୍ର ଏହି କାର୍ଯ୍ୟରେ ସହାୟତା କରିବା ଉଚିତ । ଯଦ୍ୱାରା ଜମାଅତର ମାନସିକ ସ୍ତରରେ ମଧ୍ୟ ସୁଧାର ହୋଇଯିବ । ଏପରି ଲୋକମାନଙ୍କର କର୍ତ୍ତବ୍ୟ ହେଉଛି ଯେପରି ବିବାହ ଅବସରରେ ଲୋକେ ନିଜର ଅଣ୍ଟି ପ୍ରସାରିତ କରି ଦେଇଥାନ୍ତି, (କେତେକ ସ୍ଥାନରେ ବର୍ତ୍ତମାନ ମଧ୍ୟ ଛତ୍ୱାରା ବଣ୍ଟନର ପ୍ରଥା ରହିଛି, ସେଥିପାଇଁ ଲୋକମାନେ ନିଜର ଅଣ୍ଟି ମେଲାଇ ଦେଇଥାନ୍ତି) ଯଦ୍ୱାରା ଅଣ୍ଟିରେ ଛତ୍ୱାରେ

(ଶୁଖିଲା ଖଜୁର) ପଡ଼ିବ । ସେହିପରି ଖଲିଫା ଯେତେବେଳେ ଜମାଅତର ସଂସ୍କାର ପାଇଁ କୌଣସି ନିର୍ଦ୍ଦେଶ ଦିଅନ୍ତି, ସେତେବେଳେ ତାକୁ ଆପଣମାନେ ଗ୍ରହଣ କରନ୍ତୁ ଓ ଜମାଅତର ସଦସ୍ୟମାନଙ୍କ ସମ୍ମୁଖରେ ତାହାର ପୁନରାବୃତ୍ତି କରନ୍ତୁ । ଏପରି ବାରମ୍ବାର ଆଲୋଚନା କରନ୍ତୁ ଯେପରିକି ଏକ ସ୍ଥୁଳ ବୁଦ୍ଧି ସମ୍ପନ୍ନ ବ୍ୟକ୍ତି ମଧ୍ୟ ତାହା ବୁଝିଯିବ । ଧର୍ମ ଉପରେ ସଠିକ୍ ରୂପେ ପରିଚାଳିତ ହେବା ପାଇଁ ତାକୁ ମଧ୍ୟ ସତ୍‌ପଥ ସ୍ପଷ୍ଟ ରୂପେ ଦେଖାଯିବ ।

*(ଅଲ ଫଜଲ୍, ୧୯ ଜୁନ୍ ୨୦୧୫, ପୃ ୮)*

ଖିଲାଫତ୍ ରୂପକ ପୁରସ୍କାର ହେଉଛି ଜମାଅତର ଜୀବନ ନାଡିକା । ସୁତରାଂ ଯଦି ଜୀବିତ ରହିବାକୁ ଇଚ୍ଛୁକ ତେବେ ଖିଲାଫତ୍ ଅହମଦିୟା ସହିତ ଗଭୀର ନିଷ୍ଠା ଓ ଅନୁରକ୍ତି ପୂର୍ବକ ସଂପୂର୍ଣ୍ଣ ରୂପେ ଜଡ଼ିତ ହୋଇଯାଅ, ଯେହେତୁ ତୁମର ସମସ୍ତ ଉନ୍ନତିର ଗୁଢ ଭେଦ ଏହିଥିରେ ରହିଛି । ଏପରି ନିଜକୁ ଗଢି ତୋଳ ଯେ ଖଲିଫାଙ୍କ ପ୍ରସନ୍ନତା ତୁମ ପ୍ରସନ୍ନତା ସହିତ ମିଳିତ ହୋଇଯିବ । ଖଲିଫାଙ୍କ ଶ୍ରୀଚରଣ ତଳେ ଆପଣଙ୍କ ପାଦ ଲୋଟି ପଡ଼ିବ ଓ ଖଲିଫାଙ୍କ ପ୍ରୀତିଭାଜନ ହେବା ଆପଣଙ୍କ ମୁଖ୍ୟ ଉଦ୍ଦେଶ୍ୟ ହୋଇଯିବ ।’

*(ମାହାନାମା ଖାଲିଦ ସୟଦନା ତାହିର, ମାର୍ଚ୍ଚ ଅପ୍ରେଲ ୨୦୦୪, ପୃ ୪)*

ପ୍ରତ୍ୟେକ ଅହମଦି ଏହା ପ୍ରୟାସ କରିବା ଉଚିତ ଯେ... ଖିଲାଫତ୍‌ର ଦୃଢତା ନିମନ୍ତେ ପ୍ରାର୍ଥନା କରନ୍ତୁ, ଯଦ୍ୱାରା ଖିଲାଫତ୍‌ର କଲ୍ୟାଣ ଆପଣମାନଙ୍କ ସହିତ ସର୍ବଦା ରହିଥିବ... ନିଜ ଅନ୍ତରରେ ବିଶେଷ ପରିବର୍ତ୍ତନ ସୃଷ୍ଟି କରନ୍ତୁ । ବିଶ୍ୱାସ ଓ ନିଷ୍ଠାପରତାରେ ପୂର୍ବାପେକ୍ଷା ଅଧିକ ଉନ୍ନତି କରନ୍ତୁ... ବର୍ତ୍ତମାନ ଅହମଦିୟତ୍‌ର ଧର୍ମଧ୍ୱଜା ସେହି ବ୍ୟକ୍ତି ବହନ କରିପାରିବ, ଯିଏ ସତ୍‌କର୍ମ କରିଥିବ ଓ ଖିଲାଫତ୍‌ର ଅଭିନ୍ନ ଅଂଶ ହୋଇ ରହିବ ।

*(ଖୁତବା ଜୁମା, ୨୭ ମଇ ୨୦୦୫)*

ଇସଲାମ ଓ ଅହମଦିୟତ୍‌କୁ ସୁଦୃଢ କରିବା ତଥା ପ୍ରଚାର ପ୍ରସାର ଦ୍ୱାରା ଖିଲାଫତ୍ ବ୍ୟବସ୍ଥାକୁ ବଜାୟ ରଖିବା ପାଇଁ ଅନ୍ତିମ ସମୟ ପର୍ଯ୍ୟନ୍ତ ଚେଷ୍ଟା କରିବା ଏବଂ ଏଥିପାଇଁ ବଡ଼ରୁ ବଡ଼ ତ୍ୟାଗ ସ୍ୱୀକାର କରିବା ସକାଶେ ସର୍ବଦା ପ୍ରସ୍ତୁତ ରହିବା ଉଚିତ । ପୁଣି ନିଜ ସନ୍ତାନସନ୍ତତିଙ୍କୁ ସର୍ବଦା ଖିଲାଫତ୍ ସହିତ ଜଡ଼ିତ ରହିବା ପାଇଁ ପ୍ରୋତ୍ସାହିତ କରି ଚାଲିବା ଉଚିତ । ସେମାନଙ୍କ ହୃଦୟରେ ଖଲିଫାଙ୍କ ପ୍ରତି ପ୍ରେମ ଓ ସଦଭାବ ଜାଗୃତ କରିବା । କାରଣ ଏହା

ଏପରି ମହାନ ଓ ଶ୍ରେଷ୍ଠ ଲକ୍ଷ୍ୟ ଯାହାକୁ ପୂରଣ କରିବା ଏବଂ ଏହାର ଦାୟିତ୍ୱ ତୁଲାଇବା ଏକ ଦୃଢ ସଙ୍କଳ୍ପଯୁକ୍ତ ଉତ୍ସର୍ଗୀକୃତ ଜୀବନ ଆବଶ୍ୟକ କରିଥାଏ ।

*(ମାହାନାମା ଅଲ ନାସିର ଦ ଜର୍ମାନୀ, ଜୁନ୍-ସେପ୍ଟେମ୍ବର ୨୦୦୩, ପୃ ୧)*

ମନେରଖନ୍ତୁ ! ସେହି ସତ୍ୟବାଦୀ ଈଶ୍ୱର ଆଜି ମଧ୍ୟ ନିଜ ପ୍ରିୟ ମସିହଙ୍କ ଦ୍ୱାରା ପ୍ରତିଷ୍ଠିତ ସେହି ପ୍ରିୟ ଜମାଅତ ଉପରେ ନିଜର କଲ୍ୟାଣମୟ ହାତ ରଖିଛନ୍ତି । ସେ ଆମକୁ କଦାପି ଏକାକୀ ଛାଡ଼ିବେ ନାହିଁ, କଦାପି ଏକାକୀ ଛାଡ଼ିବେ ନାହିଁ ଏବଂ କଦାପି ଏକାକୀ ଛାଡ଼ିବେ ନାହିଁ । ସେ ଆଜି ମଧ୍ୟ ନିଜ ମସିହଙ୍କ ସହିତ କରିଥିବା ଅଙ୍ଗୀକାରକୁ ସେହିପରି ପୂରଣ କରୁଛନ୍ତି, ଯେପରି ସେ ପୂର୍ବବର୍ତ୍ତୀ ଖଲିଫାଙ୍କ ସହିତ କରୁଥିଲେ । ସେ ଆଜି ମଧ୍ୟ ସେହିପରି ନିଜ ଦୟା, କରୁଣା ଓ ଅନୁଗ୍ରହ ବର୍ଷା କରି ଚାଲିଛନ୍ତି, ଯେପରି ସେ ପୂର୍ବେ କରୁଥିଲେ ଏବଂ ଇନ୍‌ଶାଅଲ୍ଲାଃ ଭବିଷ୍ୟତରେ ମଧ୍ୟ କରି ଚାଲିଥିବେ...। ତେଣୁ ସାନୁନୟ ପ୍ରାର୍ଥନାପୂର୍ବକ ତାଙ୍କ ନିକଟରେ ନତମସ୍ତକ ହୋଇ ତାଙ୍କ ଠାରୁ କରୁଣା ଭିକ୍ଷା କର ଓ ସର୍ବଦା ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ରୁହ ତଥା ସେହି ମଜବୁତ୍ ଶିକୁଳିକୁ ହାତରେ ପରିଧାନ କରି ରଖ । ତେବେ ଯାଇ କୌଣସି ବ୍ୟକ୍ତି ଆପଣମାନଙ୍କର କୌଣସି ପ୍ରକାର ଅନିଷ୍ଟ କିମ୍ବା କ୍ଷତି କରିପାରିବ ନାହିଁ । ଅଲ୍ଲାଃତାଲା ସମସ୍ତଙ୍କୁ ଏଥିପାଇଁ ଶକ୍ତି ପ୍ରଦାନ କରନ୍ତୁ ।

*(ହଜରତ ଖଲିଫତୁଲ୍ ମସିହ ପଞ୍ଚମଙ୍କର ଅଭିଭାଷଣ, ୨୧ ମଇ ୨୦୦୪ ମସିହା)*

ବସ୍ତୁତଃ ଜଣେ ନିଷ୍ପାପର ଅହମଦିର ମୌଳିକ କର୍ତ୍ତବ୍ୟ ହେଉଛି, ଖଲିଫାଙ୍କ ପ୍ରତ୍ୟେକ ମଧୁର ବଚନକୁ ଧ୍ୟାନପୂର୍ବକ ଶୁଣିବା ଉଚିତ । କାରଣ ସେହି ସ୍ୱର ଜଣେ ସତ୍ୟବାଦୀ ବିଶ୍ୱାସକାରୀଙ୍କ କାୟା ପାଲଟି ଦେଇଥାଏ । ସେଥିରେ ଅଲ୍ଲାଃତାଲାଙ୍କ ସହାୟତା ଓ ଆଶୀଷ ରହିଥାଏ । ସୁତରାଂ ଖଲିଫା ଅଲ୍ଲାଃତାଲାଙ୍କ ବିଶେଷ ଆଦେଶ ବଳରେ ସମ୍ଭାଷଣ କରିଥାନ୍ତି । ତାଙ୍କ ମୁଖରୁ ଏପରି ଦିବ୍ୟ ଓ ସୂକ୍ଷ୍ମ ଜ୍ଞାନମୂଳକ ବାଣୀ ଉଚ୍ଚାରିତ ହୋଇଥାଏ, ଯେଉଁଥିରୁ ଜଣେ ଭୌତିକବାଦୀ ବଞ୍ଚିତ ରହିଥାଏ ଓ ସେ ଏହାର ସନ୍ଧାନ କଲେ ମଧ୍ୟ କୌଣସି ସୁରାକ ପାଇ ନଥାଏ । ସେ ଆବଶ୍ୟକତା ଅନୁଯାୟୀ ଓ ଅଲ୍ଲାଃଙ୍କ ଇଚ୍ଛାରେ ବିଶ୍ୱାସକାରୀମାନଙ୍କୁ କର୍ମ କରିବାର ନିମନ୍ତ୍ରଣ ଦେଇଥାନ୍ତି । ଏପରି କର୍ମଶୈଳୀର ଢାଞ୍ଚା କେବଳ ଜଣେ ଖଲିଫା ହିଁ ପ୍ରସ୍ତୁତ କରିପାରନ୍ତି, ଯେଉଁଥିରେ ଦକ୍ଷତା ଅନୁଯାୟୀ କର୍ମକୁ ଢାଳି ଦିଆଯାଇଥାଏ । ସମସ୍ତ ପ୍ରକାର

ପ୍ରଗତିର ମାର୍ଗ ଖଲିଫାଙ୍କ ନିର୍ଦ୍ଦେଶ କ୍ରମେ ସଠିକ୍ ରୂପେ ସମ୍ପାଦିତ ହୋଇଥାଏ । ତେଣୁ ଖଲିଫାଙ୍କ ଦିବ୍ୟଜ୍ଞାନ ଭିତ୍ତିକ ଅଭିଭାଷଣ, ବକ୍ତୃତା, ପ୍ରବଚନ ତଥା ପ୍ରୀତିମୟ ମଧୁର ବାର୍ତ୍ତାକୁ ନିୟମିତ ଭାବରେ ଧ୍ୟାନପୂର୍ବକ ଶୁଣିବା, ନିଜ ପରିବାରବର୍ଗ ଓ ସନ୍ତାନ ସନ୍ତତିମାନଙ୍କୁ ଶୁଣାଇବା ଏବଂ ଅନ୍ୟାନ୍ୟ ବନ୍ଧୁବାନ୍ଧବ ତଥା ପାଖ ପଡ଼ୋଶିମାନଙ୍କର ଏଥିପ୍ରତି ଧ୍ୟାନ ଆକର୍ଷିତ କରାଇବା ପ୍ରତ୍ୟେକ ଅହମଦି ମହିଳା ଓ ପୁରୁଷଙ୍କର କର୍ତ୍ତବ୍ୟ । ସେଥିରୁ ହିଁ ଏହା ଜଣା ପଡ଼ିଯାଏ ଯେ ଖଲିଫା ଆମକୁ କ'ଣ କହିବାକୁ ଚାହୁଛନ୍ତି, ଆମଠାରୁ କ'ଣ ଆଶା ରଖିଛନ୍ତି ଇତ୍ୟାଦି । ଯେଉଁ ବ୍ୟକ୍ତି ଏହି ଆଦେଶ ଓ ନିର୍ଦ୍ଦେଶାବଳୀ ପ୍ରତି ଗୁରୁତ୍ୱ ଦେଇ ନଥାନ୍ତି କିମ୍ବା ଏହାକୁ ଧ୍ୟାନପୂର୍ବକ ଶୁଣି ନଥାନ୍ତି, ତେବେ ସେ ସଂପୂର୍ଣ୍ଣ ରୂପେ ଆଜ୍ଞାବହ ହେବାର ସୌଭାଗ୍ୟ ପ୍ରାପ୍ତ କରିବାରୁ ବଞ୍ଚିତ ହୋଇ ରହିଥାଏ । ଏହା ଫଳରେ ଇହ ଓ ପର ଉଭୟ ଲୋକରେ କୌଣସିମତେ ସେହି କ୍ଷତିକୁ ଭରଣା କରିବା ସମ୍ଭବ ହୋଇ ନଥାଏ ।

ଜଣେ ପ୍ରକୃତ ବିଶ୍ୱାସକାରୀର ବୈଶିଷ୍ଟ୍ୟ ହେଉଛି କେବଳ ଖିଲାଫତ୍‌ର ଆଜ୍ଞାପାଳନ କରିବା । ତା'ର ବସିବା ଉଠିବା ଆଦି ସମସ୍ତ ଆଚରଣ ହେଉଛି ଖିଲାଫତ୍‌ର ବିଶ୍ୱସ୍ତତା ଓ ତାଙ୍କ ସହ ଜଡ଼ିତ ରହିବା । ହଜରତ ମସିହ ମଉଦ[ଅସ] କହିଛନ୍ତି:

'ଅଲ୍ଲାଃତାଲାଙ୍କ ହସ୍ତ ଜମାଅତ ଉପରେ ରହିଥାଏ, ଏଥିରେ ଏହି ଗୂଢ଼ତତ୍ତ୍ୱ ରହିଛି ଯେ ଅଲ୍ଲାଃତାଲା ଏକତ୍ୱକୁ ପସନ୍ଦ କରିଥାନ୍ତି । ସେହି ଏକତ୍ୱ କେବେହେଲେ ପ୍ରତିଷ୍ଠା ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ତୁମେ ଆଜ୍ଞାବହ ହୋଇ ନାହଁ । ହଜରତ ମୁହମ୍ମଦ[ସଅ]ଙ୍କ ସମୟରେ ଅନୁଚରଗଣ ବେଶ ଉତ୍ତମ ପରାମର୍ଶଦାତା ଥିଲେ । ଅଲ୍ଲାଃତାଲା ସେମାନଙ୍କ ସ୍ୱଭାବରେ ଏପରି ଗୁଣ ରଖି ଦେଇଥିଲେ । ସେମାନେ ରାଜନୀତିରେ ମଧ୍ୟ ବେଶ ପାରଦର୍ଶୀତା ଅର୍ଜନ କରିଥିଲେ । କାରଣ ଯେତେବେଳେ ହଜରତ ଅବୁବକର, ଉମର ଓ ଅନ୍ୟାନ୍ୟ ବିଶିଷ୍ଟ ଅନୁଚରମାନେ ଖଲିଫା ହେଲେ ଏବଂ ସେମାନଙ୍କ ହାତକୁ ଦେଶର ଶାସନ କ୍ଷମତା ଆସିଲା, ସେତେବେଳେ ସେମାନେ ଯେପରି ଭାବରେ ସୁନ୍ଦର ଓ ଶୃଙ୍ଖଳିତ ବ୍ୟବସ୍ଥା ସହିତ ଶାସନଭାର ତୁଲାଇଲେ, ସେଥିରୁ ଏହା ସ୍ପଷ୍ଟ ହେଉଛି ଯେ ସେମାନେ କିଭଳି ଉତ୍ତମ ପରାମର୍ଶଦାତା ଓ ଶାସନ କରିବାରେ ପାରଙ୍ଗମ ଥିଲେ । ଏହା ସତ୍ତ୍ୱେ ହଜରତ ମୁହମ୍ମଦ[ସଅ]ଙ୍କ ନିକଟରେ ସେମାନଙ୍କ ଅବସ୍ଥା ଏପରି ଥିଲା ଯେ ମହାଭାଗ ଯାହା କହି

ଦେଉଥିଲେ, ତାହା ସମକ୍ଷରେ ସେମାନେ ନିଜ ବିଚାରବିମର୍ଶ ଓ ବିବେକକୁ ଅତ୍ୟନ୍ତ ତୁଚ୍ଛ ମଣୁଥିଲେ ଏବଂ ସେହି ଆଦେଶକୁ ଅତି ଆବଶ୍ୟକ ମନେକରି ପାଳନଯୋଗ୍ୟ ରୂପେ ବିବେଚନା କରୁଥିଲେ..। ଅଜ୍ଞାନୀ ବିରୋଧିମାନେ ନିଜ ଅଜ୍ଞାନତା ହେତୁ ଏହା କହି ଦିଅନ୍ତି ଯେ ଇସଲାମ ତରବାରୀ ବଳରେ ପ୍ରସାର ଲାଭ କରିଛି । କିନ୍ତୁ ମୁଁ କହୁଛି ଏହା ସତ୍ୟ ନୁହେଁ । ଅସଲ କଥା ହେଉଛି ସେମାନଙ୍କ ହୃଦୟର ସୂକ୍ଷ୍ମ ନାଳ ଅଜ୍ଞାପାଳନର ଜଳରେ ପରିପୂର୍ଣ୍ଣ ହୋଇ ପ୍ରବାହିତ ହେଉଥିଲା । ଏହା ସେହି ଆଜ୍ଞାପାଳନ ଓ ଏକତାବଦ୍ଧର ପରିଣାମ ଯେ ସେମାନେ ଅନ୍ୟର ହୃଦୟକୁ ମଧ୍ୟ ଜୟ କରିପାରିଲେ...। ତୁମେ ଯଦି ହଜରତ ମସିହ ମଉଦ[ଅସ]ଙ୍କ ଜମାଅତର ଅନୁଗାମୀ ବୋଲାଇ ଅନୁଚରମାନଙ୍କ ଗୋଷ୍ଠୀରେ ଅନ୍ତର୍ଭୁକ୍ତ ହେବାର ଆଶା ବାନ୍ଧିଛ, ତେବେ ନିଜ ଅନ୍ତରରେ ସେମାନଙ୍କ ପରି ଆଦର୍ଶର ରଙ୍ଗ ସୃଷ୍ଟି କର । ତାଙ୍କ ପରି ଆଜ୍ଞାବହ ହୁଅ ଓ ତାଙ୍କ ପରି ପାରସ୍ପରିକ ପ୍ରେମ ଓ ଭାତୃଭାବ ଉତ୍ପନ୍ନ କର । ବସ୍ତୁତଃ ପ୍ରତ୍ୟେକ ସଦଗୁଣର ରଙ୍ଗରେ ରଙ୍ଗାୟୀତ ହୋଇ ତୁମେ ସେହି ଆଚରଣ ପ୍ରଦର୍ଶନ କର, ଯାହାକି ଅନୁଚରମାନଙ୍କର ଥିଲା ।

*(ତଫସିର୍ ହଜରତ ମସିହ ମଉଦ[ଅସ], ଭାଗ ୨, ପୃ ୨୪୬ -୨୪୮)*

ସୁତରାଂ ଅଲ୍ଲାଃତାଲା ଆମକୁ ସାମର୍ଥ୍ୟ ଦିଅନ୍ତୁ ଯେ ଆମେ ଖିଲାଫତ୍ ରୂପକ ଶ୍ରେଷ୍ଠତମ ଐଶି ପୁରସ୍କାର ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରି ନିଜ ପ୍ରତିଶ୍ରୁତିକୁ ପୂରଣ କରିବା ଓ ଜୀବନର ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ଖଲିଫାଙ୍କ ପ୍ରତି ଦୃଢ ଅନୁରକ୍ତି ଦେଖାଇବା । ଏହାର ଫଳ ସ୍ୱରୂପ ଏହି ପୁରସ୍କାର ଆମ ଆଗାମୀ ବଂଶଧରମାନଙ୍କୁ ମଧ୍ୟ ପ୍ରାପ୍ତ ହୋଇ ଚାଲିଥିବ । ଆମିନ୍ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ସାମର୍ଥ୍ୟ ମଧ୍ୟ ପ୍ରଦାନ କରନ୍ତୁ ଯେ ଆମେ କେବଳ ଖଲିଫାଙ୍କ ମଧୁର ବଚନକୁ ଶୁଣିବା ନାହିଁ, ବରଂ ତଦନୁଯାୟୀ ପାଳନ କରିବା । ଅଲ୍ଲାଃ କରନ୍ତୁ ଯେ ଆମେ ତାଙ୍କ ଇଚ୍ଛା ଅନୁସାରେ ଖିଲାଫତ୍ର ଶ୍ରେଷ୍ଠ ପୁରସ୍କାର ପ୍ରତି ସୁରକ୍ଷା ପ୍ରଦାନକାରୀ ସାବ୍ୟସ୍ତ ହୋଇପାରିବା ଓ ଏହାକୁ ସମ୍ଭାଳିବାରେ ସକ୍ଷମ ହୋଇପାରିବା ।

# خلافت کا فیضان

خُدا کا یہ احسان ہے ہم پہ بھاری     کہ جس نے ہے اپنی یہ نعمت اُتاری
نہ مایوس ہونا گھٹن ہو نہ طاری     رہے گا خلافت کا فیضان جاری

نبوت کے ہاتھوں جو پودا لگا ہے     خلافت کے سائے میں پھولا پھلا ہے
یہ کرتی ہے اس باغ کی آبیاری     رہے گا خلافت کا فیضان جاری

خلافت سے کوئی بھی ٹکر جو لے گا     وہ ذلت کی گہرائی میں جا گرے گا
خدا کی یہ سنّت ازل سے ہے جاری     رہے گا خلافت کا فیضان جاری

خدا کا ہے وعدہ خلافت رہے گی     یہ نعمت تمہیں تاقیامت ملے گی
مگر شرط اس کی اطاعت گزاری     رہے گا خلافت کا فیضان جاری

محبت کے جذبے، وفا کا قرینہ     اخوت کی نعمت، ترقی کا زینہ
خلافت سے ہی برکتیں ہیں یہ ساری     رہے گا خلافت کا فیضان جاری

الٰہی ہمیں تو فراست عطا کر     خلافت سے گہری محبت عطا کر
ہمیں دکھ نہ دے کوئی لغزش ہماری     رہے گا خلافت کا فیضان جاری

(محترمہ صاحبزادی امتہ القدوس بیگم صاحبہ)

# ଖିଲାଫତ୍ କା ଫୈଜାନ୍

ଖୁଦା କା ୟେ ଏହ୍‌ସାଁ ହୈ ହମ୍ ପେ ଭାରୀ,
କେ ଯିସ୍‌ନେ ହୈ ଅପ୍‌ନି ୟେ ନେମତ୍ ଉତାରୀ
ନା ମାୟୁସ୍ ହୋନା ଘୁଟନ୍ ହୋ ନା ତାରୀ
**ରହେଗା ଖିଲାଫତ୍ କା ଫୈଜାନ୍ ଜାରୀ ॥**

ନବୁଓ୍ୱତ୍ କେ ହାଥୋଁ ଯୋ ପୌଦା ଲଗା ହୈ
ଖିଲାଫତ୍ କେ ସାୟେ ମେଁ ଫୁଲା ଫଲା ହୈ
ୟେ କରତି ହୈ ଇସ୍ ବାଗ୍ କୀ ଆବ୍‌ୟାରୀ
**ରହେଗା ଖିଲାଫତ୍ କା ଫୈଜାନ୍ ଜାରୀ ॥**

ଖିଲାଫତ୍ ସେ କୋଇ ଭି ଟକ୍କର୍ ଯୋ ଲେଗା
ଓ୍ୱ ଜିଲ୍ଲତ୍ କୀ ଗହରାଇ ମେଁ ଯା ଗିରେଗା
ଖୁଦା କୀ ୟେ ସୁନ୍ନତ୍ ଅଜଲ୍ ସେ ହୈ ଜାରୀ
**ରହେଗା ଖିଲାଫତ୍ କା ଫୈଜାନ୍ ଜାରୀ ॥**

ଖୁଦା କା ହୈ ଓ୍ୱାଦା ଖିଲାଫତ୍ ରହେଗୀ
ୟେ ନେମତ୍ ତୁମ୍‌ହେ ତାକୟାମତ୍ ମିଲେଗୀ
ମଗର୍ ଶର୍ତ୍ ଉସ୍‌କୀ ଇତାଅତ୍ ଗୁଜାରୀ
**ରହେଗା ଖିଲାଫତ୍ କା ଫୈଜାନ୍ ଜାରୀ ॥**

ମୋହବତ୍ କେ ଜଜ୍‌ବେ ଓ୍ୱଫା କା କରୀନା
ଅଖୁଓ୍ୱତ୍ କୀ ନେମତ୍ ତରକ୍‌କୀ କା ଜୀନା
ଖିଲାଫତ୍ ସେ ହୀ ବର୍‌କତେଁ ହୈ ୟେ ସାରୀ
**ରହେଗା ଖିଲାଫତ୍ କା ଫୈଜାନ୍ ଜାରୀ ॥**

ଏଲାହୀ ହମେଁ ତୁ ଫରାସତ୍ ଅତା କର୍
ଖିଲାଫତ୍ ସେ ଗହ୍‌ରୀ ମୁହବତ୍ ଅତା କର୍
ହମେଁ ଦୁଖ୍ ନା ଦେ କୋଇ ଲଗଜିଶ୍ ହମାରୀ
**ରହେଗା ଖିଲାଫତ୍ କା ଫୈଜାନ୍ ଜାରୀ ॥**

# ଖିଲାଫତ୍‌ର ଆଶୀର୍ବାଦ

ପ୍ରଭୁଙ୍କ କରୁଣା ଆମ ପ୍ରତି କେତେ
ଭାରି ପଡ଼ିଅଛି ଭାଇ
ପୁରସ୍କାର କେତେ ଅଜାଡ଼ି ଦେଇଛି
ଏକା ସେ ଜଗତ ସାଇଁ ।
ନଆସୁ ଜୀବନେ ଦୁଃଖ ଅବା କ୍ଲେଶ
ପ୍ରଭୁଙ୍କ ନିକଟେ ନହୁଅ ନିରାଶ
**ଖିଲାଫତ୍ କୃପା ସଦା ବରଷିବ, ରୋକି କେ ପାରିବ ନାହିଁ ।।**

ନବୁଓ୍ୱତ ହସ୍ତେ ହୋଇଛି ରୋପିତ
ଖିଲାଫତ୍ ତାକୁ କରେ ପଲ୍ଲବିତ
ବଗିଚାର ମାଳୀ ବଞ୍ଚାଇଛି ଗଛ
ତା'ମୂଳରେ ପାଣି ଦେଇ ।
**ଖିଲାଫତ୍ କୃପା ସଦା ବରଷିବ, ରୋକି କେ ପାରିବ ନାହିଁ ।।**

ଖିଲାଫତ୍ ସହ ଟକ୍କର ଯେ ନେବ
ଲଜ୍ଜା ଅପମାନ ଭୋଗିବାକୁ ହେବ
ବିଧିର ବିଧାନ ନ ହୋଇବ ଆନ
ଅତୀତ କାଳରୁ ଏହି ।
**ଖିଲାଫତ୍ କୃପା ସଦା ବରଷିବ, ରୋକି କେ ପାରିବ ନାହିଁ ।।**

ପ୍ରଭୁଙ୍କ ସଂକଳ୍ପ ପ୍ରଳୟ ପର୍ଯ୍ୟନ୍ତ
ଖିଲାଫତ୍ ସଦା ରହିଛି ରହିବ
ଏହି ପୁରସ୍କାର ପାଇବାକୁ ସର୍ତ୍ତ
ରହ ଆଜ୍ଞାବହ ହୋଇ ।
**ଖିଲାଫତ୍ କୃପା ସଦା ବରଷିବ, ରୋକି କେ ପାରିବ ନାହିଁ ।।**

ପ୍ରେମର ଆବେଗ ଭକତି ସୁଆଗ
ଭ୍ରାତୃଭାବ ଅବା ପ୍ରଗତି ପାହାଚ
ଖିଲାଫତେ ଅଛି ସକଳ କଲ୍ୟାଣ
ପାଶୋରି ନଯାଅ କେହି ।
**ଖିଲାଫତ୍ କୃପା ସଦା ବରଷିବ, ରୋକି କେ ପାରିବ ନାହିଁ ।।**

ଦିଅ ସୂକ୍ଷ୍ମ ଜ୍ଞାନ ପ୍ରଭୁ ଜନାର୍ଦ୍ଦନ
ଖିଲାଫତ୍ ସହ ଆନ୍ତରିକ ପ୍ରେମ
ଆମ ହତବୁଦ୍ଧି ନଆସୁ ଜୀବନେ
ଦୁଃଖର କାରଣ ହୋଇ ।
**ଖିଲାଫତ୍ କୃପା ସଦା ବରଷିବ, ରୋକି କେ ପାରିବ ନାହିଁ ।।**

*(ସମ୍ମାନୀୟା ସାହେବଜାଦୀ ଅମତୁଲ କୁଦ୍‌ଦୁସ୍ ବେଗମ୍ ସାହିବା)*